

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୩ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 23 NOVEMBER 2021

Vol.No. 32 ■ No. 298 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର୍ ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଲକ୍ଷ୍ନୌରେ ଗର୍ଜିଲେ ରାକେଶ ଟିକାୟତ

### ହତ୍ୟାକାରୀକୁ ହିରୋ କଲେ ଜାରି ରହିବ ଆନ୍ଦୋଳନ



ନୂଆଦିଲ୍ଲୀ,୨୨/୧୧: ଚାଷୀ ନେତା ରାକେଶ ଟିକାୟତ ସୋମବାର ଲକ୍ଷ୍ନୌର ବଙ୍ଗଳା ବଜାର ସ୍ଥିତ ଇକୋ ଗାର୍ଡେନରେ କିସାନ ମହାପଞ୍ଚାୟତକୁ ସମ୍ବୋଧନ କରିଥିଲେ । ଏହି ଅବସରରେ ସେ କହିଥିଲେ କି, ଚାଷୀମାନେ ଏବେ ଆନ୍ଦୋଳନ ସ୍ଥଗିତ କରିବା ମୁଡରେ ନାହାନ୍ତି । ତାଙ୍କ କହିବାଅନୁସାରେ ଗୃହରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ଗିରଫ କରିବା ତାଙ୍କର ପ୍ରମୁଖ ଦାବି । ସରକାରଙ୍କୁ ଟାର୍ଗେଟ କରି ଟିକାୟତ କହିଛନ୍ତି କି, ସରାକର ହତ୍ୟାକାରୀକୁ ହିରୋ କରିବାକୁ ଚେଷ୍ଟା କରୁଛନ୍ତି । ଯଦି ଏମିତି ହୁଏ ତେବେ ଆମ ଆନ୍ଦୋଳନ ଆଉ ବନ୍ଦ ହେବନି ବରଂ ଜାରି ରହିବ । ସେ ଆହୁରି କହିଛନ୍ତି କୃଷି ଆଇନ ପ୍ରତ୍ୟାହାର ସମ୍ପର୍କରେ ଘୋଷଣା କରିବା ପରେ ବି ସରକାର କୃଷକମାନଙ୍କ ସହ ଆଲୋଚନା କରିବାକୁ ରାଜି ହେଉନାହାନ୍ତି । ସରକାର ପ୍ରକୃତରେ କୃଷି ଆଇନ ପ୍ରତ୍ୟାହାର କଲେ ଯାଇ ଆମେମାନେ ଘରୁ ଫେରିବା ଆରମ୍ଭ କରିବୁ । ସୂଚନାଯୋଗ୍ୟ ଯେ, କୃଷି ଆଇନ ପ୍ରତ୍ୟାହାର ପରେ କୃଷକମାନେ ଆଉ ୬ଟି ଦାବି ରଖିଛନ୍ତି । ସେଗୁଡ଼ିକ ମଧ୍ୟରେ ରହିଛି ଏମଏସପିକୁ ଆଇନଗତ ସୁରକ୍ଷା, କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ବହିଷ୍କାର, ଆନ୍ଦୋଳନକାରୀ କୃଷକଙ୍କ ନାମରୁ ମାମଲା ପ୍ରତ୍ୟାହାର ଇତ୍ୟାଦି ।

## ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହେଲେ ଓଡ଼ିଆ ବାୟୁସେନା ଅଧିକାରୀ ଦିଲ୍ଲୀପ ପଟ୍ଟନାୟକ

ନୂଆଦିଲ୍ଲୀ,୨୨/୧୧: ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହେଲେ ଓଡ଼ିଆ ବାୟୁସେନା ଅଧିକାରୀ । ଏୟାର ମାର୍ଶଲ ଦିଲ୍ଲୀପ ପଟ୍ଟନାୟକଙ୍କୁ ସମ୍ମାନିତ କରିଛନ୍ତି ରାଷ୍ଟ୍ରପତି । ଅତି ବିଶିଷ୍ଟ ସେବା ମେଡାଲରେ ସମ୍ମାନିତ କରିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ । ନିକଟରେ ସେ ଇଷ୍ଟର୍ଣ୍ଣ ଏୟାର କମାଣ୍ଡର ମୁଖ୍ୟ କମାଣ୍ଡର ନିଯୁକ୍ତ ହୋଇଛନ୍ତି । ପ୍ରଥମ ଓଡ଼ିଆ ଭାବେ ତାଙ୍କୁ ଏହି ଦାୟିତ୍ୱ ମିଳିଛି । ଭୁବନେଶ୍ୱରରେ ଦିଲ୍ଲୀପଙ୍କ ଘର ହୋଇଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟ ଏକରେ ପାଠ ପଢ଼ିଥିଲେ । ନିଜର ଉଚ୍ଚମାନର କର୍ତବ୍ୟ ସମ୍ପାଦନ ପାଇଁ ସେ ବାୟୁସେନା ମେଡାଲରେ ▶▶ପୃଷ୍ଠା ୭

## ପଞ୍ଚାୟତ ନିର୍ବାଚନ ପୂର୍ବରୁ ପ୍ରତିବାଦ ରାଜନୀତି



ଭୁବନେଶ୍ୱର,୨୨/୧୧(ନି.ପ୍ର): ଲଢେଇ ଚାଲିଛି ରାଜରାସ୍ତା ବନାମ ହାଣ୍ଡିଶାଳ । ମମିତା ମେହେର ମାମଲାରେ ବିଜେପି ଆନ୍ଦୋଳନକୁ ତୀବ୍ର କରିଥିବା ବେଳେ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛି ଶାସକ ଦଳ । ପଞ୍ଚାୟତ ନର୍ବାଚନ ପୂର୍ବରୁ ଚାଲିଥିବା ଏହି ବଳ କଷାକଷି ଲୋକଙ୍କୁ ନିଜ ପଟକୁ ଆକର୍ଷିତ କରିବା ଓ ଶକ୍ତି ପ୍ରଦର୍ଶନ କରିବାର ଏକ ମାଧ୍ୟମ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ସେପଟେ କଂଗ୍ରେସ ସାମ୍ବାଦିକ ସମ୍ମିଳନୀ ଜରିଆରେ ମମିତା ମେହେରଙ୍କ ବାପାମାଆଙ୍କ ଭିଡିଓ ଉପରେ ପ୍ରଶ୍ନ ଉଠାଇଛି । ପଞ୍ଚାୟତ ନିର୍ବାଚନ ପୂର୍ବରୁ ପ୍ରତିବାଦ ରାଜନୀତି । ବିରୋଧୀଙ୍କ ପରେ ରାସ୍ତାକୁ ଓହ୍ଲାଇଲା ବିଜେଡି । ଆଗକୁ ଆସୁଛି ପଞ୍ଚାୟତ ଓ ପୌର ନିର୍ବାଚନ । ଏହା ପୂର୍ବରୁ ଜୋର ହେଉଛି ପ୍ରତିବାଦ ରାଜନୀତି । ମମିତା ମେହେର ପ୍ରସଙ୍ଗରେ ବିରୋଧୀ ପ୍ରତିବାଦ ଜାରି ରଖିଥିବାବେଳେ, ଦରଦାମକୁ ପ୍ରସଙ୍ଗ କରି ରାସ୍ତାକୁ ଓହ୍ଲାଇଛି ବିଜେଡି । ଦରଦାମ ବୃଦ୍ଧି ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛି ବିଜେଡି । ବିଶେଷ କରି ପ୍ରତ୍ୟକ ପରିବାରର ହାଣ୍ଡିଶାଳ ଉପରେ ସିଧାସଳଖ ପ୍ରଭାବ ପକାଉଥିବା ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ କଟକ ଆରଡିସି ଅଫିସ ସମେତ ଭୁବନେଶ୍ୱରର ତିନୋଟି ସ୍ଥାନରେ ପ୍ରତିବାଦ କରିଛନ୍ତି ବିଜୁ ଯୁବ, ଛାତ୍ର ଓ ମହିଳା ମୋର୍ଚ୍ଚା କର୍ମୀ । ଚୁଲି ଜାଳି ▶▶ପୃଷ୍ଠା ୭

## ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଶିଶୁ ଚୋରି ଘଟଣା : ଗିରଫ ହେଲେ ବାପା-ଆଈ

ଭୁବନେଶ୍ୱର,୨୨/୧୧(ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ନବଜାତ ଶିଶୁ ଚୋରି ଘଟଣା । ଶିଶୁ କନ୍ୟାର ବାପା ଆଈକୁ ଗିରଫ କଲା ପୋଲିସ । ଗତ ଶନିବାର ଶିଶୁକନ୍ୟାକୁ ଚୋରି ନେଇ ଅଭିଯୋଗ ହୋଇଥିଲା । ସିସିଟିଭି ଆଧାରରେ ତଦନ୍ତ ଚଳାଇଥିଲା ପୋଲିସ । ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଏକ ନବଜାତ ଶିଶୁ କନ୍ୟା ଶନିବାର ଚୋରିହେବା ଘଟଣା ଅଂଚଳରେ ଚର୍ଚ୍ଚା ବିଷୟ ହୋଇଥିଲା । ରବିବାର ଦିନ ସହର ଠାରୁ ୧୨ କିମି ଦୂର ଅର୍ଜୁନପୁର ଠାରୁ କନ୍ୟାଟି ଉଦ୍ଧାର ହୋଇଥିଲା । ଶିଶୁଟିକୁ ଏକ ଲୁଗାରେ ଘୋଡ଼ାଇ ସେଠାରେ ପକାଇ ଦିଆଯାଇଥିଲା । ଶିଶୁଟି ସୁସ୍ଥ ଥିବା ବେଳେ ତାକୁ ଏସଏନସିୟୁରେ ରଖାଯାଇଥିଲା । ଏହି ଘଟଣାରେ ପୋଲିସ ଶିଶୁଟିର ବାପା ଗଜେନ୍ଦ୍ର ତାଣ୍ଡିଆ ଏବଂ ଆଈ ପାନ୍ତି ଜାଲଙ୍କୁ ଅଟକ ରଖି ପଚରା ଉଚରା କରାଯାଇଥିଲା । ତେବେ ବିରମହାରାଜପୁର ବ୍ଲକ ଷଣ୍ଢ ଗାଁର ଗଜେନ୍ଦ୍ର ତାଣ୍ଡିଆଙ୍କ ପତ୍ନୀ ସନ୍ତୋଷିନୀ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ । ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ । ଶନିବାର ସକାଳେ ଜଣେ ମହିଳା ଶିଶୁଟିକୁ ଟିକା ଦେବା ବାହାନାରେ ନବଜାତ ଶିଶୁ କନ୍ୟାକୁ ଚୋରି କରିନେଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ ହୋଇଥିଲା ।

## ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୨୨/୧୧(ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତି ଜନନାୟକ ବିପ୍ଳବୀ ବୀର ଶହୀଦ୍ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ଗୃହମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବିଜେପିର ହୋ-ହାଲ୍ଲା

ଭୁବନେଶ୍ୱର,୨୨/୧୧(ନି.ପ୍ର): କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ସନ୍‌ସାଇନ୍ ପବ୍ଲିକ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାରେ ରାଜ୍ୟ ଗୃହରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ତୁରନ୍ତ ବହିଷ୍କାର, ଗିରଫ ଓ ସିବିଆଇ ତଦନ୍ତ ଦାବିରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ପକ୍ଷରୁ ନବୀନ ନିବାସ ଘେରାଉ କରାଯାଇଛି । ଭୁବନେଶ୍ୱର ରାଜମହଲ ଛକ ଠାରୁ ଶତାଧିକ ବିଜେପି କର୍ମୀ ହଲ୍ଲାବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ଶୋଭାଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଉଦ୍ୟମ କରିଥିଲେ । ତେବେ ଶିଶୁ ଭବନ ଛକ ଠାରେ ପୋଲିସ୍ ଆନ୍ଦୋଳନକାରୀମାନଙ୍କୁ ଅଟକାଇଥିଲା । ଫଳରେ ବିଜେପି କର୍ମୀ - ପୋଲିସ୍ ସହ ମୁହାଁମୁହିଁ ହୋଇଥିଲେ । ପୋଲିସ କେତେକ ବିଜେପି କର୍ମୀଙ୍କୁ ଟେକି ନେଇଥିଲା । କିଛି ଆନ୍ଦୋଳନକାରୀଙ୍କୁ ପୋଲିସ୍ ଅଟକ ରଖିଥିବା ଜଣାପଡିଛି ।

## ସାହାରା କମ୍ପାନୀରେ ଟଙ୍କା ଲଗାଇ ହନ୍ତସନ୍ତ ହେଉଛନ୍ତି ଜମାକାରୀ

### କୋର୍ଟଙ୍କ ନିର୍ଦ୍ଦେଶ ପରେ ବି ଟଙ୍କା ଫେରାଉନାହିଁ କମ୍ପାନୀ




ଭୁବନେଶ୍ୱର,୨୨/୧୧(ନି.ପ୍ର): କୋର୍ଟଙ୍କ ନିର୍ଦ୍ଦେଶ ପରେ ବି ଜମାକାରୀଙ୍କୁ ଟଙ୍କା ଫେରାଉ ନାହିଁ ସାହାରା କମ୍ପାନୀ । ଜମା ଟଙ୍କାର ମାଚ୍ୟୁରିଟି ହୋଇଯାଇଥିଲେ ବି ଟଙ୍କା ମିଳୁନାହିଁ । ଭୁବନେଶ୍ୱରରେ ଏନେଇ କମ୍ପାନୀ ବିରୋଧ ଆରମ୍ଭ ହୋଇଛି ବିକ୍ଷୋଭ । କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖାରେ କମ୍ପାନୀ ବିରୋଧରେ ଏତଲା ଦେଇଛନ୍ତି ଜମାକାରୀ ଏବଂ ଏଜେଣ୍ଟ । ସାହାରା କମ୍ପାନୀରେ ଟଙ୍କା ଲଗାଇ ଏବେ ଜମାକାରୀ ହନ୍ତସନ୍ତ । ଚିଟଫଣ୍ଡ ପଇସା ଫେରାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ହେଲେ କମ୍ପାନୀ ଏପର୍ଯ୍ୟନ୍ତ ଟଙ୍କା ନଫେରାଇ ଥିବାର ହେଉଛି ଅଭିଯୋଗ । ଏ ନେଇ ସାହାରା କମ୍ପାନୀ ବିରୋଧରେ ଇଓଡବ୍ଲୁ ଅଫିସରେ ଏତଲା ଦେଇଛନ୍ତି ଜମାକାରୀ । କୋର୍ଟଙ୍କ ନିର୍ଦ୍ଦେଶ ପରେ ବି ସାହାରା କମ୍ପାନୀ ଜମାକାରୀଙ୍କ ଟଙ୍କା ଫେରାଇନି । ଆଉ ଟଙ୍କା କେମିତି ପାଇବେ ଚିନ୍ତା କରି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖାରେ କମ୍ପାନୀ ବିରୋଧରେ ଏତଲା ଦେଇଛନ୍ତି ଜମାକାରୀ । ଗଂଜାମର ୧୫ରୁ ଅଧିକ କ୍ଷତିଗ୍ରସ୍ତ ପାଖାପାଖି ହଜାରେରୁ ଅଧିକ କ୍ଷତିଗ୍ରସ୍ତଙ୍କ ଅଭିଯୋଗ ଧରି ଏତଲା ଦେଇଛନ୍ତି । କମ୍ପାନୀର ତିନୋଟି ସୋସାଇଟି, ମାଲିକ ସୁବ୍ରତ ରୟ, ବିଭିନ୍ନ ବ୍ରାଂଚ ଅଫିସର ମ୍ୟାନେଜର ଏବଂ ଓଡିଶା ଦାୟିତ୍ୱରେ ଥିବା ବାବୁ ବସ୍ତିଆ, ସୀମା ଦାସଙ୍କ ବିରୋଧରେ ଏତଲା ଦେଇଛନ୍ତି। ଜଣେ ଜମାକାରୀ ଯିଏ କି ଜମି ବିକି, ଝାଳବୁହା ପରିଶ୍ରମରେ ରୋଜଗାର କରି ଅଧିକ ▶▶ପୃଷ୍ଠା ୭

## ବାହା ହେବାକୁ ପୁଅ ଆସିଲାନି ! ବଧୂ ବେଶରେ ବର ଘର ଆଗରେ ଧାରଣାରେ ବସିଛନ୍ତି କନ୍ୟା



ବ୍ରହ୍ମପୁର,୨୨/୧୧ (ନି.ପ୍ର): ବାହା ହେବାକୁ ଆସିଲେନି ଡାକ୍ତର ବର। ଅପେକ୍ଷା କରି କରି ବଧୂ ବେଶରେ ସଜେଇ ହୋଇ ଶଙ୍ଖ ଓ ମହୁରୀ ବଜାଇ ଭାବି ସ୍ୱାମୀଙ୍କ ଘରେ ପହଞ୍ଚିଥିଲେ ଡାକ୍ତରାଣୀ ଯୁବତୀ । ଆଉ ବାହା ହେବା ପାଇଁ ଜିଦ୍ ଧରି ବସିଲେ। ହେଲେ ବର ଘର ଲୋକେ ବାହାରକୁ ଆସିଲେନି। ଏପଟେ ନ୍ୟାୟ ପାଇଁ ଯୁବତୀ ଜଣକ ବର ଘର ସମ୍ମୁଖରେ ଧାରଣାରେ ବସିଛନ୍ତି। ବାହାଘର ନହେଲା ପର୍ଯ୍ୟନ୍ତ ଉଠିବେ ନାହିଁ ବୋଲି କହିଛନ୍ତି। ଆଜି ଦିନ ତମାମ ବ୍ରହ୍ମପୁର ସହରରେ ଚାଲିଛି ଡାକ୍ତର ଦମ୍ପତିଙ୍କ ଏପରି ହାଇ ଡ୍ରାମା। ଡିମ୍ପଲ ଦାଶ ଜଣେ ହୋମିଓପାଥିକ୍ ଡାକ୍ତର। ସେ ବ୍ରହ୍ମପୁର ଟାଉନ୍‌ରେ ରୁହନ୍ତି। ତାଙ୍କର ଦେଖାହୁଏ ଏଲୋପାଥିକ୍ ଡାକ୍ତର ସସ୍ମିତ ସାହୁଙ୍କର ସହ। ପ୍ରଥମ ଦେଖାରେ ଉଭୟଙ୍କ ଭିତରେ ଗଢ଼ି ଉଠେ ବନ୍ଧୁତା। ପରବର୍ତ୍ତୀ ସମୟରେ ବନ୍ଧୁତା ପ୍ରେମର ରୂପ ନେଇଥିଲେ। ଉଭୟ ପରସ୍ପରକୁ ପ୍ରେମ କରୁଥିଲେ। ଯେଉଁଥିପାଇଁ ଡାକ୍ତର ଡିମ୍ପଲ ଓ ଡାକ୍ତର ସସ୍ମିତ ଦୀର୍ଘ ୭ ମାସ ଧରି ଲିଭ୍ ଇନ୍ ରିଲେସନ୍‌ସିପ୍‌ରେ ରହୁଥିବା ଅଭିଯୋଗ ହୋଇଛି। ପରେ ରେଜିଷ୍ଟ୍ରି ମ୍ୟାରେଜ କରିଥିଲେ ବୋଲି ଡମ୍ପଲ କହିଛନ୍ତି। ଏହା ପରେ ଦୁଇ ପରିବାର ସହମତିରେ ବୈଦିକ ରୀତିନୀତିରେ ବାହାଘର କରିବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା।

## ୩ ମାସରେ ଭିଜିଲାନ୍ସ ଜାଲରେ ଆଇସିଡିଏସ୍ ର ୮ ମହିଳା କର୍ମଚାରୀ



ଭୁବନେଶ୍ୱର,୨୨/୧୧ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ୍ ର ଛତିଆଗୁଡା ସେକ୍ଟର ସମନ୍ୱିତ ମହିଳା ଶିଶୁ ବିକାଶ (ଆଇସିଡିଏସ୍) ସୁପରଭାଇଜର ହର୍ଷମଣି ଦେଇ ଲାଂଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଅଭିଯୋଗକାରୀଙ୍କ ଭଉଣୀଙ୍କୁ ଅଙ୍ଗନବାଡୀ କର୍ମୀ ଭାବେ ନିଯୁକ୍ତି ଦେବା ପାଇଁ ୮୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ସିନାପାଲି ବସ୍ ଷ୍ଟାଣ୍ଡରୁ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ । ଚାକିରୀ କରାଇ ଦେବା ପାଇଁ ହର୍ଷମଣି ୧ ଲକ୍ଷ ଟଙ୍କା ଲାଂଚ ମାଗିଥିଲେ । ତେବେ ୮୦ ହଜାରରେ କଥା ଛିଡିଥିଲା। ଭିଜିଲାନ୍ସ ତାଙ୍କ ଠାରୁ ୮୦ ହଜାର ଟଙ୍କା ଜବତ କରିବା ସହ ଗିରଫ କରିଛି। ତେବେ ହର୍ଷମଣି ଏକା ନୁହନ୍ତି। ଗତ ୩ ମାସ ମଧ୍ୟରେ ସମନ୍ୱିତ ମହିଳା ଶିଶୁ ବିକାଶ (ଆଇସିଡିଏସ୍) ଅଧୀନରେ କାର୍ଯ୍ୟରତ ୮ ଜଣ ମହିଳା କର୍ମଚାରୀ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ ୨୦୨୧ ଅଗଷ୍ଟ ୨୪ରେ ମାଳିଲତା ଦାସ, ସୁପରଭାଇଜର, ସିଡିପିଓ, ଭଦ୍ରକ ; ୨୦୨୧ ସେପ୍ଟେମ୍ବର ୧୪ରେ କବିତା ମାଥନ, ଅଙ୍ଗନବାଡ଼ି କର୍ମୀ, ଭୁବନେଶ୍ୱର;୨୦୨୧ ସେପ୍ଟେମ୍ବର ୩୦ରେ ସୁବର୍ଣ୍ଣ ସିଂହ, ଆଇସିଡିଏସ୍ ସୁପରଭାଇଜର, ନୀଳଗିରି, ▶▶ପୃଷ୍ଠା ୭

## ମହଙ୍ଗା ପଡ଼ିଲା ଟ୍ରାଫିକ ନିୟମ ଉଲ୍ଲଂଘନ : ପୋଲିସ ମାଡରେ ବାଇକରୁ ପଡି ୩ ଜଣ ଆହତ

ଭୁବନେଶ୍ୱର,୨୨/୧୧(ନି.ପ୍ର): ମହଙ୍ଗା ପଡ଼ିଲା ଟ୍ରାଫିକ ନିୟମ ଉଲ୍ଲଂଘନ । ଟ୍ରାଫିକ ନିୟମ ଭାଙ୍ଗି ବାଇକରେ ଯିବା ବେଳେ ପୋଲିସ ଅଟକାଇଥିଲା । ଘଟଣାସ୍ଥଳରୁ ଖସିଯିବା ସମୟରେ ପୋଲିସ ମାଡ଼ରେ ବାଇକରୁ ପଡ଼ି ୩ଜଣ ଆହତ ହୋଇଛନ୍ତି । ଏହି ଘଟଣାର ଭିଡ଼ିଓ ଭାଇରାଲ ହେବାରେ ଲାଗିଛି । ବ୍ରହ୍ମପୁର ଗୋଷାଣୀ ନୂଆଗାଁ ଥାନା ଓଭରବ୍ରିଜ ନିକଟରେ ରବିବାର ସଂଧ୍ୟାରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ଅଟକାଇ ଜରିମାନା ପକାଯାଉଥିଲା । ଠିକ୍ ଏହି ସମୟରେ ଏକ ବାଇକରେ ୩ଜଣ ଯୁବକ ଯାଉଥିବା ବେଳେ ପୋଲିସ କର୍ମଚାରୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ । ତେବେ ସେମାନଙ୍କୁ ଚକମା ଦେଖାଇ ଯୁବକ ୩ଜଣ ବାଇକରେ ଖସି ପଳାଉଥିବା ବେଳେ ସାଧା ପୋଷାକରେ ଥିବା ଜଣେ ପୋଲିସ କର୍ମଚାରୀ ତାଙ୍କୁ ପଛପଟୁ ଲାଠିରେ ପିଟିଥିଲେ । ଫଳରେ ସେମାନେ ଚଳନ୍ତା ବାଇକରୁ ରାସ୍ତାରେ ପଡ଼ିଯାଇଥିଲେ । ଗୁରୁତର ଆହତ ହୋଇଥିବା ୩ଜଣଙ୍କୁ ଏମକେସିଜି ମେଡ଼ିକାଲରେ ଭର୍ତି କରାଯାଇଛି ।

## ମମିତା ହତ୍ୟା ଘଟଣା : ଅଭିଯୁକ୍ତ ଓ ତାଙ୍କ ସୁରକ୍ଷାଦାତାଙ୍କ ପଲିଗ୍ରାଫ ଟେଷ୍ଟ କରିବାକୁ କଂଗ୍ରେସର ଦାବି

ଭୁବନେଶ୍ୱର,୨୨/୧୧ (ନି.ପ୍ର): ମମିତା ହତ୍ୟାକାଣ୍ଡ ଘଟଣାରେ ବିରୋଧିଙ୍କୁ ପ୍ରମାଣ ମଗାଯାଉଛି। ଗୋବିନ୍ଦ ସାହୁ, ଗୃହମନ୍ତ୍ରୀ ଓ ତାଙ୍କର ସହଯୋଗୀ, ଉଭୟ ଜିଲ୍ଲାର ଏସ୍‌ପି, ଡିଆଜି ସହ ବିଜେଡ଼ି ସାଂଗଠନିକ ସମ୍ପାଦକଙ୍କ ପଲିଗ୍ରାଫ ଟେଷ୍ଟ କରାଗଲେ ତଥ୍ୟ ସହ ପ୍ରମାଣ ମଧ୍ୟ ମିଳିପାରିବ। ତେଣୁ ଏମାନଙ୍କ କଲ ଡିଟେଲ ସହ ପଲିଗ୍ରାଫ ଟେଷ୍ଟ କରିବାକୁ ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ନୟାଗଡର ପରୀ ହତ୍ୟା ମାମଲା ଓ ଚିଟଫଣ୍ଡ ତଦନ୍ତ ବେଳେ ନବୀନ ନିବାସର ସରୋଜର ବ୍ୟବହାର ପଲିଗ୍ରାଫ୍ ଟେଷ୍ଟ କୁ ନେଇ ଓଭର ରିଆକ୍ଟ କରୁଥିଲେ । ମମିତା ମେହେର ମାମଲାରେ ବି ଗୃହରାଷ୍ଟ୍ର ମନ୍ତ୍ରୀ ଓ ବିଜେଡ଼ି ସାଂଗଠନିକ ସଂପାଦକଙ୍କ ଓଭରରିଆକ୍ସନ ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତପୂର୍ବରୁ ଉଭୟ ମନ୍ତ୍ରୀ ଓ ସାଂଗଠନିକ ସଂପାଦକ ପୋଲିସ୍ ଓ ପ୍ରଶାସନକୁ ନେଇ କଳାହାଣ୍ଡିର କୋଣ ଅନୁକୋଣ ବୁଲିଛନ୍ତି। ଏମାନେ ତଥ୍ୟ ପ୍ରମାଣ ନଷ୍ଟ କରିଛନ୍ତିକି ବୋଲି ପ୍ରଶ୍ନ କରି ସେଥିପାଇଁ ଦମ୍ଭର ସହିତ ପ୍ରମାଣ ମାଗୁଛନ୍ତି ବୋଲି ପ୍ରଶ୍ନ କରାଯାଇଛି। ତାହାହେଲେ ଉଭୟଙ୍କ ସହ ବଲାଙ୍ଗିର ଓ କଳାହାଣ୍ଡିର ଏସ୍‌ପି ଡିଆଜିଙ୍କ କଲରେକର୍ଡ ଯାଂଚ ସହ ପରୀ ଘଟଣାର ତଦନ୍ତ ପ୍ରକ୍ରିୟା ଅନୁଯାୟୀ ସେମାନଙ୍କ ପଲିଗ୍ରାଫ ଟେଷ୍ଟ କରିବାକୁ କଂଗ୍ରେସ ଦଳ ଦାବି କରିଛି। ଗଣତନ୍ତ୍ରରେ ମୁଖ୍ୟମନ୍ତ୍ରୀ ଓ ସରକାରଙ୍କୁ ପ୍ରଶ୍ନ କରାଗଲେ ତାର ଉତର ଖୋଦ ମୁଖ୍ୟମନ୍ତ୍ରୀ କିମ୍ବା ଅଧିକୃତ ମନ୍ତ୍ରୀ ଦେବେ। ଦଳ, ଦଳର ସୁପ୍ରିମୋଙ୍କୁ ପ୍ରଶ୍ନ କରାଗଲେ ଦଳର ମୁଖପାତ୍ର ଉତର ରଖିବେ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନକଲେ ଜଣେ ଅନଧିକୃତ ବ୍ୟକ୍ତି ଉତର ଦେବା ଦୁଃର୍ଭାଗ୍ୟଜନକ। ନଭେମ୍ବର ୭ ତାରିଖରେ ▶▶ପୃଷ୍ଠା ୭

## ଚାରି ଦିନିଆ ଦିଲ୍ଲୀ ଗସ୍ତରେ ମମତା



ନୂଆଦିଲ୍ଲୀ,୨୨/୧୧: ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ଅପରାହ୍ନରେ ଦମ୍‌ଦମ୍ ଏୟାର ପୋର୍ଟରୁ ବିମାନ ଯୋଗେ ଦିଲ୍ଲୀ ଯାଇଛନ୍ତି । ସେ ୨୫ ନଭେମ୍ବର ପର୍ଯ୍ୟନ୍ତ ଦିଲ୍ଲୀରେ ରହିବେ । ବିମାନ ବନ୍ଦରରେ ମିଡ଼ିଆକୁ ମମତା ବାନାର୍ଜୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ତାଙ୍କର ବୈଠକ ହେବ, ଏଥିରେ ସୀମାରେ ଥିବା ବିଏସଏଫର କ୍ଷେତ୍ରାଧିକାର ବଢ଼ାଇବା ପାଇଁ ଆପତି କରିବେ । ବୁଧବାର ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଏକ ବୈଠକ ହେବ ବୋଲି ସେ କହିଛନ୍ତି । ଏହି ବୈଠକରେ ପଶ୍ଚିମବଙ୍ଗର ଅନେକ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ଯେଉଁଥିରେ ମୌଳିକ ଭାବରେ ରାଜ୍ୟର ଦେୟ ପ୍ରଦାନ ସମ୍ପର୍କରେ ଆଲୋଚନା ହେବ । ମମତା କହିଛନ୍ତି ମୁଁ ବିଶେଷ ଭାବରେ ବିଏସଏଫର ଅଧିକାରକୁ ବଢ଼ାଇଥିବାରୁ ମୁଁ ବିରୋଧ କରିବାକୁ ଯାଉଛି । ସେମାନେ (କେନ୍ଦ୍ର ସରକାର) ଏହି ଅଂଚଳରେ ହସ୍ତକ୍ଷେପ କରବାକୁ ଚେଷ୍ଟା କରୁଛନ୍ତି । ବିଏସଏଫ ଆମର ଶତ୍ରୁ ନୁହେଁ ମିତ୍ର, ବରଂ ବିଜେପି ବିଏସଏଫ ପଛରେ ଲୁଚି ରହି ନିଜକୁ ବଂଚାଇବାକୁ ଚେଷ୍ଟା କରୁଛି, ଏହା ଠିକ୍ ନୁହେଁ ।

## କେନ୍ଦ୍ରମନ୍ତ୍ରୀଙ୍କୁ ଅଣ୍ଡାମାଡ

କେନ୍ଦ୍ରାପଡ଼ା,୨୨/୧୧ (ନି.ପ୍ର): କେନ୍ଦ୍ର ଜଳ ସମ୍ପଦ ଓ ଆଦାବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ଦିନିକିଆ କେନ୍ଦ୍ରାପଡା ଗସ୍ତ ଅବସରରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମକୁ ଯାଉଥିବାବେଳେ ବିଜେଡି ପକ୍ଷରୁ ଅଣ୍ଡାମାଡ କରାଯାଇଛି । ଗତକାଲି କେନ୍ଦ୍ରାପଡା ଗସ୍ତରେ ଆସିଥିବା ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବିଜେପି ପକ୍ଷରୁ ବିରୋଧ କରାଯାଇ ଅଣ୍ଡାମାଡ ହୋଇଥିବା ବେଳେ ତାର ପ୍ରତିଶୋଧ ବିଜେଡି ଯୁବ ମୋର୍ଚ୍ଚା ପକ୍ଷରୁ ନିଆଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି । ତେବେ ଗତକାଲି ମନ୍ତ୍ରୀଙ୍କୁ ଅଣ୍ଡାମାଡ ଘଟଣାରେ ୪ଜଣ ବିଜେପି କର୍ମୀଙ୍କୁ ପୋଲିସ ଅଟକ ରଖିଥିବା ବେଳେ ଆଜିର କେନ୍ଦ୍ର ମନ୍ତ୍ରୀଙ୍କ ଗସ୍ତରେ ଅଣ୍ଡାମାଡ ଓ କଳା ପତାକା ଦେଖାଇବା ଘଟଣାରେ ପୋଲିସ କାହାରିକୁ ଧରିପାରି ନାହିଁ ।

## ମଦମୁକ୍ତି ଯୁବ ବାହିନୀ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୨୨/୧୧ (ନି.ପ୍ର): ବର୍ତ୍ତମାନର ଯୁବ ସମାଜ ମଦ, ବ୍ରାଉନ ସୁଗାର ଓ ଅନ୍ୟାନ୍ୟ ନିଶାର କବଳିତ ହୋଇ ନିଜ ଜୀବନକୁ ବିପନ୍ନ କରୁଥିବା ବେଳେ ରାଜ୍ୟ ସରକାର ମଦ ପ୍ରସାର ନୀତି ଅବଲମ୍ବନ କରି ଯୁବ ସମାଜକୁ ଦିଗଭ୍ରଷ୍ଟ କରୁଥିବା ବିରୋଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ମଦମୁକ୍ତି ଯୁବ ବାହିନୀ ପକ୍ଷରୁ ସହରର ତିନିମୁହାଣୀ ଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ବିଭିନ୍ନ ମଦ ବିରୋଧୀ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲା । ଏଥିରେ ଆଦିକନ୍ଦ ରାଉଳ, ସଂଜୟ କୁମାର ସ୍ୱାଇଁ, ସ୍ମୃତି ରଞ୍ଜନ ବେହେରା, ରାଜେନ୍ଦ୍ର ମହାପାତ୍ର, ପଦ୍ମନାଭ ଦାସ, ପ୍ରଭାକର ଦାସ, ସରସ୍ୱତୀ ଦାସ, ଲକ୍ଷ୍ମୀପ୍ରିୟା ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ

ଖୋର୍ଦ୍ଧା,୨୨/୧୧ (ନି.ପ୍ର): ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲ୍ଲା ମଧ ଅଧିକାରୀ ତଥା ମତ୍ସ୍ୟ ଉପ ନିର୍ଦ୍ଦେଶକ ଜଗଦୀଶ ଚନ୍ଦ୍ର ପଣ୍ଡାଙ୍କ ତତ୍ୱାବଧାନ ରେ ଜିଲ୍ଲା ସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଅଛି । ଏହି ଅବସର ରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ୧୦୦ରୁ ଉର୍ଦ୍ଧ ମତ୍ସ୍ୟ ଚାଷୀ, ମତ୍ସ୍ୟ ଉଦ୍ୟୋଗୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା । ମାନଙ୍କୁ ନେଇ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶ ରେ ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଏଥିରେ ବରିଷ୍ଠ ବୈଜ୍ଞାନିକ, ଅମ୍ବିକା ପ୍ରସାଦ ନାୟକ, ପ୍ରଫୁଲ୍ଲ କୁମାର ମହାରଣା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ , ସ୍ମିତା ମହାନ୍ତି ,ସହକାରୀ ନିର୍ଦ୍ଦେଶକ ଉଦ୍ୟାନ କୃଷି ଖୋର୍ଦ୍ଧା, କଡ଼ାଇ ମାଝି, ସହକାରୀ ମୃତିକା ସଂରକ୍ଷଣ ଅଧିକାରୀ ଯୋଗ ଦେଇଥିଲେ । ସମ୍ମିଳନୀ ର ପ୍ରାରମ୍ଭରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ପଣ୍ଡା ସ୍ୱାଗତ ଭାଷଣ ଦେଇ ମତ୍ସ୍ୟ ଚାଷ କ୍ଷେତ୍ର ରେ ରାଜ୍ୟ ତଥା ଖୋର୍ଦ୍ଧା ଜିଲ୍ଲାର ସ୍ଥିତି ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ମତ୍ସ୍ୟ ଚାଷୀ ତଥା ମତ୍ସ୍ୟ ଚାଷ ର ଉନ୍ନତି ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ରାଜ୍ୟ ରେ ଉନ୍ନତ ମାଛ ଜାଆଁଳ ( ଅଙ୍ଗୁଳିକା) ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟର ଘରୋଇ ଉଦ୍ୟୋଗ ଜାଆଁଳ ଉତ୍ପାଦନ କାରି ହ୍ୟାଚେରି ପରିଚାଳକ ମାନଙ୍କୁ ଉନ୍ନତ ଜାଆଁଳ ଉତ୍ପାଦନ ଏବଂ ଯୋଗାଣ ନିମନ୍ତେ ସରକାରୀ ସ୍ତର ରେ ସ୍ୱୀକୃତି ଓ ଉତ୍ପାଦିତ ଜାଆଁଳର ପ୍ରାମାଣିକରଣ ନିମନ୍ତେ ନୂତନ କାର୍ଯ୍ୟକ୍ରମ ସମ୍ପର୍କ ରେ ସୂଚନା ପ୍ରଦାନ କରିଥିଲେ । ରାଜ୍ୟ ରେ ନୂତନ ମାଛ ପୋଖରୀ ଖନନ ପାଇଁ ରାଜ୍ୟ ସରକାର ଙ୍କ ମତ୍ସ୍ୟ ପୋଖରୀ ଯୋଜନା, ଗ୍ରାମ ପଂଚାୟତ ପୋଖରୀ କୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ଦୀର୍ଘ ମିଆଦି ସୂତ୍ରରେ ଲିଜ ପ୍ରଦାନ କରାଯାଇ ବୈଜ୍ଞାନିକ ପଦ୍ଧତି ରେ ମାଛ ଚାଷ ଏବଂ ଜୈବ ପୁଞ୍ଜ ମଧ୍ୟମ ରେ ସୀମିତ ସ୍ଥାନ ରୁ ଅଧିକ ମତ୍ସ୍ୟ ଉତ୍ପାଦନ (ବାୟଫ୍ଲୋକ) ରେ ଥିବା ସରକାରୀ ରିହାତି ସମ୍ବନ୍ଧରେ ବିଶେଷ ସୂଚନା ଦେଇଥିଲେ । ପରେ ମୁଖ୍ୟ ଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ପାଢୀ ମତ୍ସ୍ୟ ଚାଷ ର ଗୁରୁତ୍ୱ ,ଉପାଦେୟତା ଏବଂ ଭବିଷ୍ୟତ ସମ୍ଭାବନା ସମ୍ବନ୍ଧରେ ସମ୍ୟକ ସୂଚନା ଦେଇଥିଲେ । ଏଥି ସହିତ ମତ୍ସ୍ୟ ଚାଷୀ ମାନଙ୍କ ସାମାଜିକ ତଥା ଅର୍ଥନୈତିକ ଉନ୍ନତି ନିମନ୍ତେ ସେମାନଙ୍କର ଅଦମ୍ୟ ପରିଶ୍ରମକୁ ଶ୍ରେୟ ଦେଇ ବନ୍ୟା ବାତ୍ୟା ସମୟରେ ହେଉଥିବା କ୍ଷତି କୁ କିପରି ଏଡାଇ ଦିଆଯାଇ ପାରିବ ସେ ସମ୍ବନ୍ଧରେ କହିଥିଲେ । ପରିଶେଷ ରେ ସେ ମହିଳା ସ୍ୱୟଂ ସହାୟ ଗୋଷ୍ଠୀଙ୍କ ଦ୍ୱାରା କିପରି ମତ୍ସ୍ୟ ଚାଷ, ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତି ରେ ସହାୟକ ହେଉଛି ସେ ସମ୍ବନ୍ଧ ରେ ଆଲୋକ ପାତ କରିଥିଲେ ।ଏହି ଅବସର ରେ ଜିଲ୍ଲା ର ବିଭିନ୍ନ ବ୍ଲକ ରୁ ଆସିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମତ୍ସ୍ୟ ଚାଷୀ, ମତ୍ସ୍ୟ ବ୍ୟବସାୟୀ ମାନଙ୍କୁ ମତ୍ସ୍ୟ ବିଭାଗ ତରଫରୁ ବିଭିନ୍ନ ଯୋଜନା ରେ ସରକାରୀ ରିହାତି ଉପସ୍ଥିତ ପଦାଧିକାରୀ ଙ୍କ ଦ୍ୱାରା ପ୍ରଦାନ କରାଗଲା ।ଏହି ଉତ୍ସବରେ ଯୋଗଦେଇ, ବରିଷ୍ଠ ମତ୍ସ୍ୟ ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ ବୈଜ୍ଞାନିକ ପଦ୍ଧତି ରେ ମତ୍ସ୍ୟ ଚାଷ , ମାଛ ମାନଙ୍କୁ ହେଉଥିବା ବିଭିନ୍ନ ରୋଗ ଏବଂ ଏହାର ନିରାକରଣ ସମ୍ବନ୍ଧରେ ବିସଦ ବିବରଣୀ ଉପସ୍ଥାପନ କରିଥିଲେ । ଏହାପରେ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ ଓ ମୃତିକା ସଂରକ୍ଷଣ ବିଭାଗ ର ବିଭାଗୀୟ ଜିଲ୍ଲା ଅଧିକାରୀ ମାନେ ସେମାନଙ୍କ ବିଭାଗ ର ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋକ ପାତ କରିଥିଲେ ।

# ଅସହାୟ ଚାରି ଭାଇ ଭଉଣୀଙ୍କୁ ସାହା ହେବ କିଏ ?

ମାଲକାନଗିରି,୨୨/୧୧ (ନି.ପ୍ର): ଏତେବଡ ଦୁନିଆରେ ସମ୍ପୂର୍ଣ୍ଣ ଏକା ହୋଇଯାଇଛନ୍ତି ବାପାମାଆ ଛେଉଣ୍ଡ ଚାରି ଭାଇ, ଭଉଣୀ । ଦୁଃଖ ଶୁଣିବାକୁ କେହି ନାହାନ୍ତି । ଏପରି ସ୍ଥିତିରେ ସରକାରୀ ସହାୟତାକୁ ଚାତକ ପରି ଚାହିଁ ବସିଛନ୍ତି ଏହି ଅସହାୟ ଭାଇ, ଭଉଣୀ । ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଗୋରେଲଗୁଡା ଗ୍ରାମର ଏହି ଚାରି ଅନାଥଙ୍କୁ ଦେଖିଲେ କାହାରି ବି ହୃଦୟ ତରଳିଯିବ । ଏହି ପରିବାର କେବେବି ଭାବିନଥିଲା ଏମିତି ଦିନ ଆସିବ ବୋଲି । ୪ ବର୍ଷ ପୂର୍ବେ ମାଆ ରୋଗାଗ୍ରସ୍ତ ହୋଇ ଆରପାରିକୁ ଚାଲିଗଲେ, ୨ ବର୍ଷ ପରେ ବାପା ଆରପାରିକୁ ଚାଲିଗଲା ପରେ ଅନାଥ ହେଇଗଲେ ୪ ଭାଇ, ଭଉଣୀ । ସେମାନଙ୍କ ଘରେ ବିଦ୍ୟୁତ୍ ବୋର୍ଡ ଲାଗିଛି କିନ୍ତୁ ଲାଇଟ୍ ନାହିଁ । ଏହି ଚିତ୍ର ବୟାନ କରୁଛି ଯେ , ବାପା ମାଆ ଛେଉଣ୍ଡ ପିଲାମାନେ କି ପ୍ରକାର ଭାବେ ଏହି ଘରେ ରହୁଥିବେ । ଅନ୍ୟଘରେ ମୂଲ ଲାଗିଲେ ଆମକୁ ଦୁଇମୁଠା ଖାଇବାକୁ ମିଳେ ନହେଲେ ଆମକୁ ଭୋକରେ ରହିବାକୁ ପଡେ ବୋଲି କୋହଭରା କଣ୍ଠରେ କହିଛନ୍ତି ପିଲାମାନେ । ଏମାନଙ୍କୁ ଗଣ୍ଡାଏ ଖାଇବା ସାତ ସପନ ହୋଇଥିବା ବେଳେ ଭବିଷ୍ୟତ ଚିନ୍ତା କରିବା ଦୂରର କଥା ଆଗକୁ ପାଠ ପଢିବାକୁ ଇଚ୍ଛା ରହିଛି ହେଲେ ପରିସ୍ଥିତି ଭିନ୍ନ । ସରକାର ତଥା କୌଣସି ପ୍ରତିଷ୍ଠାନକୁ ସହାୟତା ପାଇଁ ଅନୁରୋଧ କରିଛନ୍ତି ଏହି ଅନାଥ ପିଲାମାନେ ।

ଗୋରେଲଗୁଡା ଗ୍ରାମର ସ୍ୱର୍ଗତ ଲାଛ ପୋଟାରୀ ଓ ଦୁଲେ ପୋଟାରୀଙ୍କ ଚାରି ସନ୍ତାନ ବଡ ପୁଅ ମୁକେଶ ଏବେ ୧୨ ବର୍ଷର ହୋଇଥିବା ବେଳେ ଝିଅ ଶାନ୍ତିକୁ ୧୦ ବର୍ଷ, ସେହିପରି ଆଉ ଜଣେ ପୁଅ ମହେଶକୁ ୮ବର୍ଷ ଓ ସାନ ଝିଅ ଦେବୀକୁ ୬ ବର୍ଷ ହୋଇଛି । ଯେଉଁ ହାତରେ ଏମାନେ କଲମ ଧରିବା କଥା ସେମାନେ ଆଜି ସେହି ହାତରେ ଦାଆଧରି ପର ବିଲରେ ଧାନ କାଟୁଛନ୍ତି । କାରଣ ଏହି କଅଁଳ ବୟସରେ ସେମାନେ ଜାଣିଛନ୍ତି ପେଟର ଭୋକ କେତେ ଭୟଙ୍କର । କେବଳ ସେତିକି ନୁହେଁ ସେମାନେ କାଠ ହାଣିବା, ରୋଷେଇ କରିବା, ଝାଡୁ କରିବା ଭଳି ସବୁ କାମକୁ ଆପଣାଇ ନେଇଛନ୍ତି ପେଟ ଚାଖଣ୍ଡକ ପାଇଁ । ଗାଁର କିଛି ଲୋକଙ୍କ ଗାଈ ନେଇ ଜଙ୍ଗଲରେ ଚରାଇବାକୁ ମଧ ଯାଉଛନ୍ତି । ଦୁର୍ଦ୍ଦିନରେ ଥିବା ଏହି କୁନି କୁନି ପିଲାଙ୍କୁ ସରକାରୀ ସହାୟତା କହିଲେ କେବଳ ମିଳିଛି ଖଣ୍ଡିଏ ଆବାସ ଘର, ପିଡିଏସ୍ ଚାଉଳ ଏମାନଙ୍କୁ ମିଳୁନି । ଏହି ଅସହାୟ ପିଲାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦିଅ ।ଯାଉ ବୋଲି ଗ୍ରାମବାସୀ ଗୁହାରି କରିଛନ୍ତି ।

# ବ୍ରହ୍ମପୁର ବାଳସୁଧାର ଗୃହରୁ ୬ ଅନ୍ତେବାସୀ ଫାଟକ ଡେଇଁ ଚମ୍ପଟ




ବ୍ରହ୍ମପୁର,୨୨/୧୧ (ନି.ପ୍ର): ବିଳମ୍ବିତ ରାତିରେ ଗ୍ରିଲ ତାଡି ବାଳସୁଧାର ଗୃହରୁ ଚମ୍ପଟ ମାରିଲେ ୬ ଜଣ ଅନ୍ତେବାସୀ । ବ୍ରହ୍ମପୁରରେ ଥିବା ବାଳସୁଧାର ଗୃହରେ ଗତକାଲି ରାତିରେ ଏଭଳି ଘଟଣା ଘଟିଛି । ମିଳିଥିବା ସୂଚନା ମୁତାବକ ବାଳସୁଧାର ଗୃହରୁ ବିଳମ୍ବିତ ରାତ୍ରି ପ୍ରାୟ ୨ଟା ବେଳେ ୬ ଜଣ ଅନ୍ତେବାସୀ ଚମ୍ପଟ ମାରି କୁଆଡେ ପଳାଇଛନ୍ତି । ବିଳମ୍ବିତ ରାତିରେ ରାତ୍ରି ଜଗୁଆଳି ଯେତେବେଳେ ଏହି ୬ ଜଣ ରହୁଥିବା କୋଠରୀରେ କେହି ନଥିବାର ଦେଖିଥିଲେ ସେ ତୁରନ୍ତ ସୁପରିଟେଣ୍ଡେଣ୍ଟ ପି.ରମେଶ ରାଓଙ୍କୁ ସୂଚନା ଦେଇଥିଲେ । ଏହା ପରେ ସୁପରିଟେଣ୍ଡେଣ୍ଟ ଆଜି ବୈଦ୍ୟନାଥପୁର ଥାନାରେ ଏନେଇ ଅଭିଯୋଗ କରିଛନ୍ତି । ଫେରାର ହୋଇଥିବା ଅନ୍ତେବାସୀଙ୍କ ମଧ୍ୟରୁ ପୁରୀରୁ ଜଣେ ଥିବାବେଳେ ବ୍ରହ୍ମପୁରରୁ ଜଣେ, କୋରାପୁଟର ୨ ଜଣ ଓ ଗଜପତି ଜଣେ ଅନ୍ତେବାସୀ ରହିଛନ୍ତି । ବିଭିନ୍ନ ପ୍ରକାରର ଅପରାଧ କରି ଏମାନେ ବାଳସୁଧାର ଗୃହରେ ଥିବାବେଳେ ଖବର ପାଇ ବୈଦ୍ୟନାଥପୁର ପୁଲିସ ତନାଘନା ଆରମ୍ଭ କରିଛି । ତେବେ ବାରମ୍ବାର ଅନ୍ତେବାସୀମାନେ ଚମ୍ପଟ ମାରିବା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୂଚନା ଥାଉ କି ଗତବର୍ଷ ମଧ ଏହି ବାଳସୁଧାର ଗୃହରୁ ୭ ଜଣ ଚମ୍ପଟ ମାରିଥିଲେ । ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଧରାଯାଇଥିବାବେଳେ ୩ ଜଣ ଏବେ ବି ଫେରାର ଅଛନ୍ତି ।

# ମାଳି ପର୍ବତ ଖନନ ପାଇଁ ଜନଶୁଣାଣି ଜାରି

କୋରାପୁଟ,୨୨/୧୧ (ନି.ପ୍ର): କୋରାପୁଟ ଜିଲ୍ଲା ସେମିଳିଗୁଡା କଙ୍କଡାଆମ୍ବ ଗାଁରେ ହିଣ୍ଡୋଲକୋ ପକ୍ଷରୁ ମାଳି ପର୍ବତ ଖନନକୁ ନେଇ ପରିବେଶ ଅନୁମୋଦନ ଜନଶୁଣାଣି ଜାରି ରହିଛି । କୋରାପୁଟ ଜିଲ୍ଲା ସେମିଳିଗୁଡା ଓ ପଟାଙ୍ଗି ତହସିଲର ଆଲିଗାଁ, ସୋରିଷ ପଦର ,କଙ୍କଡାଆମ୍ବ ଗ୍ରାମର ୨୬୮.୧୧ ହେକ୍ଟର ପରିମିତ ଅଞ୍ଚଳରେ ଥିବା ମାଳି ପର୍ବତରୁ ବାର୍ଷିକ ୦.୬ ନିୟୁତ ଟନ ବକ୍ସାଇଟ ଉତ୍ତୋଳନ କରାଯିବ । ତେବେ ଗତ ମାସ ୨୧ ତାରିଖରେ



ଜନଶୁଣାଣି ହୋଇଥିବାବେଳେ ଏହାକୁ ତୀବ୍ର ବିରୋଧ ହୋଇଥିଲା । ଜନଶୁଣାଣୀ ପରିସର ରଣକ୍ଷେତ୍ର ପାଲଟିଥିଲା । ତେବେ ଆଜିର ଏହି ଜନଶୁଣାଣି କିଭଳି ସୁରୁଖୁରୁରେ କରାଯାଇପାରିବ ସେଥିପାଇଁ ୨୨ ପ୍ଲାଟୁନ ପୁଲିସ ଫୋର୍ସ, ୨ଜଣ ଏଏସ୍ପି, ୬ ଜଣ ଡିଏସ୍ପି ଓ ୧୨ଜଣ ଆଇଆଇସି ଉପସ୍ଥିତ ରହିଛନ୍ତି । ସୂଚନା ଥାଉ କି ମାଳି ପର୍ବତରୁ ଖଣି ଖନନ ବନ୍ଦ କରିବାକୁ ମାଳି ପର୍ବତ ସୁରକ୍ଷା ସମିତି ଦୀର୍ଘ ଦିନ ଧରି ଦାବି କରିଆସିଛି । ମାଳି ପର୍ବତ ସୁରକ୍ଷା ସମିତିର କହିବା କଥା ଯେ ବର୍ତ୍ତମାନ ମାଳି ପର୍ବତରେ ଖୁବ କମ ପରିମାଣର ଖଣିଜ ସଂପଦ ରହିଛି । ମାଳି ପର୍ବତରୁ ଖଣିଜ ସଂପଦ ବାହାର କରାଗଲେ କୋରାପୁଟ ଅଂଚଳର ଜଳବାୟୁ, ଜଳସ୍ତର ଓ ଅଂଚଳ ମରୁଭୂମି ପାଲଟି ଯିବ । ତେଣୁ ଆଦିବାସୀଙ୍କ ସୁରକ୍ଷା ତଥା ପ୍ରାକୃତିକ ସଂପଦର ସୁରକ୍ଷା ପାଇଁ ଖଣିଲିଜ ବାତିଲ କରିବାକୁ ସେମାନେ ଦାବି କରୁଛନ୍ତି ।

# ଗୌରବ ଆଣିଲା ହାତୀଓଟ ଆଦର୍ଶ ବିଦ୍ୟାଳୟ

ପୋଲସରା ,୨୨/୧୧ (ନି.ପ୍ର): ଦେଶର ଶ୍ରେଷ୍ଠ ୧୦ଟି ବିଦ୍ୟାଳୟ (ସରକାରୀ ଡେ ସ୍କୁଲ୍) ତାଲିକାରେ ସ୍ଥାନ ପାଇଛି ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ୍ ଅଧୀନ ହାତୀଓଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ । ଓଡ଼ିଶାର ଏକମାତ୍ର ବିଦ୍ୟାଳୟ ଭାବେ ଏହି ଅନୁଷ୍ଠାନକୁ ସ୍ଥାନ ମିଳିବାପରେ ସାରା ଗଞ୍ଜାମ ଜିଲ୍ଲାରେ ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଟ୍ୱିଟ୍ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି । ରାଜ୍ୟ ପାଇଁ ଏହା ଗୌରବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଗତବର୍ଷ ହାତୀଓଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଦେଶର ଶ୍ରେଷ୍ଠ ୧୦ ବିଦ୍ୟାଳୟ ମଧ୍ୟରେ ୫ମ ସ୍ଥାନ ମିଳିଥିବାବେଳେ ଚଳିତବର୍ଷ ୧୦ମ ସ୍ଥାନ ମିଳିଛି । ଦେଶର ଶ୍ରେଷ୍ଠ ୧୦ଟି ସରକାରୀ ସ୍କୁଲ୍ ?ର ର୍ୟାଙ୍କିଂ ପାଇଁ କେନ୍ଦ୍ର ସରକାର ବିଭିନ୍ନ ସୂଚକାଙ୍କ ନିର୍ଦ୍ଧାରଣ କରିଥିଲେ । ଏଥିଲାଗି ସମୁଦାୟ ୧୫୦୦ ମାର୍କ ଥିବାବେଳେ ହାତୀଓଟ ଆଦର୍ଶ ବିଦ୍ୟାଳୟକୁ ୧୦୯୧ ନମ୍ବର ମିଳିଛି । ଦିଲ୍ଲୀର ରାଜକୀୟ ପ୍ରତିଭା ବିକାଶ ବିଦ୍ୟାଳୟ ସର୍ବାଧିକ ୧୧୭୧ ନମ୍ବର ସହ ପ୍ରଥମ ସ୍ଥାନରେ ରହିଛି । ସେହିପରି ଅନ୍ୟ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ଦିଲ୍ଲୀର ୩, ମୁମ୍ବାଇର ୩, ଚେନ୍ନାଇ, ଥିରୁଅନନ୍ତପୁରମ୍, କୋଝିକୋଡ଼େ, କୋଚି ଏବଂ ଚଣ୍ଡିଗଡ଼ ଗୋଟିଏ ଲେଖାଏଁ ବିଦ୍ୟାଳୟ ତାଲିକାରେ ସ୍ଥାନ ପାଇଛି । ପୋଲସରା ସହର ଠାରୁ ୭ କିମି ଦୂର ହାତୀଓଟରେ ୨୦୧୬ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଏଠାରେ ଷଷ୍ଠ ଠାରୁ ଦ୍ୱାଦଶ ପର୍ଯ୍ୟନ୍ତ ଶ୍ରେଣୀ ପର୍ଯ୍ୟନ୍ତ ବର୍ତ୍ତମାନ ୫୧୮ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଚଳିତବର୍ଷ ଏହି ବିଦ୍ୟାଳୟର ରୂପାନ୍ତରିତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିଲେ ।

# ଜିଲ୍ଲାସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ

ଜୟପୁର,୨୨/୧୧ (ନି.ପ୍ର): ଜିଲା ସ୍ତରୀୟ ସଂକିତନ ମହୋତ୍ସବ ଅନୁଷ୍ଠିତ ହୋଇଛି । କୁନ୍ଦୁରା ବ୍ଲକ ଡଙ୍ଗରପାଉଁସି ନିକଟସ୍ଥ ଭେଜାହାଣ୍ଡି ଗ୍ରାମରେ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି । ଏହି ମହୋତ୍ସବରେ ସଂକିତନ ମଣ୍ଡଳି ମାନଙ୍କୁ ଶ୍ରୀ ଶ୍ରୀ ଜଗନ୍ନାଥ ସଂକୀତନ ପରିଷଦ ଓଡିଶା ସରକାରଙ୍କ ଠାରେ ରେଜଷ୍ଟ୍ରି ଭୁକ୍ତ ପ୍ରମାଣ ପତ୍ର ସଂକିତନ ମଣ୍ଡିଳି ମାନଙ୍କୁ ଦିଆଯାଇଥିଲା । ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଆମ୍ବାଗୁଡା ବୈଷ୍ଣବ ମଠର ସେବକ ଏବଂ କୋରାପୁଟ ଜିଲା ସଂକୀତନ ମଣ୍ଡଳୀର ସଭାପତି କୃଷ୍ଣ ଚନ୍ଦ୍ର ପାଳ ଯୋଗଦେଇଥିବା ବେଳେ କୋରାପୁଟ ଜିଲା ସଂକୀତନ ମଣ୍ଡଳୀର ସମ୍ପାଦକ ସତ୍ୟବାନ ପଟ୍ଟନାୟକ ଏବଂ ଜିଲା କଳାକାର ସଂସ୍କୃତି ସଭାପତି ଆଦିତ୍ୟ ସାହୁ, ଜୟପୁର ନଗର ସଂକୀତନ ମଣ୍ଡଳୀର ସଭାପତି ଭୀମ ନାୟକ, ସଂକୀତନ ମଣ୍ଡଳୀ ଉପଦେଷ୍ଟା ରତ୍ନାକର ନାରାଜୀ, ଗୌରାଙ୍ଗ ସଂକୀତନ ସଂଘର ପୂର୍ବତନ ସଭାପତି ଗୋପାଳ ପାତ୍ର, ସମ୍ପାଦକ ଭାସ୍କର ଗୌଡ, ଅଷ୍ଟ ପ୍ରହରୀ ମୁଖ୍ୟ ପୁଜକ ଅଜୀତ ଭଟ୍ଟ, ଗୌରାଙ୍ଗ ସଂକୀତନ ମଣ୍ଡଳୀର ସଭାପତି ସଞ୍ଜୟ ପଣ୍ଡା, ସମ୍ପାଦକ ଅଭିମନ୍ୟୁ ଗୌଡ, ସଂକୀତନ ସଂଘର କାଯ୍ୟକାରି ସଭାପତି ଅଦ୍ୟ କୁଣ୍ଡା, ଜୟ ମାଳିକ, ବୋରିଗୁମ୍ମା ବ୍ଲକ ସଂକୀତନ ସଭାପତି ହରିହର ଅଢାରୀ, କୁନ୍ଦୁରା ବ୍ଲକ ସଂକୀତନ ସଭାପତି ଦୁର୍ଗା ଚରଣ ସାବତ, ଜୟପୁର ବ୍ଲକ ସଂକିତନ ସଭାପତି କେଦାର ନାୟକ, ବୈପାରିଗୁଡା ବ୍ଲକ ସକିତନ ସଂଭାପତି ଅନନ୍ଦ ପ୍ରଧାନୀ, କୋଟପାଡ ବ୍ଲକ ସଂକିତନ ସଭାପତି ଦିନ କୃଷ୍ଣ ଗାଧବା ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ର ବିଭିନ୍ନ ଅଂଚଳର ସଂକିତନ ମଣ୍ଡଳୀ ମାନେ ଭାଗ ନେଇଥିଲେ ।

## ସ୍ୱେଚ୍ଛାସେବୀ ମାନଙ୍କୁ ସେବା ସଂପର୍କରେ ତାଲିମ ଶିବିର

କେନ୍ଦ୍ରାପଡ଼ା,୨୨/୧୧ (ନି.ପ୍ର): କେନ୍ଦ୍ରାପଡା ସଂନ୍ଧ୍ୟା ଉଚ୍ଚ ମାଧ୍ୟମିକ ପରିସରରେ ଯୁବ ରେଡ୍ କ୍ରସ ଦ୍ୱାରା ସ୍ୱେଚ୍ଛାସେବୀ ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଅଧକ୍ଷ ଗଙ୍ଗାଧର ସାହୁ ଉଦ୍‌ଘାଟନ କରିବା ସହିତ ସେବାର ମହତ୍ୱ ସଂପର୍କରେ ଆଲୋକପାତ କରିଥିଲେ । ଯୁବ ରେଡ୍ କ୍ରସ କାଉନସିଲର ମନୋଜ କୁମାର ଜେନା ରେଡ୍ କ୍ରସର ଇତିହାସ, ଲକ୍ଷ୍ୟ ଓ ନୀତି ସଂପର୍କରେ ସ୍ୱେଚ୍ଛାସେବୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧାପକ ଅଜୟ କୁମାର ଦାସ, ଶୁଭ୍ରାଂଶୁ ଭୂଷଣ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶଶି ଭୂଷଣ ମହାରଣା ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୁଆଆଡ୍ଡା ଉପରେ ଚଢ଼ଉ : ୭ ଜୁଆଡ଼ି ଗିରଫ

ଗଞ୍ଜାମ,୨୨/୧୧ (ନି.ପ୍ର): ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅନ୍ତର୍ଗତ ପିତଳ ଗ୍ରାମରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଶନିବାର ରାତିରେ ହିଞ୍ଜିଳି ପୋଲିସ ଚଢ଼ଉ କରି ଘଟଣାସ୍ଥଳରୁ ୭ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି । ଏଥିସହ ସେମାନଙ୍କ ନିକଟରୁ ନଗଦ ୭୧ ହଜାର ୭୯୦ ଟଙ୍କା ଜବତ କରିଛି । ଏ ନେଇ ହିଞ୍ଜିଳି ଥାନାରେ କେସ ନଂ ୬୨୦/୨୧ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି ।

# ଓଡ଼ିଶାରେ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଅରୁଣାଚଳ ମଦ : ଗୋଟିଏ ଟ୍ରିପ୍ ମଦରେ ୧୦ ଲକ୍ଷ ରାଜସ୍ୱ କ୍ଷତି

କଟକ,୨୨/୧୧ (ନି.ପ୍ର): ଓଡ଼ିଶାରେ ଗୋଟିଏ ମଦ ବୋତଲ ଦାମ ଯଦି ୨୦୦ ଟଙ୍କା, ସେଥିରେ ପାଖାପାଖି ୧୨୦ ଟଙ୍କା ହେଉଛି ଅବକାରୀ ଟିକସ । କିନ୍ତୁ ଅରୁଣାଚଳ ପ୍ରଦେଶ, ମଧ ପ୍ରଦେଶ ଓ ଛତିଶଗଡ଼ର ନିର୍ଦ୍ଦିଷ୍ଟ ମଦ ଫ୍ୟାକ୍ଟ୍ରିରୁ ବିନା ଟିକସ ବିଦେଶୀ ମଦ ଏବେ ଓଡ଼ିଶାର ଲାଇସେନ୍ସ ପ୍ରାପ୍ତ ସରକାରୀ ମଦ ଦୋକାନରେ ମିଳୁଛି । ଫଳରେ ରାଜ୍ୟର ମଦ ଦୋକାନ ଓଡ଼ିଶାର ସରକାରୀ ଡିପୋରୁ ଅଧିକ ମଦ ନଉଠାଇ ସେହି ସବୁ ରାଜ୍ୟରୁ ମଦ ଉଠାଉଛନ୍ତି । ଏଥିରେ ସରକାର ରାଜସ୍ୱ ହରାଉଥିବା ବେଳେ ମଦ ବ୍ୟବସାୟୀ ଓ ମାଫିଆ ଲାଭରେ ରହୁଛନ୍ତି । ସେହି ରାଜ୍ୟର ମଦ ଫ୍ୟାକ୍ଟ୍ରି ମାଲିକ ଥରେ ମାତ୍ର ଅବକାରୀ ଡ୍ୟୁଟି ଜମା କରି ଟ୍ରାନଜିଟ୍ ପରମିଟ୍ ହାତେଇ ସାରିଲା ପରେ ପାଖାପାଖି ୪ରୁ ୫ ଥର ବିନା ଟିକସ ପୈଠରେ ମଦ ଯୋଗାଉ ଛନ୍ତି । ଗଲା ଜୁନ୍ ମାସ ପରଠାରୁ ଏଭଳି ବେଆଇନ କାରବାର ମଦ ମାଫିଆମାନେ ଆରମ୍ଭ କରିଥିବାରୁ ଅବକାରୀ ବିଭାଗ କିଭଳି ସ୍ଥିତିର ମୁକାବିଲା କରିବ, ସେନେଇ ଚିନ୍ତାରେ ପଡ଼ିଛି । ବ୍ୟବସ୍ଥା ଅନୁଯାୟୀ ଓଡ଼ିଶାର ଯେକୌଣସି ସରକାରୀ ଡିପୋକୁ ରାଜ୍ୟ ଭିତର ଅଥବା ବାହାର ମଦ ଫ୍ୟାକ୍ଟ୍ରି ମଦ ପଠାଇବା ପୂର୍ବରୁ ପ୍ରଥମେ ଓଡ଼ିଶା ରାଜ୍ୟ ପାନୀୟ ନିଗମକୁ ଅବଗତ କରିବ । ଅବକାରୀ ଡ୍ୟୁଟି ଖୋର୍ଦ୍ଧା ଅବକାରୀ ବିଭାଗ ଆଦାୟ କରିବା ପରେ ସମ୍ପୃକ୍ତ ଡିପୋକୁ ମଦ ଆଣିବାକୁ ଫ୍ୟାକ୍ଟ୍ରିକୁ ଅନୁମତି ମିଳିଥାଏ । ଏବେ ମୁଖ୍ୟତଃ ଏହି ତିନୋଟି ରାଜ୍ୟରେ ଥିବା ନିର୍ଦ୍ଦିଷ୍ଟ ମଦ ଫ୍ୟାକ୍ଟ୍ରି ଥରେ ଡ୍ୟୁଟି ଜମା କରି ମଦ ଡିପୋକୁ ଥରେ ମଦ ଯୋଗାଉଥିବା ବେଳେ ପରେ ସେହି ସମାନ ପରମିଟ୍ ବ୍ୟବହାର କରି ସିଧାସଳଖ ଲାଇସେନ୍ସପ୍ରାପ୍ତ ସରକାରୀ ଦୋକାନକୁ ମଦ ଚାଲାଣ



କରୁଛନ୍ତି । ସେହି ମଦ ବୋତଲରେ ଓଡ଼ିଶା ଅବକାରୀ ବିଭାଗର ନକଲି ଲେବଲ୍ ବି ଲାଗୁଛି । ନକଲି ଲେବଲ୍‌କୁ କଲିକତାର ବଡ଼ ବଜାରରୁ ଆମଦାନୀ କରୁଛନ୍ତି ଓଡ଼ିଶାର ମଦ ବ୍ୟବସାୟୀ । ଅବକାରୀ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ ଏଭଳି ଗୋଟିଏ ଟ୍ରକ୍ ଟିକସ୍ ଫାଙ୍କି ମଦ ଯୋଗାଣରେ ସରକାର ଅତିକମରେ ୧୦ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି । ତଥ୍ୟ ଅନୁଯାୟୀ, ଗଲା ୧୦ ତାରିଖରେ ନୂଆପଡ଼ା ଓଭର ବ୍ରିଜ ନିକଟରେ କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗର ଚଢ଼ଉରେ ଆଠଗଡ଼ର ଯେଉଁ ଦୁଇ ମଦ ବ୍ୟବସାୟୀଙ୍କ ନିକଟରୁ ୬୦ ହଜାର ଟଙ୍କାର ଜବତ ହୋଇଥିଲା, ସେମାନେ ଅରୁଣାଚଳପ୍ରଦେଶର ବିଦେଶୀ ମଦ କଟକରେ ବିକ୍ରି ଯୋଜନା କରୁଥିଲେ । ସେହିଭଳି ରାଜ୍ୟସ୍ତରୀୟ ଫ୍ଲାଇଙ୍ଗ ସ୍କ୍ୱାଡ୍ ଖୋର୍ଦ୍ଧା ସହରରୁ ୨୨୫ ଲିଟର ବିଦେଶୀ ମଦ ଓ ୩୯ ଲିଟର ବିୟର ଜବତ ସହିତ ଜଣେ ମାଫିଆକୁ ଗିରଫ କରିଥିଲା । ବ୍ରହ୍ମପୁର ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ନବରଙ୍ଗପୁର ଜିଲ୍ଲାରୁ ୮୨ଲିଟର ଟିକସ ଫାଙ୍କି ବିଦେଶୀ ମଦ ଜବତ କରିଥିଲା । ଏହି ମଦ ବି ଅରୁଣାଚଳପ୍ରଦେଶରୁ ଚାଲାଣ ହୋଇଥିଲା । ନଭେମ୍ବର ୧ ତାରିଖରୁ ୧୦ ତାରିଖ ଭିତରେ ରାଜ୍ୟର ୩୭୫ ଲିଟର ଟିକସ ଫାଙ୍କି ବିଦେଶୀ ମଦ ଜବତ କରାଯାଇଛି । ଏଥିରେ ମୁଖ୍ୟତଃ ସର୍ବାଧିକ ବିକ୍ରି ହେଉଥିବା ମ୍ୟାଗଡଲ ନମ୍ବର ୧ ହୁଇସ୍କି, ରମ, ଆଇବି, ଓସି ବ୍ଲୁ ରହିଛି । ଟିକସ ଫାଙ୍କି ମଦର ଗୋଟିଏ ବଡ଼ ଗୋଦାମ ଯାଜପୁର ଜିଲ୍ଲା ଚଣ୍ଡିଖୋଲ ନିକଟରେ ଥିବା କୁହାଯାଉଛି । ଟିକସ ଫାଙ୍କି ମଦ ଯାଜପୁର, ଚଣ୍ଡିଖୋଲ ସମେତ କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ନୟାଗଡ଼, ସମ୍ବଲପୁର, ବଲାଙ୍ଗୀର ଜିଲ୍ଲାକୁ ବ୍ୟାପକ ଭାବେ ଚାଲାଣ ହେଉଥିବା ସୂଚନା ମିଳିଛି ।

# ଦୁଇ ବାଇକ ମୁହାଁମୁହିଁ : ୫ ଗୁରୁତର

କନ୍ଧମାଳ,୨୨/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡା ଥାନା ଅନ୍ତର୍ଗତ ଦୁତିମେଣ୍ଡି ଗ୍ରାମପଂଚାୟତ ଲମ୍ବାଗୁଡ୍ରୀ ନିକଟରେ ଦୁଇ ବାଇକ ମୁହାଁମୁହିଁ ହେବା ଫଳରେ ୪ ଜଣ ସମେତ ଜଣେ ଆହତ ହୋଇଛନ୍ତି । ସମସ୍ତ ଆହତ ମାନଙ୍କୁ ଖଜୁରୀପଡା ଅଗ୍ନିଶମ ବାହୀନି ଘଟଣା ସ୍ଥଳରୁ ଉଦ୍ଧାର କରି ଖଜୁରୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଏଠାରେ ପ୍ରାଥମିକ ଚିକିତ୍ସା କରାଯାଇ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଆହତ ମାନେ ହେଲେ ବୌଦ୍ଧ ଜିଲ୍ଲା ବଘିଆପଡା ଥାନା ଅନ୍ତର୍ଗତ କରଡାପଦର ଗ୍ରାମର ଯଶୋଦା ପ୍ରଧାନ ଏବଂ କାହ୍ନା କହଁର । ଅନ୍ୟ ଜଣେ ଯୁବକ ଲଣ୍ଡ୍ରେଜୁ ଗ୍ରାମର ଅର୍ଜୁନ ବେହେରା ବୋଲି ଜଣାପଡିଛି । ସେହିଭଳି ଆକାଶ ଭୋଇ ନାମକ ଜଣେ ଯୁବକ ଗୁରୁତର ହୋଇଥିବା ବେଳେ ଅନ୍ୟ ଜଣକର ନାମ ଜଣାପଡିନାହିଁ । ବାଇକ୍ ମୁହାଁମୁହିଁ ହେବା ଫଳରେ ସମୁଦାୟ ୫ ଜଣ ଗୁରୁତର ହୋଇଥିବା ବେଳେ ଆହତ ମାନଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳିବା ମଧ୍ୟ ସଂଭବ ହୋଇ ପାରିନାହିଁ ।ଘଟଣା ପରେ ଖଜୁରୀପଡା ପୋଲିସ ତଦନ୍ତ କରୁଥିବା ଜଣାପଡିଛି ।

# ସତ୍ୟସାଇ ସଂଗଠନ ଓ ହାଇଟେକ୍ ହସପିଟାଲ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ସେବା

କେନ୍ଦ୍ରାପଡ଼ା,୨୨/୧୧ (ନି.ପ୍ର): ଶ୍ରୀ ସତ୍ୟସାଇ ସେବା ସଂଗଠନ ଓ ହାଇଟେକ୍ ମେଡିକାଲ କଲେଜ ହସପିଟାଲ ପକ୍ଷରୁ ଏକ ନିଶୁଳ୍କ ସ୍ୱାସ୍ଥ୍ୟସେବା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ରବିବାର ପୂର୍ବାହ୍ନରେ କେନ୍ଦ୍ରାପଡା ପୌରାଂଚଳର ଇଛାପୁର ସ୍ଥିତ ୟୁପି ସ୍କୁଲ ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।

## ବ୍ଲକ ଘେରାଉ କାର୍ଯ୍ୟକ୍ରମର ପ୍ରସ୍ତୁତି

କେନ୍ଦ୍ରାପଡ଼ା,୨୨/୧୧ (ନି.ପ୍ର): ରନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ବିଜୁ ଜନତା ଦଳ ପକ୍ଷରୁ ସୋମବାର ହେବାକୁ ଥିବା କେନ୍ଦ୍ରାପଡା ବ୍ଲକ ଘେରାଉର ପ୍ରସ୍ତୁତି ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଶଶି ଭୂଷଣ ବେହେରାଙ୍କ ନେତୃତ୍ୱରେ ବିଜେଡି ଯୁବ ଛାତ୍ର, ମହିଳା ସଂଗଠନ ପକ୍ଷରୁ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପରିଚାଳନା ପାଇଁ ରାଜ୍ୟ ମହିଳା ସଂପାଦିକା ଜ୍ୟୋସ୍ନାରାଣୀ ଜେନାଙ୍କ ସଂଯୋଜନାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ସଭାପତି ଆଲୋକ ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ରଶ୍ମି ରଞ୍ଜନ ଭଞ୍ଜ(ମୁନା), ମଙ୍ଗଳ ବରଣ ସିଂହ, ଦୁର୍ଗା ପତି, ରଞ୍ଜନ କର, ସଙ୍ଗମ ସାମଲ,ମଧୁ କର, ମାନସ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୋଜନ ନିମନ୍ତେ ଉତ୍ତମ ସମୟ ଜ୍ଞାନ



ଆମ ଭାରତୀୟ ପରିବାରରେ ଭୋଜନ ନିମନ୍ତେ ଏକ ପ୍ରକୃଷ୍ଟ ସମୟ ଅଛି । ନିକଟରେ ହୋଇଥିବା ସର୍ବେକ୍ଷଣରୁ ଜଣାପଡ଼ିଛି ଯୁବପିଢ଼ି ମଧ୍ୟ ଏଇ ଢ଼ାଞ୍ଚାକୁ ସାଦରେ ଆପଣେଇ ନେଇଛି । ହାତଗଣତି କେତେଜଣ ଲୋକ ଖାଇବା-ପିଇବା ଉପରେ ସେତେଟା ଧ୍ୟାନ କେନ୍ଦ୍ରୀଭୂତ କରିପାରନ୍ତି ନାହିଁ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ କେତେକ ଦିଗ ପ୍ରତି ଯତ୍ନବାନ ହେବା ସହ ଧ୍ୟାନ ଦେବା ଆବଶ୍ୟକ ।

- ଯେପରି ଖିର ପିଇବା ନିମନ୍ତେ ସବୁଠୁ ଉତ୍ତମ ସମୟ ହେଉଛି ରାତିବେଳା । ସକାଳବେଳା ଖିର ପିଇଲେ ତାହା ଅମ୍ଳ ରୋଗ ସୃଷ୍ଟି କରିପାରେ ।
- ଜଳଖିଆରେ ଆପଣ ଚୁଡ଼ା, ଚିନି, କଦଳୀ, ଖିର ଖାଇପାରିବେ । ତାହା ଏକ ଉତ୍ତମ ଖାଦ୍ୟ । ପେଟ ଥଣ୍ଡା ରଖିବା ସହ ଶରୀରକୁ ଶକ୍ତି ମିଳିଥା, ।
- ଦିନବେଳା ଭାତ ଖାଆନ୍ତୁ । ରାତିବେଳା ଭାତ ଖାଉଥିଲେ ତାହା ସହଜରେ ହଜମ ହୋଇପାରେ ନାହିଁ । ପରିଶ୍ରମ ଅଧିକ କରୁଥିଲେ ମଧ୍ୟ ରାତି ଭୋଜନରେ ଭାତ ନଖାଇବା ଉଚିତ । ଏହା ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶ ।
- ଦହି ସମ୍ପର୍କିତ ତଥ୍ୟଟି ପ୍ରାୟ ସମସ୍ତଙ୍କୁ ଜଣା । ଏହା ସତ୍ତ୍ୱେ କେତେକ ଲୋକ ମାନନ୍ତି ନାହିଁ । ସକାଳ ଜଳଖିଆ ହେଉ ଅବା ଦ୍ୱିପହର ଭୋଜନ, ଏଇ ସମୟରେ ଦହି ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ, କିନ୍ତୁ ରାତିରେ ଦହି ଖାଇଲେ ତାହା ବିଷ ପ୍ରକ୍ରିୟା ସୃଟେି କରେ।।ଅନେକ ସମୟରେ ପେଟଖରାପର ମୁଖ୍ୟ କାରଣ ରାତିବେଳା ଦହି ଖାଇବା କାରଣରୁ ହୋଇଥାଏ ।
- ଡାଲି ଜାତୀୟ ଖାଦ୍ୟକୁ ରାତିବେଳା ଖାଇବା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ ବୋଲି ବିଭିନ୍ନ ପରୀକ୍ଷାରୁ ପ୍ରମାଣିତ ହୋଇଛି ।

## ସ୍ୱିଟ୍ ପଲାଉ



**ଆବଶ୍ୟକ ସାମଗ୍ରୀ:** ବାସୁମତି ଚାଉଳ, ଗୋଟା ଗୁଜରାତି, ଲବଙ୍ଗ, ଚିନି, ଘିଅ, ଫୁଡ କଲର, କାଜୁ ଓ ଆଲମଣ୍ଡ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବାସୁମତି ଚାଉଳକୁ କିଛି ସମୟ ପୂର୍ବରୁ ଭିଜାଇ ରଖନ୍ତୁ। ପରେ ଏକ ପ୍ୟାନରେ ପାଣି ଗରମ କରନ୍ତୁ। ପାଣି ଗରମ ହେବା ପରେ ସେଥିରେ ଭିଜା ଚାଉଳକୁ ପକାନ୍ତୁ। ପରେସେଥିରେ ଦୁଇ ଚାମଚ ଫୁଡ କଲର ପକାନ୍ତୁ। ଚାଉଳକୁ ବେଶୀ ସମୟ ସିଜାନ୍ତୁ ନାହିଁ। ପ୍ରାୟ ୬୦ ପରସେଣ୍ଟ ସିଜିଗଲା ପରେ ତାକୁ ଏକ ପାତ୍ରରେ ଛାଣି ରଖନ୍ତୁ।

ତା'ପରେ ପ୍ୟାନକୁ ଗରମ କରନ୍ତୁ। ସେଥିରେ ଘିଅ ପକାନ୍ତୁ। ସେଥିରେ କାଜୁ ଓ ଆଲମଣ୍ଡକୁ ପକାଇ ଅଳ୍ପ ସମୟ ପାଇଁ ଭାଜନ୍ତୁ। ଏହା ଭାଜି ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପୁଣି ପ୍ୟାନରେ ଘିଅ ଗରମ କରନ୍ତୁ। ଘିଅ ଗରମ ହେବା ପରେ ସେଥିରେ ଗୋଟା ଗୁଜରାତି, ଲବଙ୍ଗ ପକାନ୍ତୁ। ଏହା ଟିକେ ଭାଜି ହେବା ପରେ ସେଥିରେ ଛାଣି ରଖିଥିବା ଭାତକୁ ପକାନ୍ତୁ।

ତାପରେ ସେଥିରେ ଚିନି ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ଚିନିଟି ମିଶିଯିବା ପରେ ସେଥିରେ ଭଜା ହୋଇଥିବା କାଜୁ କିସମିସ ପକାଇ ତାକୁ ଗୋଳାଇ ଦିଅନ୍ତୁ। କିଛି ସମୟରେ ତାକୁ ଆଞ୍ଚରେ ବସାନ୍ତୁ। ଏହା ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱିଟ୍ ପଲାଉ।

## ସ୍ୱାସ୍ଥ୍ୟ ପାଇଁ ଉପଯୁକ୍ତ ଗୋମୂତ୍ର



- ଗୋମୂତ୍ରରେ ପୋଟାସିୟମ୍, କ୍ୟାଲସିୟମ୍, କ୍ଳୋରାଇଡ୍, ୟୁରିଆ ଏବଂ ଆମୋନିଆ ରହିଥାଏ । ତେଣୁ ଏହାକୁ ପିଇଲେ ତ୍ୱଚା ଜାତୀୟ ସମସ୍ୟା ଦୂର ହୋଇଥାଏ ।
- କ୍ୟାନ୍ସର, ଟିବି, ହିଷ୍ଟିଆ ଏବଂ ଅନ୍ୟାନ୍ୟ ମାରାତ୍ମକ ରୋଗରୁ ରକ୍ଷା ମିଳିଥାଏ ।
- ନିୟମିତ ଗୋମୂତ୍ର ପିଇଲେ ଗ୍ୟାଷ୍ଟ୍ରିକ୍ ଏବଂ ଏସିଡିଟି ଭଳି ରୋଗ ଭଲ ହୋଇଥାଏ ।
- ଡାକ୍ତର ମାନେ ମେଦ ବହୁଳତାର ଚିକିତ୍ସା ପାଇଁ ମଧ୍ୟ ଗୋମୂତ୍ର ବ୍ୟବହାର କରିଥାନ୍ତି ।

## ରାତିରେ ଲାଇଟ୍ ଲଗାଇ ଶୋଉଥିଲେ ସାବଧାନ ହୋଇଯାଆନ୍ତୁ



ପ୍ରାୟ ସମସ୍ତେ ରାତିରେ ଲାଇଟ୍ ବନ୍ଦ କରି ଶୋଇବା ପାଇଁ ପସନ୍ଦ କରନ୍ତି । କିନ୍ତୁ ବହୁତ ଅଳ୍ପ ଲୋକ ଥାଆନ୍ତି ଯେଉଁମାନେ ରାତିରେ ଲାଇଟ୍ ଜଳାଇ ଶୋଇବାକୁ ଭଲ ପାଆନ୍ତି । ଯଦି ଏପରି କରୁଛନ୍ତି, ତେବେ ତୁରନ୍ତ ଏ ଅଭ୍ୟାସ ଛାଡନ୍ତୁ । କାରଣ ରାତିରେ ଲାଇଟ୍ ଜଳାଇ ଶୋଇବା ଶରୀର ପ୍ରତି କ୍ଷତିକାରକ । ଡାକ୍ତରଙ୍କ କହିବା ଅନୁସାରେ ରାତିରେ ଶୋଇବା ସମୟରେ ଲାଇଟ୍ ଜଳାଇ ଶୋଇବା ଦ୍ୱାରା ବହୁ କ୍ଷତି ହୋଇଥାଏ । ଆସନ୍ତୁ ଜାଣିବା ଏପରି ଶୋଇବା ଦ୍ୱାରା କି ସମସ୍ୟା ହୋଇଥାଏ । ସୁସ୍ଥ ଜୀବନ ପାଇଁ ଦିନକୁ ୬ରୁ ୭ ଘଣ୍ଟା ଶୋଇବା ନିହାତି ଆବଶ୍ୟକ । ଖାସ୍ କରି ରାତିରେ ଶାନ୍ତିରେ ଶୋଇବା ଜରୁରୀ । ଦିନସାରା କାମ କରି ରାତିରେ ଶୋଇବା ଯୋଗୁଁ ଶରୀରକୁ କାମର ବୋଝରୁ ମୁକ୍ତି ମିଳିଥାଏ । ରାତିରେ ଆମ ଶରୀର ଲାଇଟ୍ (ଆଲୋକ) ଆବଶ୍ୟକ କରି ନଥାଏ । ଯଦି ଶୋଇବା ବେଳେ ଲାଇଟ୍ ଜଳାଇ ରଖନ୍ତି ଏହାର ସିଧା ପ୍ରଭାବ ଆମ ମସ୍ତିଷ୍କ ଓ ଆଖି ଉପରେ ପଡିଥାଏ । ଯଦି ରାତିରେ କମ୍ପ୍ୟୁଟରରେ କାମ କରୁଥିବେ କିମ୍ବା ସ୍ୱଳ୍ପ ଆଲୁଅରେ ପାଠ ପଢୁଥିବେ ତେବେ ଆପଣ ଚାପଗ୍ରସ୍ତ ହୋଇପାରନ୍ତି । ଫଳରେ ମୁଣ୍ଡବ୍ୟଥା ଓ ଆଖିରେ ଜଳାପଡ଼ା ସମସ୍ୟା ଦେଖା ଦେଇପାରେ । ଘର ଭିତରେ ଆଲୁଅ ଆଖି ଉପରେ ପ୍ରଭାବ ପକାଇଥାଏ। ନିଦ ଠିକ୍ ରେ ହୋଇ ନଥାଏ। ବାରମ୍ବାର ନିଦ ଭାଙ୍ଗି ଯାଇଥାଏ । ଏହାର ସିଧା ପ୍ରଭାବ ନିଦ ପରେ ପଡ଼ିଥାଏ ।

## ଯୋଗ କରୁଥିଲେ

ଶରୀରରେ ସୁସ୍ଥ ରଖିବାରେ ଯୋଗାସନର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତା' ସମସ୍ତେ ଜାଣନ୍ତି । ହେଲେ ଏହାର ଠିକ୍ ଫଳ ପାଇବାକୁ ହେଲେ କେତୋଟି କଥା ସମ୍ପର୍କରେ ଅବଗତ ହେବା ନିହାତି ଆବଶ୍ୟକ । ଜାଣିରଖନ୍ତୁ ସେ ସମ୍ପର୍କରେ....



- ସୂର୍ଯ୍ୟୋଦୟର ଅଧଘଣ୍ଟା ପୂର୍ବରୁ ଓ ତା' ପରଠୁ ଏକଘଣ୍ଟା ପର୍ଯ୍ୟନ୍ତ ଦେଢଘଣ୍ଟା ସମୟ ହେଉଛି ଯୋଗ କରିବାର ଉପଯୁକ୍ତ ସମୟ । ତେଣୁ ଦିନର ଅନ୍ୟ କୌଣସି ସମୟ ଅପେକ୍ଷା ଆପଣ ଯଦି ଏହି ସମୟ ମଧ୍ୟରେ ଯୋଗ କରୁଛନ୍ତି ତେବେ ଏହାର ସମ୍ପୂର୍ଣ୍ଣ ଲାଭ ଉଠାଇପାରିବେ ।
- ଯୋଗ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ସକାରାତ୍ମକ ପ୍ରଭାବ ପକାଇଥାଏ । ତେଣୁ ଯୋଗ କରିବା ସମୟରେ ତରତର ନ ହୋଇ ମନକୁ ସ୍ଥିର ରଖନ୍ତୁ । ନଚେତ୍ ଏହା ଆପଣଙ୍କ ଲାଗି ଉପକାରୀ ସାବ୍ୟସ୍ତ ହେବା ବଦଳରେ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଇବ ।



- ଯୋଗ କରିବାର ପ୍ରାରମ୍ଭିକ ଦିନଗୁଡିକରେ ଅଧିକାଂଶ ଏକାସଙ୍ଗେ ବହୁତ ଯୋଗାସନ ତାହା ପୁଣି ଅଧିକ ସମୟ ପାଇଁ କରିଥାନ୍ତି । ହେଲେ ଯୋଗ କରିବାର ଶୀଘ୍ର ଫଳ ପାଇବା ଆଶାରେ ଏପରି କରିବା ଠିକ୍ ନୁହେଁ । କାରଣ ସମସ୍ତଙ୍କ ଶାରୀରିକ କ୍ଷମତା ଭିନ୍ନ ଭିନ୍ନ । ତେଣୁ ଆବଶ୍ୟକରୁ ଅଧିକ ଯୋଗ ଏକାଦିନେ କରିବା ଦ୍ୱାରା ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ । ତେଣୁ ପ୍ରାରମ୍ଭିକ ଦିନଗୁଡିକରେ ଅଳ୍ପ ଅଳ୍ପ ଯୋଗସନ କରନ୍ତୁ ଏବଂ ଧୀରେ ଧୀରେ ଅଭ୍ୟାସ ହେବା ପରେ ଏହାର ସମୟସୀମା ବଢାନ୍ତୁ ।
- ଯୋଗାସନ କେବେ ବେଡ୍ , ସୋଫା ଭଳି ସୁବିଧାଜନକ ସ୍ଥାନରେ ବସି କରନ୍ତୁ ନାହିଁ । ଏହା ବଦଳରେ ଚଟାଣ ଉପରେ ଆସନ ବିଛାଇ ଯୋଗ କରନ୍ତୁ ।
- ଯୋଗ କରିବା ଦିନଗୁଡିକରେ ଏହାର ଉପକାରିତା ପାଇବାକୁ ଚାହୁଁଥିଲେ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ତେଲ ମସଲାଯୁକ୍ତ କିମ୍ୱା ଅନ୍ୟ କୌଣସି ଗରିଷ୍ଠ ଖାଦ୍ୟ ସୁଷମ ଖାଦ୍ୟ ଖାଆନ୍ତୁ ଏବଂ ପ୍ରଚୁର ପାଣି ପିଅନ୍ତୁ । ଯୋଗାସନ କରିବାର କିଛି ସମୟ ପୂର୍ବରୁ ୨ ଗ୍ଲାସ୍ ପାଣି ପିଇବାକୁ ଆଦୌ ଭୁଲନ୍ତି ନାହିଁ ।

## ଜଙ୍ଗଲ ମଝିରେ ପାଠାଗାର



ସହର ହେଉ ଅବା ଗ୍ରାମ, ସେହି ଅଞ୍ଚଳରେ ପାଠାଗାରଟିଏ ରହିବା କୌଣସି ବଡ କଥା ନୁହେଁ । ହେଲେ ଜଙ୍ଗଲ ମଝିରେ ପାଠାଗାରଟିଏ ରହିବା ନିହାତି ଭାବେ ଆଲୋଚନାର ବିଷୟ । କେରଳର ଏକ ଆଦିବାସୀ ଅଧ୍ୟୁଷିତ ଗ୍ରାମ ହେଉଛି ଏଡମଲକୁଡ୍ଡି । ଚାରିପାଖରେ ଜଙ୍ଗଲ ଥିବାବେଳେ ଏଇ ଗ୍ରାମକୁ ବିଦ୍ୟୁତ୍ ସୁବିଧା ନାହିଁ କିମ୍ୱା ଗ୍ରାମର କୌଣସି ଲୋକ ଇଣ୍ଟରନେଟ୍ ମଧ୍ୟ ବ୍ୟବହାର କରିପାରୁନାହାନ୍ତି । ଏସବୁ ଭିତରେ ସେମାନଙ୍କ ମନୋରଞ୍ଜନର ମୁଖ୍ୟ ଉପାୟ ହେଉଛି ଗାଁ ପାଖ ଜଙ୍ଗଲରେ ଥିବା ପାଠାଗାର । ଗାଁର ସମସ୍ତ ବର୍ଗର ଲୋକ ଦୈନିକ ଏଇ ପାଠାଗାରରେ ଭିଡ ଜମାଇଥାନ୍ତି । ବିଭିନ୍ନ ପ୍ରକାରର ପୁସ୍ତକ ସହ ଖବରକାଗଜ ମଧ୍ୟ ଏଠାକୁ ଆସେ । ଅବଶ୍ୟ ଯୋଗାଯୋଗ ସୁବିଧା ନଥିବାରୁ ଖବରକାଗଜ ଗୋଟିଏ ଦିନ ବିଳମ୍ବରେ ସେଠାରେ ପହଞ୍ଚିଥାଏ । କେତେକ ଦିନରେ ଖବରକାଗଜ ୨-୩ ଦିନ ବିଳମ୍ବରେ ମଧ୍ୟ ପହଞ୍ଚିଥିବାର ସ୍ଥାନୀୟ ଲୋକ କହିଛନ୍ତି । ପାଠାଗାରକୁ ନିର୍ମାଣ କରିଛନ୍ତି ସେଠାକାର ବାସିନ୍ଦା ଜନୈକ ଚା' ବିକାଳି ପିବି ଛିନ୍ନାଥମ୍ବୀ ଓ ଅନ୍ୟ ଜଣେ ଶିକ୍ଷକ ପି.କେ. ମୁରଲୀଧରନ୍ । ଜଙ୍ଗଲ ମଝିରେ ନିର୍ମିତ ୭୦-୮୦ଜଣ ପାଠକ ଆସୁଥିବାର ଜଣାପଡିଛି । ପାଖଆଖ ଗ୍ରାମର ଲୋକ ଛିନ୍ନାଥମ୍ବୀ ଓ ମୁରଲୀଧରନ୍ଙ୍କ ଏଇ ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

## ସ୍ୱାସ୍ଥ୍ୟ ମନ୍ତ୍ର

'ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ'ର ଏକ ରିପୋର୍ଟ ଅନୁସାରେ, ଜଣେ ସୁସ୍ଥ ବ୍ୟକ୍ତି ପାଇଁ ଦୈନିକ ସର୍ବାଧିକ ପାଞ୍ଚ ଗ୍ରାମ୍ ଆୟୋଡିନ୍‌ଯୁକ୍ତ ଲୁଣ ଆବଶ୍ୟକ । ଏହା ଦ୍ୱାରା ଶରୀରର ଲବଣାଂଶ ଠିକ୍ ରହେ ଦୁଇ ଗୁଣ ଅଧିକ ଲୁଣ ଖାଉଥିବା ଏହି ରିପୋର୍ଟରୁ ଜଣାପଡିଛି । ଭାରତୀୟମାନଙ୍କ ଲୁଣ ଅଭ୍ୟାସ ଜାଣିବା ପାଇଁ ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ପ୍ରାୟ ଅଢେଇ ଲକ୍ଷ ଲୋକଙ୍କୁ ଅଧ୍ୟୟନରେ ସାମିଲ କରିଥିଲେ । ଅଧ୍ୟୟନ ଶେଷରେ ଜଣାପଡିଲା ଯେ ଭାରତୀୟମାନେ ଦୈନିକ ହାରାହାରି ୧୦.୯୮ ଗ୍ରାମ୍ ଲୁଣ ଖାଇଥାନ୍ତି । ଏହା ଦ୍ୱାରା ସେମାନେ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ଭଳି ସମସ୍ୟାରେ ପଡୁଛନ୍ତି । ମଧ୍ୟବୟସ୍କ ଓ ମଧୁମେହ ରୋଗୀ ଏଥିପ୍ରତି ଅଧିକ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

## ବାହାଡା ଦାନ୍ତର ଅତ୍ୟାଧୁନିକ ଚିକିତ୍ସା



ଜନ୍ମଗତ ତ୍ରୁଟି କିମ୍ୱା ଅନ୍ୟାନ୍ୟ କେତେକ କାରଣରୁ କିଛି ବ୍ୟକ୍ତିଙ୍କ ଦାନ୍ତ ଠିକ୍ ଭାବରେ ନ ଉଠି, ଗୋଟିଏ ଉପରେ ଆଉ ଏକ ଦାନ୍ତ ଉଠିଥାଏ । ଆଗପଛ ହୋଇ ରହିଥିବା ଏବଂ ବଙ୍କା ତେଢା ଦାନ୍ତକୁ ବାହାଡା ଦାନ୍ତ ବୋଲି କୁହାଯାଏ । ଏହା ଦେଖିବାକୁ ଅସୁନ୍ଦର ହେବା ସହ ଦାନ୍ତ ସଫା କରିବା ଏବଂ ଯତ୍ନ ନେବା ବେଳେ ମଧ୍ୟ କଷ୍ଟ ହୋଇଥାଏ । ଭଲ ଭାବରେ ଦାନ୍ତ ସଫା ନ ହେବାରୁ ଦାନ୍ତ ମୂଳରେ ଖାଉଥିବା ଖାଦ୍ୟ ଜମି ବିଭିନ୍ନ ପ୍ରକାଣ ଦାନ୍ତ ଓ ମାଢି ରୋଗ ମଧ୍ୟ ହୋଇଥାଏ । ଏହା ବ୍ୟତୀତ ଖାଦ୍ୟ ଖାଇବା ଓ କଥା କହିବା ବେଳେ ମଧ୍ୟ ସମସ୍ୟା ହୁଏ । ବାହାଡା ଦାନ୍ତ ଥିଲେ ସାଧାରଣତଃ ଡାକ୍ତରମାନେ ଦାନ୍ତ ଉପରେ ମେଟାଲ କିମ୍ୱା ସେରାମିକ୍ ବ୍ରେସେସ୍ ଲଗାଇ ଦାନ୍ତ ଠିକ୍ କରିବାକୁ ଚେଷ୍ଟା କରିଥାନ୍ତି। ଏହି ବ୍ରେସେସ୍ ଦୀର୍ଘ ଦିନ ପର୍ଯ୍ୟନ୍ତ ଦାନ୍ତ ଉପରେ ଲଗାଇ ରଖିବାକୁ ପଡେ, ଯାହା ଦେଖିବାକୁ ଅସୁନ୍ଦର ହେବା ସହ ମାଢିରେ ଯନ୍ତ୍ରଣା ସୃଷ୍ଟି ହୋଇଥାଏ । ଏବେ ଠିକ୍ ସମୟରେ ଅର୍ଥୋଡୋଣ୍ଟିକ୍ ଚିକିତ୍ସା ପଦ୍ଧତିରେ ଦାନ୍ତ ଉପରେ ବ୍ରେସେସ୍ ଲଗାଇଲେ ଖୁବ୍ କମ୍ ଦିନ ମଧ୍ୟରେ ବାହାଡା ଦାନ୍ତ ଗୁଡିକ ଠିକ୍ ହୋଇପାରୁଛି । ଏବେ ମିଳୁଛି ଅତ୍ୟାଧୁନିକ ଟ୍ରାନ୍ସପାରେଣ୍ଟ ବ୍ରେସେସ୍ ବା କ୍ଲିୟର ଏଲାଇନ୍‌ର । ଏହାଦ୍ୱାରା ଦାନ୍ତ ଉପରେ କିଛି ଲାଗିଛି ବୋଲି ଜଣାପଡି ନଥାଏ ଏବଂ ଖୁବ୍ କମ ଦିନ ମଧ୍ୟରେ ଦାନ୍ତ ଉପରେ ଚାପ ସୃଷ୍ଟି କରି ଦାନ୍ତଗୁଡିକୁ ଧୀରେଧୀରେ ସୁନ୍ଦର ଭାବେ ସଜାଇ ଦିଆଯାଏ । ଏଥିରେ ଦାନ୍ତରେ ମେଟାଲ ଅଥବା ସେରାମିକ୍ ତାର କିମ୍ୱା କ୍ଲିପ୍ ଲଗାଇବାକୁ ପଡେନାହିଁ । ଦେଖିବାକୁ ସୁନ୍ଦର ଲାଗେ ଏବଂ ଦାନ୍ତର ରକ୍ତନଳୀ ଉପରେ ଅଧିକ ଚାପ ପଡି ନଥାଏ । ବିନା ଯନ୍ତ୍ରଣାରେ ବାହାଡା ଦାନ୍ତ ଶୀଘ୍ର ଭଲ ହୋଇଥାଏ ।

## ବାସ୍ତୁ ବିଚାରରେ ଗ୍ୟାରେଜ

ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଚାରିଚକିଆ ଯାନର ବ୍ୟବହାର ଅଧିକ । ଅଧିକାଂଶ ଲୋକ ନିଜ ସୁବିଧା ପାଇଁ ଗାଡ଼ି ତ କିଣନ୍ତି, ହେଲେ ତା' ପୂର୍ବରୁ ତାକୁ ରଖିବା ପାଇଁ ଉପଯୁକ୍ତ ସ୍ଥାନ ନିର୍ଦ୍ଧାରଣଣ କରନ୍ତି ନାହିଁ । ଗାଡ଼ି, କିଣି ସାରିବା ପରେ ମନଇଚ୍ଛା ସ୍ଥାନରେ ଗ୍ୟାରେଜ ନିର୍ମାଣ କରନ୍ତି । ଭୁଲିବା ଉଚିତ୍ ନୁହେଁ ଯେ ଆମେ ବ୍ୟବହାର କରୁଥିବା ଅନ୍ୟ ସମସ୍ତ ବସ୍ତୁ ଓ ଦ୍ରବ୍ୟ ପରି ଗାଡ଼ିର ମଧ୍ୟ ଉଭୟ ନକରାତ୍ମକ ଓ ସକରାତ୍ମକ ଶକ୍ତି ରହିଛି । ସେଥିପାଇଁ ଗାଡ଼ି କିଣିବା ପରେ ଅଧିକାଂଶ କ୍ରେତା ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳେ, ତେଣୁ ଗାଡ଼ି କିଣିବା ପୂର୍ବରୁ ପ୍ରଥମେ ତା' ପାଇଁ ବାସ୍ତୁ ତ୍ରୁଟୀରହିତ ସ୍ଥାନ ନିରୂପଣ କରିବା ସହ ବାସ୍ତୁ ପରାମର୍ଶ ଗ୍ରହଣ କରିବା ଉଚିତ୍ ।

**ପରାମର୍ଶ:**

୧.ଗ୍ୟାରେଜ ପାଇଁ ଘରର ଉତ୍ତର-ପଶ୍ଚିମ ଦିଗ ସର୍ବୋତ୍ତମ ।

୨. ଗ୍ୟାରେଜ ଭିତରେ ଗାଡ଼ିର ମୁହଁ ପୂର୍ବ ଦିଗକୁ ରହିବା ଉଚିତ୍ ।

୩. ପାର୍କ କରିବା ପରେ ଗ୍ୟାରେଜ ଚାରିପଟେ ଯେପରି ପର୍ଯ୍ୟାପ୍ତ ସ୍ଥାନ ରହିବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ ।

୪. ଗ୍ୟାରେଜର ଚଟାଣ ପୂର୍ବ ବା ଉତ୍ତର ଦିଗକୁ ସାମାନ୍ୟ ଗଡ଼ାଣି ରହିବା ଉଚିତ୍ ।

୫. ଗ୍ୟାରେଜର ପ୍ରବେଶ ଦ୍ୱାର ଉତ୍ତର କିମ୍ୱା ପୂର୍ବ ମୁହାଁ ହେଲେ ଭଲ ।



## କ୍ଷତିକାରକ ଗରମ ଚା'

ଚା' ପିଇବା ଶରୀର ପାଇଁ କେତେ ଆବଶ୍ୟକ, ଏ ବାବଦରେ ନିୟମିତ ଭାବରେ ଗଣମାଧ୍ୟମରେ ଖବର ପ୍ରକାଶିତ ହେଉଛି। ତେବେ ନିକଟରେ ଏକ ଆମେରିକୀୟ ପତ୍ରିକାରେ ପ୍ରକାଶିତ ହୋଇଥିବା ତଥ୍ୟ ଅନୁସାରେ ପ୍ରତ୍ୟେକ ବର୍ଗର ଲୋକେ ଗରମ ଚା' ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଏହାକୁ ଅଭ୍ୟାସରେ ପରିଣତ କରିଥିବା ଲୋକେ ଯଥାଶୀଘ୍ର ଏହି ଅଭ୍ୟାସକୁ ଦୂରେଇବା ଉଚିତ୍। ଗବେଷକ ଦଳ ପରୀକ୍ଷା କରିବା ପରେ ପ୍ରକାଶ କରିଛନ୍ତି ଯେ,



ଗରମ ଚା' ପିଉଥିବା ଲୋକଙ୍କୁ କର୍କଟ ରୋଗ ହେବାର ସମ୍ଭାବନା ସର୍ବାଧିକ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆବଶ୍ୟକତା ଜରୁରି...

ଭାରତରେ କରୋନା ମହାମାରୀ ପ୍ରଭାବ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଏବେ ଦୈନିକ ସଂକ୍ରମଣ ମାତ୍ରା ପ୍ରାୟ ବାର ହଜାର ତଳକୁ ଖସିଆସିଥିବାବେଳେ ଆରୋଗ୍ୟ ହାର ୯୮ ଦଶମିକ ୨୮ ଛୁଇଁଛି। ଏହା ନିଶ୍ଚିତ ଭାବେ ଆଶ୍ୱସ୍ତିର କଥା। ଏପରିକି କେରଳ ଓ ମହାରାଷ୍ଟ୍ର ଭଳି କେତେକ ରାଜ୍ୟ, ଯେଉଁଠାରେ ଏହି ମହାମାରୀ ବାରମ୍ବାର ବୃଦ୍ଧି ହ୍ରାସ ଘଟୁଥିଲା ସେଠାରେ ମଧ୍ୟ ଏହା ଆୟତ୍ତକୁ ଆସିବାରେ ଲାଗିଛି। ସବୁଠାରୁ ବଡ଼ ଉପଲବ୍ଧିଟି ହେଉଛି ଦେଶରେ କରୋନାର କୌଣସି ନୂତନ ମାରାତ୍ମକ ଷ୍ଟ୍ରେନ୍ ବାହାରିନାହିଁ। ତେଣୁ ପାର୍ବଣ ଋତୁ ଶେଷ ପର୍ଯ୍ୟାୟରେ ପହଂଚିଥିବାରୁ ଏବେ କଟକଣାକୁ ଧୀରେ ଧୀରେ କୋହଳ କରାଯାଉଛି। ରାଜ୍ୟ ସରକାର ମଧ୍ୟ ଅନୁରୂପ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି। କଟକଣା ମଧ୍ୟରେ ପ୍ରେକ୍ଷାଳୟଠାରୁ ଆରମ୍ଭ କରି ରଙ୍ଗମଂଚ ଆଦି ଖୋଲିବାକୁ ନୂଆ ମାର୍ଗଦର୍ଶିକା ଜାରି କରାଯାଇଛି। ଉତ୍ସବାନୁଷ୍ଠାନ ପାଇଁ କଟକଣାକୁ ସରଳ କରାଯାଇଛି। ତେବେ ବରିଷ୍ଠ ନାଗରିକ, ଶିଶୁ ଓ ଗର୍ଭବତୀମାନଙ୍କ ପାଇଁ ପୂର୍ବବତ୍ ବାରଣ ବ୍ୟବସ୍ଥା କାଏମ ରଖାଯାଇଛି। ଏହା ସତ୍ତ୍ୱେ ସତର୍କତା ଅବଲମ୍ବନ ଏବଂ କୋଭିଡ୍ ଉପଯୁକ୍ତ ଆଚରଣ ମାନି ଚଳିବାକୁ ସମସ୍ତ ନାଗରିକଙ୍କୁ ସତର୍କ କରିଦିଆଯାଇଛି। ଇତିମଧ୍ୟରେ ଦୋକାନବଜାର ଠାରୁ ଆରମ୍ଭ କରି ସରକାରୀ ଓ ଘରୋଇ କାର୍ଯ୍ୟାନୁଷ୍ଠାନମାନ ଖୋଲିସାରିଲାଣି। ସ୍କୁଲ କଲେଜରେ ମଧ୍ୟ ପାଠପଢ଼ା ଆରମ୍ଭ ହେଲାଣି। ସର୍ବସାଧାରଣ ସ୍ଥାନମାନଙ୍କରୁ ନେଇ କାର୍ଯ୍ୟପରିସର ପର୍ଯ୍ୟନ୍ତ ସବୁଠାରେ କିନ୍ତୁ ସାମାଜିକ ଦୂରତା ରକ୍ଷା, ହାତଧୁଆ, ମୁହଁରେ ମାସ୍କ ପିନ୍ଧିବା ଉପରେ ଗୁରୁତ୍ୱ ଦିଆଯାଉଛି। କରୋନା ମହାମାରୀ ଆରମ୍ଭ ହେବା ଦିନଠାରୁ ଏହି କଟକଣା ବଳବତ୍ତର ରହିଛି ଏବଂ ଏହି ମହାମାରୀ ସଂପୂର୍ଣ୍ଣ ରୂପେ ନିଶ୍ଚିହ୍ନ ହେବା ପର୍ଯ୍ୟନ୍ତ ତାହା ଜାରି ରହିପାରେ। ଭାରତର ସ୍ଥିତି ଏହା ଥିବାବେଳେ ବିଶ୍ୱର ଅନେକ ରାଷ୍ଟ୍ରରେ ଏବେ ବିପରୀତ ସ୍ଥିତି ଉତ୍ପନ୍ନ ହୋଇଥିବା ଜଣାପଡ଼େ। ଚୀନ୍ ସମେତ ଏକାଧିକ ୟୁରୋପୀୟ ରାଷ୍ଟ୍ରରେ ଏହାର ପ୍ରକୋପ ପୁଣିଥରେ ଆରମ୍ଭ ହୋଇଛି। ବିଶେଷକରି କରୋନାର ଉତ୍ପତ୍ତିସ୍ଥଳ ଚୀନ୍‌ର ଏକାଧିକ ସହରରେ ଏହା ବ୍ୟାପିବା ପରେ ସେଠାକାର କର୍ତ୍ତୃପକ୍ଷ କଠୋର କଟକଣା ଜାରି କରିଛନ୍ତି। ଜନ ଯାତାୟାତ ଠାରୁ ନେଇ ଦୋକାନ ବଜାର, ମଲ୍, କାର୍ଯ୍ୟାଳୟ ଓ ସ୍କୁଲ କଲେଜ ଆଦିକୁ ବନ୍ଦ କରିଦିଆଯାଇଛି। ତେଣୁ ବିଶ୍ୱରେ କରୋନାର ସ୍ଥିତି ସମାନ ନୁହେଁ। ଏପରିକି ଗୋଟିଏ ଦେଶରେ ସବୁ ସ୍ଥାନରେ ସୁଦ୍ଧା ଏହା ସମାନ ଅବସ୍ଥାରେ ନାହିଁ। ଏହା ଜନସାଧାରଣଙ୍କ ମନରେ ଏହି ପ୍ରତ୍ୟୟ ସୃଷ୍ଟି କରିଛି ଯେ ସତର୍କତା ଅବଲମ୍ବନ ହିଁ ଏହାଠାରୁ ଦୂରେଇ ନିରାପଦ ରହିବାର ଏକମାତ୍ର ସହଜ ଉପାୟ। ଅପରପକ୍ଷେ କରୋନାର ପ୍ରକୋପ କମିଥିଲେ ସୁଦ୍ଧା ଦେଶରେ ଏବେ ମଧ୍ୟ ଦୈନିକ କେଇଶହ ଲୋକଙ୍କ ମୃତ୍ୟୁ ଘଟିବା ଚିନ୍ତାର କାରଣ ବୋଲି ଗ୍ରହଣ କରାଯାଇପାରେ। ପୁଣି ବିଜ୍ଞାନୀମାନଙ୍କର ଆଉ ଏକେ ଚେତାବନୀକୁ ମଧ୍ୟ ଗୁରୁତ୍ୱର ସହ ବିଚାର କରାଯିବା ଜରୁରି ମନେହୁଏ। ସ୍ୱାସ୍ଥ୍ୟ ବିଜ୍ଞାନୀମାନଙ୍କ ଆକଳନ ଅନୁସାରେ କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣ କରୋନାର କାରଣ ନହୋଇପାରେ, କିନ୍ତୁ ଏହା ଏହି ରୋଗ ସଂକ୍ରମଣକୁ ସହାୟକ ହେଉଛି। ଯେହେତୁ ଉଭୟ ମନୁଷ୍ୟଙ୍କ ଶ୍ୱାସକ୍ରିୟାକୁ ଆକ୍ରାନ୍ତ କରିଥାଏ, ସେହି କାରଣରୁ ପ୍ରଦୂଷଣ ମଧ୍ୟ କରୋନା ଆକ୍ରାନ୍ତଙ୍କ ଅବସ୍ଥା ଜଟିଳ କରିବାର ଏକ କାରଣ ବୋଲି ବୁଝିବା ସ୍ୱାଭାବିକ। ଏବେ ଶୀତଦିନେ ରାଜଧାନୀ ଦିଲ୍ଲୀ ସମେତ ଉତ୍ତର ଭାରତର ଅଧିକାଂଶ ସ୍ଥାନ ଭୀଷଣ ଭାବେ ପ୍ରଦୂଷିତ ହେଉଛି। ତେଣୁ ଏହାକୁ ନିୟନ୍ତ୍ରଣ କରିବା ସକାଶେ ବ୍ୟାପକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। କରୋନା ବ୍ୟାପିବାର କାରଣ ଯାହା ହୋଇଥାଉ ନା କାହିଁକି, ବ୍ୟାପକ ସର୍ତକତା ଓ ଟିକାକରଣ ଦ୍ୱାରା ହିଁ ଏହାଠାରୁ ଦୂରେଇ ରହିହେବ। ଆନ୍ତର୍ଜାତିକ ସ୍ତରରେ ଏବେ ବିମାନ ଚଳାଚଳ ଆରମ୍ଭ ହୋଇଛି। ଭାରତକୁ ଶତାଧିକ ରାଷ୍ଟ୍ରରୁ ବିମାନ ଯାତାୟାତ କରୁଛି। ସେଥିପ୍ରତି ମଧ୍ୟ ସରକାର ଓ ଜନସାଧାରଣଙ୍କୁ ସଚେତନ ରହିବାକୁ ହେବ। ସ୍ମରଣ ରଖିବାକୁ ହେବ ଯେ, ଏହା ସମଗ୍ର ମାନବ ସମାଜ ପ୍ରତି ଏକ ବିପଦ। ଯେପର୍ଯ୍ୟନ୍ତ ସବା ଶେଷ କରୋନା ରୋଗୀଟି ଆରୋଗ୍ୟ ନହୋଇଛି ସେ ପର୍ଯ୍ୟନ୍ତ କେହି ସୁରକ୍ଷିତ ନୁହଁନ୍ତି। ତେଣୁ ବ୍ୟକ୍ତିଗତ ସ୍ତରରେ ନୁହେଁ ସାମାଜିକ ଓ ସାମଗ୍ରିକ ଦୃଷ୍ଟିରୁ ହିଁ କରୋନା ବିପତ୍ତିକୁ ବିବେଚନା କରିବାକୁ ପଡ଼ିବ।

## ଭାରତର ଆତ୍ମା ହେଉଛି ଗ୍ରାମ



ପ୍ରଦୀପ୍ତ ଆଚାର୍ଯ୍ୟ

ଭାରତର ଅଧିବାସୀ ମାନଙ୍କ ମଧ୍ୟରୁ ସତୁରୀ ପ୍ରତିଶତ ଗ୍ରାମାଚଂଳବାସୀ ଏବଂ ଭାରତର ୯୬ ପ୍ରତିଶତ ଭୂମି ଗ୍ରାମାଚଂଳ ଅନ୍ତର୍ଭୁକ୍ତ। କିନ୍ତୁ ସମସ୍ତେ ଜାଣନ୍ତି, ସ୍ୱାଧୀନତାର ଏତେ ବର୍ଷ ପରେ, ଗ୍ରାମାଚଂଳର ଉନ୍ନତି ନିମନ୍ତେ,ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ପ୍ରଣୀତ ହୋଇ ମଧ୍ୟ, ଏଯାବତ୍ ଗ୍ରାମାଚଂଳର କୌଣସି ଆଖିଦୃଷ୍ଟିଆ ଉନ୍ନତି ହୋଇପାରିନାହିଁ। ଶିକ୍ଷା, ସ୍ୱାସ୍ଥ,ଗମନାଗମନ,ପାନୀୟ ଜଳ,ବିଦ୍ୟୁତ କରଣ,ବାସଗୃହ ଓ ଅର୍ଥନୈତିକ ଅବସ୍ଥା,ପ୍ରତ୍ୟେକ କ୍ଷେତ୍ରରେ ଗ୍ରାମାଚଂଳର ବ୍ୟବସ୍ଥା ତୁଳନାତ୍ମକ ଭାବରେ ସହର ଠାରୁ ନ୍ୟୁନ। ସହରାଚଂଳ ଲୋକ ମାନଙ୍କର ମୁଣ୍ଡପିଛା ଆୟ ୯୮,୪୩୫ଥିବା ବେଳେ , ଗ୍ରାମାଚଂଳ ଅଧିବାସୀଙ୍କ ମୁଣ୍ଡପିଛା ଆୟ ୪୦,୯୨୫। ମୁଖ୍ୟତଃ ଗ୍ରାମର ବାସିନ୍ଦା ମାନେ, କୃଷି କାର୍ଯ୍ୟ ଉପରେ ନିର୍ଭର କରି ଜୀବିକାର୍ଜନ କରିଥାନ୍ତି। ଦେଶର ଅଧିକାଂଶ କୃଷିକ୍ଷେତ୍ର ଅଣଜଳସେଚିତ ହୋଇ ଥିବାରୁ, କୃଷକ ମାନେ ସାଧାରଣତଃ ବୃଷ୍ଟି ଜଳ ଉପରେ ନିର୍ଭର କରି, ଫସଲ କରିଥାନ୍ତି। ତେଣୁ ବର୍ଷର ତିନି ଚାରି ମାସ ଛାଡିଦେଲେ, ଅନ୍ୟ ସମୟ ଗୁଡିକ ସେମାନେ ବେକାର ରୁହନ୍ତି। ଏମାନଙ୍କୁ ଋତୁକାଳୀନ ବେକାରୀ କୁହାଯାଏ। ଦେଶର ଜଳବାୟୁ ପାଣିପାଗର ଅନିୟମିତତା, ତଥା କୃଷି ଉତ୍ପାଦକ ସହାୟକ ସାମଗ୍ରୀ ଯଥା- ସାର , ବିହନ, ପୋକମରା ଔଷଧର ଅହେତୁକ ମୂଲ୍ୟବୃଦ୍ଧି, କୃଷକ ମାନଙ୍କୁ ଧୀରେ ଧୀରେ କୃଷିକାର୍ଯ୍ୟ ପ୍ରତି ବିମୁଖ କରାଉଅଛି। ଯାହା ଫଳରେ ଗ୍ରାମାଚଂଳର ଯୁବକ ମାନେ କାର୍ଯ୍ୟ ଅନ୍ୱେଷଣରେ ସହରାଭିମୁଖୀ ହେଉଛନ୍ତି। ଦିନକୁ ଦିନ ଦାଦନ ଶ୍ରମିକ ସଂଖ୍ୟା ଅହେତୁକ ଭାବରେ ବୃଦ୍ଧି ପାଉଛି। ଅପର ପକ୍ଷରେ , ସରକାରୀ ଯୋଜନାରେ ଲୋକମାନେ ମାଗଣାରେ କିଛି ଖାଦ୍ୟ ସମଗ୍ରୀ ପାଇଗଲା ପରେ, ସେମାନଙ୍କର ଶ୍ରମ ପ୍ରତି ଆଗ୍ରହ ସୃଷ୍ଟି ହେଉ ନାହିଁ,ଯାହା ପରୋକ୍ଷ ଭାବରେ, କୃଷି କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। ଯାହା କିଛି କୃଷିଜାତ ଦ୍ରବ୍ୟ ଉତ୍ପାଦିତ ହେଉଛି, ଉପଯୁକ୍ତ ଗମନାଗମନ ଓ ସଂରକ୍ଷଣର ସମସ୍ୟା ଯୋଗୁଁ, ତାହା ଠିକ୍ ଦରରେ ବିକ୍ରୟ ହୋଇ ପାରୁନାହିଁ। ଏବେବି କିଛି ଗ୍ରାମ ଅଛି ଯେଉଁଠିକି ଭଲ ରାସ୍ତାଟିଏ ନାହିଁ ଏବଂ ବିଦ୍ୟୁତ ସେବା ସେମାନଙ୍କ ପାଇଁ ସ୍ୱପ୍ନ। ସରକାର ଗ୍ରାମ୍ୟ ଉନ୍ନୟନ ତଥା ଦାରିଦ୍ର୍ୟ ଦୁରିକରଣର ଯେତେ ବଡ ବଡ ଯୋଜନା କଲେ ମଧ୍ୟ, ବାସ୍ତବ କ୍ଷେତ୍ରରେ ତାହା ରୂପାୟନ ହୋଇ ପାରୁନାହିଁ। ସରକାରଙ୍କର କାର୍ଯ୍ୟପାଳିକା ବିଭାଗର ଉଦାସୀନତା ହିଁ ଏହାର ମୁଖ୍ୟ କାରଣ ହୋଇପାରେ। ଭାରତୀୟ ଗ୍ରାମ୍ୟ ନିର୍ମାଣ ତ୍ୱରାନିତ ନହେଲେ, ଆମ ବିଶାଳ ଭାରତର ବିକାଶ ଅସମ୍ଭବ ବୋଲି, ଥରେ ଦୁରଦ୍ରଷ୍ଟା ଗାନ୍ଧିଜୀ ,ତାଙ୍କର ପ୍ରିୟ ଲେଖକ ମୁଲକରାଜ୍ ଆନନ୍ଦଙ୍କୁ କହିଥିଲେ। ଭାରତର ଆତ୍ମା ହେଉଛି ଗ୍ରାମ,ଏହା ଥିଲା ତାଙ୍କର ଉକ୍ତି।

ଗ୍ରାମାଚଂଳର ଦ୍ରୁତ ବିକାଶ ନିମନ୍ତେ, ଶିକ୍ଷା ସ୍ୱାସ୍ଥ ଏବଂ କୃଷିର ଉନ୍ନତି ହିଁ ଏକାନ୍ତ ଆବଶ୍ୟକ ବୋଲି ବିଶେଷଜ୍ଞ ଜି.ସାହା ମତବ୍ୟକ୍ତ କରିଥିଲେ। ତନ୍ମଧ୍ୟରୁ କୃଷି କାର୍ଯ୍ୟ ସର୍ବପ୍ରଥମେ ଏବଂ କୃଷିର ବ୍ୟାପକତା, ଅଭିବୃଦ୍ଧି ଓ ଆଧୁନିକୀକରଣକୁ ପ୍ରାଧାନ୍ୟ ଦିଆଯିବା ଉଚିତ୍। କୃଷକ ଓ କୃଷିକାର୍ଯ୍ୟକୁ ପ୍ରୋତ୍ସାହିତ କରିବା ନିମନ୍ତେ,୧୯୫୨ ମସିହାରେ,ପ୍ରାଥମିକ ଗ୍ରାମ୍ୟ ଯୋଜନା ଭାବେ, ଏକ ଗୋଷ୍ଠୀ ଉନ୍ନୟନ ଯୋଜନାର ଶୁଭାରମ୍ଭ ହୋଇଥିଲା। ଏହି ଯୋଜନା ମାଧ୍ୟମରେ କୃଷକ ମାନଙ୍କୁ,ଉନ୍ନତ ମାନର ବିହନ,ରାସାୟନିକ ସାର ଓ ଔଷଧ, ଆଧୁନିକ କୃଷି ଯନ୍ତ୍ରପାତି ପ୍ରଭୁତି ରିହାତି ଦରରେ ଯୋଗାଇ ଦିଆ ଯିବା ସଙ୍ଗେ ସଙ୍ଗେ, ପଶୁପାଳନ ଏବଂ କ୍ଷୁଦ୍ର ଉଦ୍ୟୋଗ ସ୍ଥାପନା ପାଇଁ ମଧ୍ୟ କୃଷକ ମାନଙ୍କୁ ପ୍ରୋତ୍ସାହିତ କରାଯାଉଥିଲା। ଏସବୁକୁ ଆଖି ଆଗରେ ରଖି,୧୯୭୯ରେ "ଗ୍ରାମ୍ୟ ପୁନର୍ନିର୍ମାଣ ମନ୍ତ୍ରଣାଳୟ" ଗଠିତ ହୋଇ,ଗ୍ରାମ୍ୟ ଉନ୍ନୟନ ପାଇଁ ଅଧିକ ଗୁରୁତ୍ୱ ଆରୋପ କରା ଯାଇଥିଲା । ଗ୍ରାମ ଗୁଡିକର ଭିତିଭୂମି ବିକାଶରେ ଅନେକ ଉନ୍ନତି ସାଧିତ ହୋଇଥିଲେ ବି,ଏପର୍ଯ୍ୟନ୍ତ ଗ୍ରାମାଚଂଳ ଲୋକ ମାନଙ୍କର ଆର୍ଥୀକ ରୋଜଗାରରେ ଅଭିବୃଦ୍ଧି ହୋଇନାହିଁ।

ସରକାରଙ୍କ ଦ୍ୱାରା ଗ୍ରାମାଚଂଳର ଉନ୍ନତି କଳ୍ପେ ବହୁତ ଯୋଜନା ପ୍ରଣୟନ କରା ଯାଇଛି, ଏବେ ମଧ୍ୟ କରାଯାଉଛି। କିନ୍ତୁ ଏହାର ପ୍ରଭାବ କଣ ପଡିଛି, ଏହାଦ୍ୱାରା କେତେ ସଫଳତା ପ୍ରାପ୍ତି ହୋଇଛି ? ତାହାହିଁ ବିଚାର୍ଯ୍ୟ ବିଷୟ। ୧୯୭୬ ମସିହାରେ ବିଶ୍ୱବ୍ୟାଙ୍କ ପ୍ରଥମତଃ ସମ୍ପୂର୍ଣ୍ଣ ଗ୍ରାମ୍ୟ ଉନ୍ନୟନ ଉପରେ ଏକ ପ୍ରସ୍ତାବ ଆଗତ କରିଥିଲା ଏବଂ ତତ୍କାଳୀନ ଅର୍ଥମନ୍ତ୍ରୀ ସି.ସୁବ୍ରନାରାୟଣମ୍ ଏହାକୁ ସର୍ବଭାରତୀୟ ବିଜ୍ଞାନ କଂଗ୍ରେସରେ ଆଗତ କରାଇ ଗୃହୀତ କରାଇଥିଲେ। ଉନ୍ନୟନ କାର୍ଯ୍ୟ ନିମନ୍ତେ, କେଉଁ ପ୍ରକଳ୍ପ ପାଇଁ କେତେ ଅର୍ଥ ମଞ୍ଜୁର କରାଯାଇ, ସେହି ପୁଞ୍ଜି କେଉଁ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବିନିଯୋଗ କରା ଯାଉଛି ଏବଂ ତାହା କେତେଦୁର ଫଳପ୍ରଦ ହେଉଛି, ତାର ସଠିକ୍ ମୂଲ୍ୟାୟନରେ ତ୍ରୁଟି ରହୁଥିବା ଅନୁମେୟ। ଯୋଜନା ପ୍ରଣୟନ ଏବଂ ତାର ପ୍ରୟୋଗ କେବଳ କାଗଜ ପତ୍ରରେ ସୀମିତ ନରହି,ବାସ୍ତବ କ୍ଷେତ୍ରରେ ତାର କାର୍ଯ୍ୟକାରିତାର ସୁକ୍ଷ୍ମାତିସୁକ୍ଷ୍ମ ଅନୁଧ୍ୟାନ ଏକାନ୍ତ ଆବଶ୍ୟକ। ଅନେକ ଚିନ୍ତାଶୀଳ ବ୍ୟକ୍ତି ଏବଂ ବୁଦ୍ଧିଜିବୀ ମାନଙ୍କର ଗୋଟିଏ ମତ, ଗ୍ରାମର ଉନ୍ନତି ବିନା ଦେଶର ଉନ୍ନତି ଅସମ୍ଭବ ଓ କୃଷି ଏବଂ କୃଷକର ଉନ୍ନତି ବିନା ଗ୍ରାମର ଉନ୍ନତି ଅସମ୍ଭବ। ତେବେ ଆଜି ପ୍ରତ୍ୟେକ ଦିନ କୃଷକ ଆତ୍ମହତ୍ୟାର ଖବର,ସମ୍ବାଦ ପତ୍ରର ପୃଷ୍ଠା ମଣ୍ଡନ କରୁଛି କାହିଁକି ? ଖାଦ୍ୟଦ୍ରବ୍ୟରେ ସ୍ୱାବଲମ୍ବୀ ହେବା ଦେଶର ପ୍ରଥମ ସଫଳତା। ତେଣୁ ସର୍ବ ପ୍ରଥମେ,କୃଷି ବିମୁଖ ଗ୍ରାମାଚଂଳର ଯୁବକ ମାନଙ୍କୁ କୃଷି କାର୍ଯ୍ୟ ପ୍ରତି ଆକୃଷ୍ଟ କରାଇବା ନିମନ୍ତେ,କେତେକ ଅତ୍ୟାବଶକୀୟ ପଦକ୍ଷେପ ଗ୍ରହଣ କରାଯାଉ। ସେମାନଙ୍କୁ ସମ୍ପୂର୍ଣ୍ଣ ମାଗଣା କିମ୍ବା ରିହାତି ଦରରେ ଉନ୍ନତ କିଷମର ବିହନ, ସାର ଓ ପୋକମରା ଔଷଧ ଯୋଗାଣ, ଜୈବିକ ଖତ ପ୍ରସ୍ତୁତି ନିମନ୍ତେ ଆବଶ୍ୟକ ସହାୟତା, ଅଣଜଳସେଚିତ ଜମିରେ ଜଳ ସେଚନ ନିମନ୍ତେ , ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନା ପାଇଁ ଆର୍ଥିକ ସହାୟତା ତଥା କୃଷି କାର୍ଯ୍ୟ ପାଇଁ ନିଶୁଳ୍କ ବିଦ୍ୟୁତ ଯୋଗାଣ ଇତ୍ୟାଦି ସର୍ବନିମ୍ନ ସହାୟତା ପ୍ରଦାନ କଲେ, କୃଷି ବିମୁଖ ଗ୍ରାମାଚଂଳର ବେକାର ଯୁବକ ମାନଙ୍କର କୃଷି କାର୍ଯ୍ୟ ପ୍ରତି ଆଗ୍ରହ ସୃଷ୍ଟି ହେବାର ସମ୍ଭାବନା ଯଥେଷ୍ଟ ଅଧିକ। ଏକ ନିୟନ୍ତିତ ବଜାର ତଥା କୃଷିଜାତ ଦ୍ରବ୍ୟର ସଂରକ୍ଷଣର ବ୍ୟବସ୍ଥା ଏହାକୁ ଅଧିକ ସୁଦୃଢ କରିପାରିବ। ଏହାଦ୍ୱାରା କର୍ମ ନିଯୁକ୍ତି ସୃଷ୍ଟି ହୋଇ, ବେକାରୀ ଦୁରୀକରଣ ତଥା ଉନ୍ନୟନ କ୍ଷେତ୍ରରେ ଅଭାବ ପୁରଣ ହୋଇ, ଗ୍ରାମ୍ୟ ଉନ୍ନୟନ ପରିକଳ୍ପନା ନିଶ୍ଚୟ ସଫଳ ହେବ,ଏହା ନିଃସନ୍ଦେହ।


+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଇଶାଣୀ,ବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦


## ବିପ୍ଳବୀ ନେତା ନବକୃଷ୍ଣ ଚୌଧୁରୀ



ବିଶ୍ୱବିଜୟୀ ଦାଶ

ଓଡ଼ିଶାର ଅନ୍ୟତମ ବିପ୍ଳବୀ ପୁରୁଷ, ସମାଜବାଦୀ ନେତା, କୃଷକ, ପ୍ରଜା ତଥା ଭୂଦାନ ଆନ୍ଦୋଳନ ର ନେତା, ସ୍ୱାଧିନତା ସଂଗ୍ରାମୀ,ଭାରତ ଛାଡ଼ ଆନ୍ଦୋଳନର କର୍ମୀ, ଆଦର୍ଶବାଦୀ ରାଜନୀତିଜ୍ଞ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ। ନବକୃଷ୍ଣ ଚୌଧୁରୀ ଜଗତସିଂହପୁର ଜିଲ୍ଲାର ଖେରସା ଗାଁରେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଗୋକୁଳାନନ୍ଦ ଚୌଧୁରୀ ଓ ମାତାଙ୍କ ନାମ ପଦ୍ମାବତୀ ଦେବୀ।ବାଲ୍ୟକାଳ ରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ବିଶ୍ୱକବି ରବିନ୍ଦ୍ର ନାଥ ଟାଗୋରଙ୍କ ଚିନ୍ତା ଓ ଚେତନା ତାଙ୍କୁ ଖୁବ ପ୍ରଭାବିତ କରିଥିଲା।

ପ୍ରାଥମିକ ଶିକ୍ଷା ପରେ ନବକୃଷ୍ଣ ଚୌଧୁରୀଙ୍କ ହାଇସ୍କୁଲ ଶିକ୍ଷା କଟକର ପ୍ୟାରୀମୋହନ ଏକାଡ଼େମୀରୁ ସମାପ୍ତ ହୋଇଥିଲା। ଉଚ୍ଚଶିକ୍ଷା ନିମନ୍ତେ ସେ ୧୯୧୮ ମସିହାରେ ରେଭେନ୍ସା କଲେଜ ରେ ନାମ ଲେଖାଇଲେ। ୧୯୨୧ ମସିହାରେ ମହାତ୍ମା ଗାନ୍ଧୀ ଡ଼ାକରାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥାଏ ସମଗ୍ର ଭାରତବର୍ଷରେ। ଗାନ୍ଧୀଜୀ ଆହ୍ୱାନରେ ଯେଉଁ ଛାତ୍ର ମାନେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ, ସେହି ମାନଙ୍କ ମଧ୍ୟରୁ ନବକୃଷ୍ଣ ଚୌଧୁରୀ ହେଲେ ଅନ୍ୟତମ। ତାଙ୍କ ଆଗରେ ଥିଲା ସୁନେଲି ଭବିଷ୍ୟତ। ସେ ଚାହିଁଥିଲେ ଉଚ୍ଚ ଶିକ୍ଷା ଲାଭ କରି ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହୋଇ ପାରିଥାନ୍ତେ, ହେଲେ ସେ ସବୁକୁ ପଛରେ ପକାଇ ପାଠ ପଢ଼ା ଛାଡ଼ି ଯୋଗ ଦେଲେ ଅସହଯୋଗ ଆନ୍ଦୋଳନରେ। ତା'ପରଠାରୁ ସେ ହେଲେ ସଚ୍ଚା ଦେଶଭକ୍ତ ଓ ସ୍ୱାଧିନତା ସଂଗ୍ରାମୀ। ସେହି ସମୟରେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ସାବରମତୀ



ଆଶ୍ରମ। ୧୯୨୩ ମସିହାରେ ନବକୃଷ୍ଣ ଚୌଧୁରୀ ସାବରମତୀ ଯାତ୍ରା କଲେ ଏବଂ ସେଠାରେ କିଛି ଦିନ ରହିଲେ। ତା'ପରେ ଓଡ଼ିଶା ଫେରି ଆସି ସାଧାରଣ ଲୋକଙ୍କ ବିକାଶ କାର୍ଯ୍ୟରେ ଲାଗିଥିଲେ। ଅଧାରୁ ଛାଡିଥିବା ଉଚ୍ଚଶିକ୍ଷା ସମାପନ ପାଇଁ ସେ ଶାନ୍ତି ନିକେତନ ଯାଇ ସେଠାରେ ତାଙ୍କ ମାଳତୀ ସେନଙ୍କ ସହ ପରିଚୟ ହୋଇଥିଲା। ତା'ପରେ ୧୯୨୭ ମସିହା ଜୁଲାଇ ୨୭ ତାରିଖରେ ନବକୃଷ୍ଣ ଚୌଧୁରୀ ମାଳତୀ ସେନ୍‌ଙ୍କୁ ବିବାହ କଲେ।ମାଳତୀ ସେନ୍‌ରୁ ମାଳତୀ ଚୌଧୁରୀ ରୂପାନ୍ତରିତ ହୋଇ ମହାନ୍ ବିପ୍ଳବିନୀ ହୋଇପାରିଲେ। ବିବାହର କିଛି ଦିନ ପରେ ନବକୃଷ୍ଣ ଚୌଧୁରୀ ମାଳତୀ ଚୌଧୁରୀଙ୍କୁ ଧରି ଜଗତସିଂହପୁରରୁ ପ୍ରାୟ ୮ କି.ମି. ଦୂର ତରିକୁନ୍ଦ ଠାରେ ଥିବା ତାଙ୍କ କୃଷି ଫାର୍ମରେ ଯାଇ ରହିଲେ। ସେଠାରେ ସେମାନେ ସାଧାରଣ ଲୋକଙ୍କ ସହ ମିଶି କୃଷି କାର୍ଯ୍ୟ କରୁଥିଲେ, ଶିକ୍ଷା ଦେଉଥିଲେ, ସ୍କୁଲ ଚଳଉଥିଲେ । କୃଷକ ଓ ସାଧାରଣ ଲୋକଙ୍କ ପାଇଁ ପ୍ରଥମେ ସାରଥୀ ଏବଂ ତା ପରେ କୃଷକ ନାମକ ପତ୍ରିକା ବାହାର କରିଥିଲେ ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରେ ହେଇଥିବା ନିର୍ବାଚନରେ ସେ ତିର୍ତ୍ତୋଲ-ଏରସମା ଆସନରୁ ଲଢି ବିଜୟୀ ହୋଇଥିଲେ । ସେହିପରି ଭାରତ ସ୍ୱାଧିନତା ପରେ କେନ୍ଦ୍ରାପଡ଼ା ଆସନରୁ ବିଜୟୀ ହୋଇ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳରେ ରାଜସ୍ୱ, ଯୋଗାଣ ଓ ପରିବହନ ମନ୍ତ୍ରୀ ଭାବରେ ତାଙ୍କର ଦକ୍ଷତା ପ୍ରତିପାଦନ କରିଥିଲେ। ପରବର୍ତ୍ତୀ ସମୟରେ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ। ତାଙ୍କ ଶାସନ କାଳରେ ହୀରାକୁଦ ବନ୍ଧ, ଓଡ଼ିଶାର କୃଷି ଓ ପଶୁ ଚିକିତ୍ସା ମହାବିଦ୍ୟାଳୟ ଏବଂ ବୁର୍ଲା ବୈଷୟିକ ମହାବିଦ୍ୟାଳୟ, ଆଦି ସ୍ଥାପିତ ହୋଇଥିଲା, ଏବଂ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ପ୍ରଣୟନ ହୋଇଥିଲା। ବହୁ ବିରୋଧ ସତ୍ତ୍ୱେ ତାଙ୍କ ଉଦ୍ୟମରେ ଓଡ଼ିଆ ଭାଷା ସରକାରୀ ଭାଷାରେ ପରିଣତ ହୋଇଥିଲା। ଜରୁରିକାଳୀନ ପରିସ୍ଥିତିରେ ଉତ୍ତିର୍ଣ୍ଣ ବୟସରେ ଥିଲେ ସୁଦ୍ଧା ସେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କୁ ସମର୍ଥନ ଦେଇ ଗିରଫ ହୋଇଥିଲେ। ୧୯୮୪ ଜୁନ ୨୪ରେ ସେ ମୃତ୍ୟୁବରଣ କରିଥିଲେ ।

ତାଙ୍କର ଅନନ୍ୟ ବ୍ୟକ୍ତିତ୍ୱ, କୃତି, ବୈପ୍ଳବିକ ଚିନ୍ତା ଓ କର୍ମ ଯୋଜନା ଆକଳନ କରିବା ଅସମ୍ଭବ।ସେହି ବିପ୍ଳବୀ ନେତାଙ୍କ ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଓ ଶତ ଶତ ପ୍ରଣାମ।


+ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮








## ମହାମାୟୀ ଆବିର୍ଭାବ

ଅମରନାଥ ବାରିକ୍

ସରିଲା କାର୍ତ୍ତିକ ହେଲା ମଗୁଶିର
ଶିରିଶିରି ଶୀତ ଲାଗେ
ଫସଲ ଅମଳ କରେ ଚଷାପୁଅ
ମନ ଆନନ୍ଦରେ ଜାଗେ।

ମାର୍ଗଶିର ମାଣବସା ଗୁରୁବାର
ପବିତ୍ର ଏ ପୂଣ୍ୟ ତିଥି
ବିଜେ କରିଛନ୍ତି ମହାମାୟୀ ଲକ୍ଷ୍ମୀ
ଘରେ ଘରେ ଦେଖ ଭକ୍ତି ।

ଧାଉଁଛନ୍ତି ମିଳି ସକଳ ରମଣୀ
ବ୍ରତ ଉପାସନା କରି
ମଣ୍ଡପରେ ରଖି ନୂଆ ବସ୍ତ୍ର ଶେର
ପହିଲି ଧାନକୁ ଭରି ।

ସୋରିଷ ଫୁଲରେ ମାଆଙ୍କୁ ସଜାଇ
ଆଖୁ ଅଦା ମୂଳା ଦେଇ
କମଳା ଗୋଟିକ ତା'ପରେ ରଖନ୍ତି
ପଦ୍ମ ଫୁଲକୁ ବିଛେଇ ।

ଖୁସି ପାରିଜାତ ସ୍ୱର୍ଣ୍ଣ ହସ ମୁଖେ
ଫୁଟାଇବେ ଠାକୁରାଣୀ
ଏ ଧରା ଧାମରେ ଅବତରି ମାତା
ଦୁଃଖ କଷ୍ଟ ଲେଉଟାଣି ।

ଆଦ୍ୟମାସ ଏକ ପକ୍ଷ ଶେଷେ ହେବ
ପ୍ରଥମାଷ୍ଟମୀର ପାଳି
ନୂତନ ବସନ ପରିଧାନ କରେ
ଜ୍ୟୋଷ୍ଠ ସନ୍ତାନର ଅଳି ।


♥ କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫
(ନୂଆଦିଲ୍ଲୀ)


## ଜାଗେ ନୂଆ ସମ୍ଭାବନା

ସୁଦର୍ଶନ ମହାପାତ୍ର



ପ୍ରାଚୀ ଗଗନରେ ସିନ୍ଦୂରା ଫିଟାଏ
ସୂରୁଜ କିରଣ ଧରି
ଜରତୀ ଶୀତର କୁହୁଡ଼ି ଚାଦର
ଧିରେ ଯାଏ ଅପସରି ।

ତମିସ୍ରା ବଳୟ ଘୁଞ୍ଚି ଯାଏ ଯେବେ
ଧରା ହସେ ଧିରେ ଧିରେ
ଖୁସି ଉଲ୍ଲାସର ପଦ୍ମ ଫୁଟି ଦିଶେ
ପୂର୍ଣ୍ଣତାର ସ୍ୱଚ୍ଛ ନୀରେ ।

ବୃନ୍ଦ ବିହଙ୍ଗମ ଅପୂର୍ବ ରାଗରେ
ଆବାହନୀ ଗୀତି ଗାଏ
ଫୁଲର ମହକ ଚଉଦିଗ ଭରି
ନୂଆ ଦିନ ହସୁଥାଏ ।

ପହଡ ଫିଟାଇ ଆମ ଗାଁ ସକାଳ
ମିଠା ମିଠା ଯେବେ ହସେ
ମନ୍ଦିର ବେଢ଼ାରୁ କର୍ପୂର ଆଳତି
ମହମହ ହୋଇ ବାସେ ।

ସଂସାର ତରଣୀ ଭାସି ଭାସି ଯାଏ
ତୃପ୍ତି ତଟିନୀର ଦେହେ
ଅନୁରାଗ ଭରା ସୁଲୁସୁଲୁ ବାଆ
ଦେହ ମନ ଛୁଇଁଯାଏ ।

ଆଶା ଆକାଂକ୍ଷାର କୋରକିତ ସ୍ୱପ୍ନ
ମନେ ଭରେ ଉଦ୍ଦୀପନା
ସୁସ୍ଥ ଜୀବନର ଅନୁଭବ ପ୍ରାଣେ
ଜାଗେ ନୂଆ ସମ୍ଭାବନା ।


♥ କୁଞ୍ଜବିହାରୀ ଲେନ,କଟକ






## ମାଟି ଆମର ମାଆ

ହରେରାମ ପଣ୍ଡା

ଯେଉଁ ମାଟିରେ ଘର ଆମର
ଯେଉଁଠି ହୋଇଛେ ଠିଆ ,
ସିଏ ତ ସର୍ବଂସହା ଧରିତ୍ରୀ
ସେହି ତ ଆମର ମାଆ ।

ମାତା ଗରଭୁ ଜନମି ଆମେ
ପଡ଼ିଲୁ ତାହାରି କୋଳେ ,
ଜୀବନ ଆମ ହୋଇଲା ଗଢ଼ା
ତା'ର ଆଶିଷ ବଳେ ।

ସେଇ ମାଟିକୁ ଚଷିଲୁ ଆମେ
ଗଢ଼ିଲୁ କୋଠାବାଟି ,
କୁରିଲୁ ରାସ୍ତା, କୂଅ ପୋଖରୀ
ଖୋଳିଲୁ ସେହି ମାଟି ।

ଗଢ଼ିଲୁ ଶିଳ୍ପ, ଖୋଳିଲୁ ଖଣି
ଆମ ପ୍ରଗତି ପାଇଁ ,
କେବେ ବି ଥରେ ଆମ ପଥରେ
ବାଧକ ସାଜି ନାହିଁ ।

ଖାଦ୍ୟ, ପୋଷାକ, ବାସ ଯୋଗାଇ
ହେଲା ଯେ ଆମ ସାହା ,
ସ୍ୱର୍ଗୀୟସୀ ଗରିୟସୀ ଜନନୀ
ଆମରି ମାଟି ମାଆ ।


♥କୁଆଁସ, ମେର୍ଦ୍ଧା କାଟିଆଛକ,
ଯାଜପୁର
ଆଳାପ - ୯୪୩୮୦୬୫୧୯୫


## ମଦର ଟେରେସା

ବୀରକିଶୋର ନାୟକ



ଦିବ୍ୟ ଚେତନାର ଜୀବନ୍ତ ମଣିଷ
ମମତାର ପାରାବାର,
ଅସହାୟର ସେ ଆଶା ବାଡ଼ି ଥିଲେ
ସାହା ହୋଇ ସଭିଙ୍କର ।

ବାସ୍ତବ ଜୀବନେ ଚିର କୁମାରୀ ସେ
ମାଆ ଭାବେ ପରିଚିତା,
ସନ୍ତାନ ବତ୍ସଳା ସ୍ନେହ ପ୍ରଦାୟିନୀ
ସେବାର ମୂର୍ତ୍ତି ଟେରେସା ।

ଜନ୍ମସ୍ଥାନ ତାଙ୍କ ଜେକୋସ୍ଲୋଭାକିଆ
ଖ୍ରୀଷ୍ଟିଆନ ତାଙ୍କ ଧର୍ମ
ବିଦେଶିନୀ ହୋଇ ଭାରତରେ ରହି
କରିଲେ ସାର୍ଥକ ଜନ୍ମ ।

ଉଣେଇଶି ଶହ ଦଶ ମସିହାରେ
ଅଗଷ୍ଟର ସତଷଇଶୀ,
ପବିତ୍ର ଆତ୍ମାର ଭୂମିଷ୍ଠ ହୋଇଲା
ପିତାମାତା ହେଲେ ଖୁସି ।

ଅତି ଆଦରରେ ନାମ ରଖିଥିଲେ
ଏନେସ ଗୋଞ୍ଝା ବୋଜାସି,
ସେବାପାଇଁ ନାମ ମଦର ଟେରେସା
ଅର୍ଜିଲେ ବିଶ୍ୱେ ସୁଖ୍ୟାତି ।

କଲିକତା ଆସି ଶିକ୍ଷକ ଭାବରେ
କାମ କଲେ କିଛି ଦିନ,
ପଙ୍ଗୁ, ଅସହାୟ ଲୋକଙ୍କପାଇଁ ଯେ
ହେଲା ବିଚଳିତ ମନ ।

ମୋତିଝିରିଠାରେ ବିଦ୍ୟାଳୟ ଏକ
କରିଲେ ନିଜେ ପ୍ରତିଷ୍ଠା,
ଅସହାୟଙ୍କର ସେବାରେ ନିଜକୁ
ବିସର୍ଜିଲେ କରି ନିଷ୍ଠା ।

ମାଆ ପରି ସିଏ ସକଳ ଦୁଃଖୀର
ମିଶନାରୀ ନନ ହୋଇ,
ହୃଦୟ ତାଙ୍କର ସଦା ବିଗଳିତ
ଫୁଟନ୍ତି ସେ ହସ ନେଇ ।

ସେବା ପାଇଁ ସିଏ ଲଭିଛନ୍ତି ଯଶ
ସମ୍ମାନ ସନନ୍ଦ କେତେ,
ନୋବେଲ ବିଜେତା ଭାବେ ସମ୍ମାନିତା
ପୃଥିବୀରେ ଯଶ ଖ୍ୟାତେ ।

ଉଣେଇଶି ଶହ ଶତାନବେ ଅଟେ
ପୂଣ୍ୟ ଖ୍ରୀଷ୍ଟାବ୍ଦର ବେଳା,
ସେପ୍ଟେମ୍ବର ମାସ ପାଞ୍ଚ ତାରିଖରେ
ସରିଗଲା ଇହଲୀଳା ।


♥ ଖଣ୍ଡବନ୍ଧ,ଢେଙ୍କାନାଳ
ମୋ: ୮୮୪୭୮୪୨୨୯୭

# କବିତାମାଳା

## ଗୋଟିଏ ଉପାଖ୍ୟାନ
### ନିହାରିକା ରାୟ ବରାଳ



ଓଟ କଂଟା ଖାଏ
ରକ୍ତ ଝରୁଥାଏ ପାଟିରୁ
ରକ୍ତ ଝରୁଥାଏ କ୍ଷତରୁ
ରକ୍ତ ଝରୁଥାଏ ବିଶ୍ୱାସରୁ
ରକ୍ତ ଝରୁଥାଏ ଆପଣେଇବାର
ଦୁର୍ବାର ଆକାଂକ୍ଷାରୁ
ତେବେ ବି ଓଟ କଂଟା ଖାଏ
ଖାଇ ପାରିନାହିଁ ବୋଲି ଖାଏ
ଖାଇବାକୁ ପଡ଼ିବ ବୋଲି ଖାଏ
ଖାଇବାର ପ୍ରାପ୍ତିରେ
ଅପ୍ରାପ୍ତିର ଯନ୍ତ୍ରଣାକୁ ଚାକୁଳାଉ ଥାଏ ।

ଓଟ କଂଟା ଖାଏ
ମହମହ ମହୁବଣ ସରି ଯାଇଥାଏ
ଚଢ଼େଇର ଘର ତିଆରି
କାଠି କୁଟାର ଅମାର ସରିଯାଉଥାଏ
ଦୂର କେଉଁ ଶାଳବଣରେ
ଦୁଇ ଯୋଡ଼ା ଝିକାଂରୀଙ୍କ ଝିଁ ଝିଁ
ଅକାଳରେ, ଅବେଳରେ
ଏକଦମ୍ ଗୁମ୍ ହେଇଯାଏ,

ଓଟ କଂଟା ଖାଏ
ଧୂ ଧୂ ମରୁ ବାଲି
ନଈରେ ଲହଡ଼ିର ହାବୁକା ପରି
ମରିଚୀକା ଛୁଉଁଥାଏ
ବିଲ, ପାଟ ଅବା କାହିଁ କେଉଁ
ଆଦିମ ଯୁଗର ସଭ୍ୟତା
ପ୍ରାପ୍ତି ଓ ଅପ୍ରାପ୍ତି ଭିତରେ
ବଂଧା ପଡ଼ିଥିବା
ଜୀବନର ସବୁ ବିଫଳତାକୁ ଆପଣେଇ
'ମୁଁ' ତ୍ୱ କେବେ କେବେ ବିଳିବିଳଉ ଥାଏ
ସବୁ ସତ୍ତ୍ୱେବି ଓଟ କଂଟା ଖାଏ
ସ୍ୱାଧୀନତାର ସ୍ୱାଦ ଚାଖେ
ଧ୍ୟାନରେ ଆତ୍ମସ୍ଥ ହୁଏ ।

♥ ବି/୧୦, ପ୍ରତିଭା ଏନକ୍ଲେଭ
ବିଜେବି ନଗର, ଭୁବନେଶ୍ୱର

## ରାତି ହେଲେ ଆସୁନାହିଁ ନୂଆ ନୂଆ ସପନ
### ମାନସ ରଞ୍ଜନ ମହାପାତ୍ର



ଦିନଯାକ ପବନଟା ରହିଥାଏ ବାଉଳି
ସଞ୍ଜ ହେଲେ ଶୁଭିଯାଏ ଚଢ଼େଇଙ୍କ କାକଳି
କେତେ ଦୂର ଦୁନିଆଁରୁ ଆସୁଥାଏ ମଇନା
ଖରା ହେଲେ ବୁଲିବାକୁ ଚାଲିଯାଏ ଚାଇନା
କରୋନା ଆସିବା ଦିନୁଁ ସିଏ ଆଉ ଆସୁନି

କେତେ ଲୋକ ଗଲେ
ଚାଲି କିଛି ବୁଝି ହେଉନି

ଶୀତ ହେଲେ ରୁଷିଆରୁ ଆସୁଥିଲେ ଚଢ଼େଇ
ଏବେ କିଏ ସେମାନଙ୍କୁ ବାଟ ଦେଲା ଭୁଲେଇ
ନୂଆ ନୂଆ କୋଠାବାଡ଼ି ଗାଆଁ ମୋର
କାହିଁରେ
ଗୀତ ଆଉ ଶୁଭୁନାହିଁ ଅପନ୍ତରା ସହରେ
ଗାଡ଼ି ମଟର ଶବ୍ଦରେ ହଜିଗଲା ଜୀବନ
ରାତି ହେଲେ ଆସୁନାହିଁ ନୂଆ ନୂଆ ସପନ

ପବନଟା ଗୁମ୍ ସୁମ୍ କାକଳି ବି ଶୁଭୁନି
ଭାରି କଷ୍ଟ ଲାଗେ ଆଜି କିଛି ଭଲ ଲାଗୁନି ।

♥ ଶୀଳାଚିନ୍ମୟ
ମଧୁବନ ଷଷ୍ଠ ଗଳି
ଟିକରପଡା ରୋଡ଼ , ପୁରୀ
(ମୋ)୯୮୯୧୯୪୬୧୭୮

## ସ୍ତ୍ରୀ
### ଶରତ କୁମାର ଦାସ



ସେ ସ୍ତ୍ରୀ,
ପୁଣି ଅର୍ଦ୍ଧାଙ୍ଗିନୀ
ପୁରୁଷର ଅର୍ଦ୍ଧାଙ୍ଗ
ସୁଖ ଦୁଃଖର ଏକାନ୍ତ ସାଥୀ ।

ସାଇତି ରଖେ ଏକ ଏକା
ହାତ ପାପୁଲିରେ
ଅସରା ଅସରା ଲୁହର ସମୁଦ୍ର
ଯୁଗ ଯୁଗ ପାଇଁ,
ହୃଦୟର ସଫେଦ ଦର୍ପଣରେ
ଦେଖିଥାଏ ପ୍ରତିବିମ୍ବ
ଜୀବନ ଓ ଯନ୍ତ୍ରଣାର ।

ପୁଣି କେତେବେଳେ
ଯୋଡିଦିଏ ଟୁକୁରା ଟୁକୁରା କାଚଖଣ୍ଡ
ଭଙ୍ଗା ଆଇନାର ।

ସେ ସୀମନ୍ତିନୀ,
ମଥାରେ ସଜାଇ ଦିଏ
ସିନ୍ଦୂରର ଗାର
ହସ ଓ ଲୁହର ।

ପାଦକୁ ମାନେ ତା'ର
ଅଳତାର ସୁର ସରୁ ଗାର
ଟୋପା ଟୋପା ଲୁହର,

ରିମଝିମ୍ ଶୁଭେ ନୂପୁରର ସ୍ୱର
ସୁଖ ଓ ସୌଭାଗ୍ୟର ।

ସେ ତ୍ୟାଗମୟୀ,
ପବନକୁ ମାଗେ ମୁଠାଏ ସୌହାର୍ଦ୍ଦ
ପାହାଡକୁ ମାଗେ
ସହନଶୀଳତାର ସଶକ୍ତ ଆସ୍ତରଣ
ସାଗରକୁ ମାଗେ ବିଶାଳ ହୃଦୟ,
ବଂଚି ଶିଖେ ଅନ୍ୟ ପାଇଁ
ପିଇ ଯାଏ ସଂସାରର
ଯେତକ ଜହର ।

ବାଣ୍ଟୁଥାଏ ସ୍ନେହ, ଶ୍ରଦ୍ଧା
ଖୁସିର ନିର୍ମାଲ୍ୟ
ସକାଳରୁ ସଂଜ
ତ୍ୟାଗ ଓ ତିତିକ୍ଷାର
ମଧୁକ୍ଷରୀ ମଧୁର ସ୍ୱାକ୍ଷର ।

ସେ ପ୍ରୀତିମୟୀ,
କଥା କଥାରେ ଫୁଟୁଥାଏ
ପ୍ରୀତିର ସ୍ତବକ

ମହମହ ସୁରଭିରେ
ସୁରଭିତ ହୁଏ ଚଉଦିଗ
ପୁଣି ମାଟିରୁ ଆକାଶ
ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ
ଆଲୋକିତ ହୁଏ ବହଳ ଅନ୍ଧାର ।

ସେ ପ୍ରଣୟିନୀ,
ପ୍ରଣୟର ସୁଦୀର୍ଘ ଡୋରରେ
ବାନ୍ଧି ରଖେ ସେ
ବର୍ଷ-ମାସ-ଦିନ-ଦଣ୍ଡ ,
ପୁଣି ବର୍ଷାର ପ୍ରାଣସ୍ପର୍ଶୀ ଗଜଲ
ବସନ୍ତର ରଙ୍ଗିନ୍ ସମ୍ମୋହନ
ଅବା ନିଦାଘର ଅସରନ୍ତି ଦହନ,
ବନ୍ଧାପଡିଯାଏ ତା' ପ୍ରଣୟ ଫାଶରେ
ପ୍ରାଣର ନିଷିଦ୍ଧ କମ୍ପନ ।

ପୁଷ୍ପିତ ହୁଏ ଜୀବନର ମାର୍ଗ
ସ୍ନିଗ୍ଧ ହୁଏ କଣ୍ଟକିତ ଆସ୍ତରଣ
ପ୍ରୀତିର ମହଲଟିଏ
ତୋଳି ହୋଇଯାଏ ଛାଏଁ ଛାଏଁ
ସବୁଜ ଘାସର ମୁଲାୟମ
ଗାଲିଚା ଉପରେ,
ଆଉ ପ୍ରଜାପତି ଝାଡି ଦିଏ
ତା' ଦେହର ଲାଗିଥିବା
ଯେତେ ଯେତେ ଝଲମଲ ରଙ୍ଗ ।

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
(ମୋ) ୮୨୪୯୧୩୭୦୯୧

## ତମେ ଚାଲି ଗଲା ପରେ
### ତରୁଣ କୁମାର ଦାସ



ଏ ଚୁଡ଼ି ଉପରେ ଅଧିକାର ନାହିଁ
କହି ଚୁଡ଼ି ଛ ଡାଇ ନେଲ
ନାଲି ପାଟ ଖୋଲି
ଧଳା କସ୍ତା ପିନ୍ଧାଇଲ
ମଥାର ସିନ୍ଦୁର ଫିକା ପଡିଗଲା
କେଉଁ ଏକ ଅଶୁଭ ଆଉହାନରେ
ସବୁତ ନେଲ
ଆଜି ସବୁ ଶୂନଶାନ

ଚାରିଆଡେ ଅନ୍ଧାରର ଭିଡ
ଆଗରେ ଅସହାୟତାର ବେଡି
ସାଇ ସାଇ ରାତି
ଶବ୍ଦଟିଏ ବି ବୋମା ପାଲଟି ଯାଇଛି
ଜାଣେନା ତମ ବିନା

ଏ ଦୁନିଆ ଚିହ୍ନିବକି ମୋତେ
ତଥାପି ସମାଜକୁ ସାମ୍ନା କରିବାକୁ ହବ
ଦୁନିଆଁର ଟାହି ଟାପରା ସହିବାକୁ ହବ
ଦିନେ ସବୁ ଦେଇଥିଲ
ଶଙ୍ଖା ଶାଡି ସିନ୍ଦୁର ପିନ୍ଧାଇଲ
ଆଜି ସବୁ କାଢ଼ି ନେଲ
ଦୁଃଖୀ ଟିଏ ମୁଁ
ଫିକା କପାଳକୁ ଆଦରି
ଦୁନିଆ ଦେଖିବାର ଚେଷ୍ଟା କରୁଛି
ପୁଙ୍ଗୁଳା ହାତ ଓ ଧଳା କସ୍ତାକୁ ଆବୋରି
ଜୀବନର ବାକି ଆୟୁଷ ଗଣୁଛି !

♥ ପାଳୁସିଆ,ବାଲେଶ୍ୱର-୩୬

## ଅବସୋସ
### ଡ଼ଃ. କିଶୋର ମହାନ୍ତି



ଗୋଟାଏ ବିରଳ ଅଥଚ
ଅପୂର୍ବ ମୁହୂର୍ତ୍ତଟିଏ ପାଇଁ
ଅସରନ୍ତି ଅପେକ୍ଷା
ଆନ୍ତରିକ୍ଷର ତାରା ପୁଞ୍ଜରେ
ତୁମେ ଡାକୁଥିବ ପ୍ରିୟତମ ବୋଲି
ଅନ୍ଧାର ଚିରି କିଛି ଶବ୍ଦ ଶବ୍ଦୟିତ ହୋଇ
ଆମ ନୀରବତା ଭିତରେ
ଧ୍ୱନିତ ହେଉଥିବ ଅହରହ
ଗୋଟାଏ ପ୍ରଲମ୍ବିତ ରାଗ ସେ ଧୂନର
ଆରୋହ ଅବରୋହରେ
ତମ ନୂପୁର ଲଗା ପାଦଶବ୍ଦ ମିଶିଯାଉଥିବ
ଚେତନାର ଚଉହଦୀରେ ଭେଦି ଯାଉଥିବ
ପ୍ରେମାସକ୍ତ ମନ... ସ୍ନାୟୁରେ ସ୍ନାୟୁରେ ଏକି

ସତେ କି ଉଚ୍ଚାଟନ
ଅସମାପ୍ତ କାବ୍ୟର ପୃଷ୍ଠାରେ
ଆଙ୍କି ହେଇଯାଉଥିବ ଚିତ୍ରିତ ପ୍ରଜାପତି
ଭାବର ସାନ୍ଦ୍ରତରେ ତାଲ୍ଲୀନ ହେଉଥିବ
ଆକାଶ ଓ ମାଟି
ଏମିତି ସତେ ଏକ ବର୍ଣ୍ଣ ମୟ ପର୍ବ
ତୃଷ୍ଣା ଅପ୍ରମିତ
ଶେଷ ହୀନ ପଥ.. ଦିଗବଳୟ ଛୁଇଁବାର
ଏଯେ ଅନ୍ତିମ ଅଭିଳାଷା..

♥ ସିଡିଏ, କଟକ.୧୪
(ମୋ) ୯୪୩୭୭୨୮୪୭୫

## ଆତ୍ମ ବିଶ୍ୱାସ
### ପ୍ରଦୀପ୍ତ ଆଚାର୍ଯ୍ୟ



ଜୀବନରେ ଯଦି, ପ୍ରକୃତ ଆନନ୍ଦ,
ଲାଭ କରିବାର ଆଶା,
ନିର୍ଭର ନକରି, ଅନ୍ୟର ଉପରେ,
ନିଜଠି ରଖ ଭରଷା ।

ବିଶ୍ୱାସେ ଯାହାର, ହସ୍ତ ଧରିଥିବା,
ନିଷ୍ଟେ ଦିନେ ଛାଡିଦେବ,
ସ୍ୱାର୍ଥରେ ଆଘାତ, ଯାହାର ଆସିବ,
ମୁହଁ ସେ ବୁଲାଇ ଦେବ ।

ନିଷ୍ଠାର ସହିତ, ଚେଷ୍ଟା କରିଥିଲେ,
ପହଂଚିବା ଲକ୍ଷ୍ୟ ସ୍ଥଳେ,
ଉଦ୍‌ଯୋଗୀ ବ୍ୟକ୍ତିର, ନାହିଁ ବିଫଳତା,
ଈଶ୍ୱର ଆଶୀଷ ମିଳେ ।

ନିର୍ଭରଶୀଳତା, କାର୍ଯ୍ୟ ଦକ୍ଷତାକୁ,
ଦୁର୍ବଳତ କରିଦେବ,
ଆତ୍ମ ବିଶ୍ୱାସକୁ, ଦୃଢ କରିଥିଲେ,
ସଫଳତା ପ୍ରାପ୍ତି ହେବ ।

♥ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଇଶାଣୀବ୍ରହ୍ମପୁର,କଟକ
(ମୋ) ୬୩୭୧୫୯୩୨୨୦

## ଭଲପାଇବା ଅଛି ବୋଲି ତ
### ଭରତ ଚନ୍ଦ୍ର ଦାଶ



ମୁଁ
ଏବେ ଭଲପାଇବା
ଭୁଲିଗଲିଣି
ନିଜକୁ ତୁମକୁ
ସେମାନଙ୍କୁ ।

ସେମାନେ
ମୋତେ ଭଲପାଆନ୍ତି
ବୋଲି ପ୍ରଚାର କରନ୍ତି
ବିଶ୍ୱାସ ପାଏନି
ବିଶ୍ୱାସ କେମିତି
କରିବି କୁହ
ତୁମ ନିରବପଣରେ
ଲହୁଲୁହାଣ ହେଉଥିବା
ମଣିଷ ଟିଏ ଯେ
ସଚ୍ଚା ପ୍ରେମିକ
ପ୍ରେମରେ ପ୍ରତାରଣା

ଜଳୁଥିବା କିମ୍ବା
ଜଳାଉଥିବା ପ୍ରେୟସୀର
ପେୟ କଣ ପ୍ରେମ ନା
ପ୍ରତାରଣା ?
ଥରେ ନିଜକୁ ପଚାର
ମୁଁ ମୋର ଭଲପାଇବାକୁ
ନିଲାମ କରିପାରିବି କି ?

ମୋ ଭଲପାଇବା
ଅଛି ବୋଲି ତ
ତରଙ୍ଗାୟିତ ହେଉଛି ନଦୀ
ପୁଷ୍ପବତୀ ହେଉଛି ବୃକ୍ଷ
ଝର ଝର ନାଦରେ
ଝରି ପଡଛି ନିର୍ଝର

କୋଇଲିର କଣ୍ଠରେ
ମିଳନର ରାଗିଣୀ
ମଧୁଝରା ହେଉଛି ଚ୍ୟୁତ
ମଧୁପର ଅଭିସାରରେ
ଗର୍ଭଧାରଣ କରୁଛି ପୁଷ୍ପ
ରୂପର ଲାବଣ୍ୟରେ
ସ୍ୱପ୍ନ ଦେଖୁଛି ଅନାମିକା
ଗବାକ୍ଷର ପୁଡାଧରି
ନବବଧୂ ଚାହିଁ ବସୁଛି
ତାର ପ୍ରଣୟୀକୁ
ମୁଁ ଭଲ ପାଉଛି
ବୋଲି ତ ତୁମେ
ମଧୁକ୍ଷରା ହସରେ
ପ୍ରମତ୍ତ କରୁଛ
ମୋ ପୌରୁଷକୁ ।

ଏବେ କୁହ
ମୋ ଭଲପାଇବା
କଣ ଛଳନାରହିତ
ତୁମେ କୁହ ?

♥ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର-୭୫୬ ୧୨୬
(ମୋ)୯୪୩୭୩୭୨୧୬୬

## ଅବାଟ...
### ସୌମ୍ୟ ରଞ୍ଜନ ଭୂୟାଁ



ବାଟରେ ଚାଲିଚାଲି ଶେଷରେ
ପାଇଲି ଅବାଟ,
ବୋଧେ ପାଦ ଅଟକିବାର ଯୋଗ ସେତିକି
ଯିବା, ରହିବାର ରାସ୍ତାରେ ଏବେ ଅପରାହ୍ନ
କିନ୍ତୁ ନାହିଁ ଲେଉଟାଣିର ପ୍ରଶ୍ନ ।

ହଁ, ଫେରିବିବାକୁ ଚେଷ୍ଟା କରିବି
କିନ୍ତୁ ଅବାଟର ଶିକୁଳିରେ
ବନ୍ଧା ପରା ମୋ ଜୀବନ
ଆଉ ପଛରେ ପଡିଛି ଯନ୍ତ୍ରଣାର ଛାଟ ।

ହଁ, ମୁଁ ଫେରିବି ନିଶ୍ଚିନ୍ତ ଫେରିବି

ଖାଲି ସମୟ ଓ ସୁଯୋଗର ତଲାସରେ ମୁଁ ।

ବାଟ ଭୁଲି ଅବାଟର ଏବେ ମୋ
ପାଦରୁ ସ୍ୱପ୍ନ ଓ ତା ସହ ସ୍ୱାଭିମାନ ।

♥ ପୂରଣ, ରାମେଶ୍ୱର, ସାଲେପୁର
ପିନ୍ -୭୫୪୨୦୧

## ମହାସଂଗ୍ରାମ
### ଡ. ଶିବ ପ୍ରସାଦ ଶତପଥୀ

ଯେତେ ଦୂର ମୋ ଆଖି ଆଲୁଅ
ମୋ ଅଥର୍ବ ହାଡ଼ମାଳଟାକୁ ଘୋସାରିନେଲା
ନିରେଖି ନିରେଖି ଅନେଇଲି,
ମୁହୂର୍ତ୍ତକେ ଚଉଦବ୍ରହ୍ମାଣ୍ଡ ବୁଲିପାରୁଥିବା ମନ
ଯେତେଦୂର ଭ୍ରମିପାରିଲା ମାନସଚକ୍ଷୁରେ ଦେଖିନେଲି ।
କଅଣ ଦେଖିଲି ? ଦେଖିଲି - ସେଇ ମହାସଂଗ୍ରାମ,
କେଉଁଠି ଅନ୍ତରୀକ୍ଷର ଭାସମାନ ହିରଣ୍ୟମାନ
ଆଉ କେଉଁଠି ପଂଚଭୂତରୁ ସୃଷ୍ଟ ସ୍ଥାବର-ଜଙ୍ଗମ
ନିଜେ ବଂଚି ବଂଚେଇବା ପାଇଁ ବା ନୂତନ ସର୍ଜନା ପାଇଁ ।
ମଣିଷ ଆମୃତ୍ୟୁ ପ୍ରକୃତି ସହ ଯୁଦ୍ଧରେ ବ୍ୟାପୃତ
କେତେବେଳେ ଯେଉଁବକ୍ଷରୁ ଝରୁଥିବା ଦୁଗ୍ଧପାନକରି
ଏତେକାଳ ବଂଚିଲା ତାକୁ ବିଦାରି ଖିନଭିନ କରିଦେଉଛି
ଆଉ କେତେବେଳେ ତା ଡେଣାକାଟି ଗୋଡ଼କାଟି
ଦେଉଛି ଗୋଟେ କବନ୍ଧର ରୂପ ।
ଏବେତ ତା ରଙ୍ଗ, ରୂପ, ରସ ବଦଳେଇ
ପୁରୁଷକୁ ସ୍ତ୍ରୀ ଓ ସ୍ତ୍ରୀକୁ ପୁରୁଷକରି ପ୍ରକୃତିସହ
ଶକୁନିର ପଶାଖେଳ ଖେଳି ଚାଲିଛି ।
ଅତ୍ୟାଚାରରେ ଅତିଷ୍ଠ ପ୍ରକୃତି ଏବେ ଯୁଦ୍ଧଡାକରା ଦେଇଛି ।
ଏବେ ଦେଖ-
ପକୃତିର ରୂପ ବଦଳେଇ ମଣିଷ ତିଆରିଲା
ଉହାନ୍‌ରେ ଏକ ବିଚିତ୍ର ଅଦୃଶ୍ୟ ଦାନବ
ଯେ ଏବେ ପବନ ଡେଣାରେ ବସି ବୁଲିଲାଣି ବିଶ୍ୱସାରା
ତା ମୃତ୍ୟୁର ଆବର୍ତ୍ତରେ ପକାଇ ନିଃଶେସିଲାଣି କୋଟିକୋଟିପ୍ରାଣ
ଅକଳନ ମନୁଷ୍ୟ କାଟୁଛନ୍ତି ବନ୍ଦୀର ଜୀବନ
ଲକ୍ଷ ଆର୍ତ୍ତକଂଠ ଦାକେ ରଖନାରାୟଣ ।
ଏ ବେତାଳ ଯଦିକୌଣସି ବିକ୍ରମ ଉପରେ ସବାର ହେଲା
ତାକୁ ମିଳିଲା ଦଣ୍ଡ - ନିର୍ବାସନ ।
ନିଜର ବୋଲି ଯାହାକୁ ଭାବୁଥିଲା ତାଙ୍କଠାରୁ ଅଛୁଆଁହେଇ
ଘରୁ ଫୋପାଡ଼ିବା ମଇଳାପରି ପଡ଼ିରହିଲା
ନିର୍ବାସନ ଗୃହରେ ଅନ୍ୟ ହତଭାଗ୍ୟଙ୍କ ସାଙ୍ଗରେ
ଯେଉଁଠି ହସ୍ତ ପ୍ରସାରି ମୃତ୍ୟୁ ଡାକୁଥିଲା ପ୍ରତି ମୁହୂର୍ତ୍ତରେ ।

ଅଘୋଷିତ କର୍ଫ୍ୟୁ ଏବେ ଗ୍ରାସିଲାଣି
ଯେତାଯେତେ କଳ କାରଖାନା
ମୁଣ୍ଡଝାଳ ତୁଣ୍ଡେମାରି ଖଟୁଥିବା ମାଟିର ମଣିଷ
ରେଲଲାଇନ୍ କଡ଼େକଡ଼େ ଚାଲିଥିଲେ
ଖୋଳଲଗା କଂକାଳମାନ ପରି ଗାଁ ମୁହାଁ
ଯେମିତିକି ସେଇଠି ତାଙ୍କ ଜୁଇଜଳି
ଏ ଜୀବନ୍ତ ମରଣରୁ ମୁକ୍ତିଦେଇ ଉଦ୍ଧାର କରିବ ।
କିନ୍ତୁ ହାୟ -
ସେ ଭିତରୁ ଭୋଖର ନିଆଁରେ ଅବା ରୋଗର ଆଁରେ ପଡ଼ି
କେତେ ଝଡ଼ି ପଡ଼ିଗଲେ ମଉଳା ଫୁଲପରି ଅଜଣାଜାଗାରେ
ତା ହିସାବ ନାହିଁ କାହାରି ପାଖରେ ।
ଏବେ ସେହି ରାସ୍ତାକଡ଼େ ସେମାନଙ୍କ ପରିତ୍ୟକ୍ତ ଶବ
ଆତ୍ମୀୟଙ୍କ ଅପେକ୍ଷାରେ କାଟୁଛନ୍ତି ଦିନ
ଶେଷରେ ବୋଧେ ପୋକମାଛି ପେଟରେ ପଡ଼ିବେ
କେବଳ ହାଡ଼ କେଇଖଣ୍ଡ ପଡ଼ିଥିବ ଚିରଦିନ
ଆଶାକରି କେଉଁ ଭଗିରଥ କାଳେ ଗଙ୍ଗାଜଳଢାଳି
ଜନ୍ମମୃତ୍ୟୁ ଯନ୍ତ୍ରଣାରୁ ଉଦ୍ଧାର କରିବେ ।
ଆବାଳବୃଦ୍ଧବନିତା ସ୍ୱେଚ୍ଛାକୃତ ବନ୍ଦୀଘରେ
ତୁଣ୍ଡିବାନ୍ଧି ବସିବସି କାଟୁଛନ୍ତି ଦିନ,
କାଳେ ଜମ ବୋଧେ ପଶି ପାରିବନି ରହିଜିବ ପ୍ରାଣ ।
ପ୍ରକୃତିର ନିତ୍ୟ ପରିବର୍ତ୍ତନଶୀଳ ଏ ଭୟଙ୍କର ରୂପ
ତୁମେ କଅଣ ପ୍ରତିହତ କରିପାରିବ ବିଜ୍ଞ୍ୟାନର ପ୍ରୟୋଗରେ,
ନା - ଏହା ସଂଭବ ହେଇପାରିବନି କୌଣସି ପ୍ରକାରେ ।
ଏକମାତ୍ର ଉପାୟ ହେଲା -
ପ୍ରକୃତିକୁ ସ୍ନେହକର, କୋଳେଇନିଅ,
ସେ ବି ତୁମକୁ କୋଳେଇନେବ,
ତା ଅଦୃଶ୍ୟଶକ୍ତିକୁ ଆପେ ଫେରେଇନେବ ।

♥ ଗାନ୍ଧୀନଗର
ବଲାଙ୍ଗିର
(ମୋ) ୯୪୩୭୦୮୮୬୬

## ଜୀବନ କଣ୍ଢେଇ ପରି
### ମୂଳ ଆସାମୀ: ମଣ୍ଟୁଲ୍ ହାଜରିକା
### ଅନୁବାଦ : ଅଜିତ୍ ପାତ୍ର



ମୁଁ ପଥର ହେବାକୁ ଚାହୁଁଥିଲି
ସିଏ ମତେ ଘସି ଘସି ଭାସ୍କର୍ଯ୍ୟର ରୂପ
ଦେବ ବୋଲି କଥା ଦେଲା ।

ମୁଁ ଲୁହା ହେବାକୁ ଚାହୁଁଥିଲି
ସିଏ ମତେ ପିଟିପିଟି ତରବାରୀର ରୂପ
ଦେବ ବୋଲି କଥା ଦେଲା ।

ମୁଁ ଯେତେବେଳେ ତା' ପାଖରେ ନିଜକୁ
ଅର୍ପଣ କଲି
ସିଏ କାରଖାନା ବନ୍ଦ କରି
ଚାଲିଯାଇଥିଲା...

♥ ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ
ବାରିପଦା, ଓଡ଼ିଶା
(ମୋ) ୯୮୬୧୬୨୯୭୦୨

## ମୋତେ ତ ସେମିତି ଲାଗ
### ବିନୟ କୁମାର ଦାସ



ଚୋରା ଚଇତାଳି ପକ୍ଷୀର କାକଳି
ଅଦିନିଆ ବର୍ଷା ପାଗ
କାହିଁକି କେଜାଣି ତୁମେ ବେଳେବେଳେ
ମୋତେ ତ ସେମିତି ଲାଗ ।

କେବେ ତୁମେ ଲାଗ ଭସା ବଉଦ ତ
କେବେ ଅଶିଣ ର ଜହ୍ନ
କେବେ ନିଦଭରା ମୁଦ୍ରିତ ନୟନ
ପାହାନ୍ତି ପହର ସ୍ୱପ୍ନ
କେବେ କେବେ ଲାଗ ବୋଉ ହାତରନ୍ଧା
ବାଡି ମଦରଂଗା ଶାଗ ।

କେବେ ଲାଗ ତୁମେ ବଣ ଝରଣାର
ମିଠା କୁଳୁକୁଳୁ ଗୀତି
ପୁଣି କେବେ ଲାଗ ପୂନେଇଁ ଆଭାରେ
ଜୋଛନାପଖଳା ରାତି
ତୁମେ ଭରିଦିଅ ତନୁମନେ ମୋର
ଇନ୍ଦ୍ରଧନୁ ସାତ ରଂଗ ।
ପୁଣି କେବେ ଲାଗ ନିଦାଘ ମଧ୍ୟାହ୍ନେ

ଆମ୍ବତୋଟାର ଛାୟା
ଚଉରା ମୂଳରେ ସଂଜବତୀ ଶିଖା
ଧୂପ ବାସ୍ନା ପୁଣ୍ୟ ମାୟା
ତୁମ ପାଇଁ ସୃଷ୍ଟି ହୁଏ ମୋ ମନରେ
ପ୍ରୀତିଭରା ଅନୁରାଗ ।

କେବେ ପୁଣି ଲାଗ ଶୋଇ ପଡିଥିବା
ତୁମେ ସୋରିଷର କ୍ଷେତ
ପୁଣି କେବେ ଲାଗ ମୋ ଗାଁ ଦାଣ୍ଡରେ
ଶଗଡିଆ ଭାଇ ଗୀତ
ତୁମେ ହିଁ ତ ଭର ମୋ ମନ ବୀଣାରେ
ଭିନ୍ନ ଏକ ପ୍ରୀତିରାଗ

♥ ଅଂଗାରଗଡିଆ, ବାଲେଶ୍ୱର-୧
(ମୋ) ୭୯୭୮୮୬୦୩୬୩

# ଜାତୀୟ ଗଣମାଧ୍ୟମ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର,୨୨/୧୧ (ନି.ପ୍ର): ପୂର୍ବ ଭାରତର ସବୁଠାରୁ ବଡ଼ ଏବଂ ଆକର୍ଷଣୀୟ ମିଡ଼ିଆ ମହାକୁମ୍ଭ ପଂଚମ ସଂସ୍କରଣର ଇ-ଉଦ୍‌ଘାଟନ ଆଜି ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ହୋଇଯାଇଅଛି । ପୂର୍ବତନ ମୂଖ୍ୟମନ୍ତ୍ରୀ ଡଃ ହରେକୃଷ୍ଣ ମହତାବଙ୍କ ୧୨୨ତମ ଜନ୍ମବାର୍ଷିକ ଉପଲକ୍ଷେ ଏହି ତିନି ଦିନିଆ (ନଭେମ୍ବର ୨୧ - ୨୩) ଜାତୀୟ ଗଣମାଧ୍ୟମ ମହାସମ୍ମିଳନୀ ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ଦ୍ୱାରା ଅନୁଷ୍ଠିତ ହେଉଅଛି । ଏ ବର୍ଷ ଏହି ସମ୍ମିଳନୀର ଶୀର୍ଷକ "ଗଣମାଧ୍ୟମ ଓ ଡିଜିଟାଲ ଟେକ୍ନୋଲୋଜି" ରହିଅଛି ।

ଏହି ଅବସରରେ ଶ୍ରୀଯୁକ୍ତ ପ୍ରଧାନ ମହତାବଙ୍କ ସାମ୍ବାଦିକତା କ୍ଷେତ୍ରରେ ଅତୁଳନୀୟ ଅବଦାନକୁ ମନେପକାଇ କହିଥିଲେ ଯେ ସେ ଓଡିଆ ଜାତି ଓ ଭାଷାର ବିକାଶ ପାଇଁ ଗାଁ ମଜଲିସ୍ ସ୍ତମ୍ଭଲେଖା ଆରମ୍ଭ କରିଥିଲେ । ଏହି ସ୍ତମ୍ଭ ମାଧ୍ୟମରେ ସେ ବିକାଶମୂଳକ ସାମ୍ବାଦିକତାର ପ୍ରଚାର ଓ ପ୍ରସାର କରିଥିଲେ । ପରବର୍ତୀ ସମୟରେ ତାଙ୍କଦ୍ୱାରା ପ୍ରାକାଶିତ ପ୍ରଜାତନ୍ତ୍ର ଓଡିଆ ଭାଷା ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମରେ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲା ବୋଲି ଶ୍ରୀଯୁକ୍ତ ପ୍ରଧାନ ମତବ୍ୟକ୍ତ କରିଥିଲେ । ଏହି ଇ-ଉଦ୍‌ଘାଟନ ଉତ୍ସବରେ ମିଡିଆ ଏଣ୍ଡ୍ ଏଣ୍ଟରଟେନ୍‌ମେଣ୍ଟ ସ୍କିଲ୍ କାଉନ୍‌ସିଲ୍‌ର ଅଧକ୍ଷ ତଥା ବିଶିଷ୍ଟ ସିନେ ନିର୍ଦ୍ଦେଶକ ସୁଭାଷ ଘାଇ, ଏମ.ଜି.ଏମ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଧିର ଗାଭାନେ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ସାଧାରଣ ସଂପାଦକ ପଙ୍କଜ ମିତଲ, ତେଜପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସୁନିଲ କାନ୍ତ ବେହେରା ପ୍ରମୁଖ ଅଂଶଗ୍ରହଣକରି ସେମାନଙ୍କର ବହୁମୁଲ୍ୟ ମତ ଉପସ୍ଥାପନ କରିଥିଲେ । ପରେ ତିନିଗୋଟି ପ୍ଲେନାରୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସାମ୍ବାଦିକତା ଓ ଗଣମାଧ୍ୟମ ବିଭାଗର ପ୍ରମୁଖ ବକ୍ତା ଯଥା ରାଜକୋଟସ୍ଥିତ ମାରୱାଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ସଂଦିପ ସଂଚେତି, ଭୋପଳସ୍ଥିତ ମାଖନଲାଲ୍ ଚତୁର୍ବେଦୀ ଜାତୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ କେ.ଜି. ସୁରେଶ, ଜୟପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ଓମ୍ ପ୍ରକାଶ ତାନ୍‌ଭି, ମୁମ୍ବାଇର ଏସ୍.ଏନ୍.ଡି.ଟି. ମହିଳା ବିଶ୍ୱବିଦ୍ୟାଳୟର ପ୍ରଫେସର ମୀରା ଦେଶାଇ, ଇଂରାଜୀ ମିଡିଆ ବିଭାଗର ପ୍ରଫେସର ଡଃ ସୁରଭି ଦହିୟା, ଆଦାମସ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଉଜ୍ଜଳ ଚୌଧୁରୀ, ସାବିତ୍ରୀବାଇ ଫୁଲେ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଏବଂ ଗଣମାଧ୍ୟମ ବିଭାଗର ମୁଖ୍ୟ ପ୍ରଫେସର ଡଃ ଉଜ୍ଜଳ ବାର୍ବେ, ମହୀଶୂର ବିଶ୍ୱବଦ୍ୟାଳୟର ପୂର୍ବତନ ପ୍ରଫେସର ଏନ୍ ଉଷାରାଣୀ, ବେଙ୍ଗଲୁର ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଫେସର ବି.କେ.ରବି, ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ସୁବାଷ ଧୁଲିୟା, ତେଜପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ଅଭିଜିତ୍ ବୋରା, ସାଉଥ ବିହାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ଅତିସ ପରାସର ଆଦି ଅଂଶ ଗ୍ରହଣ କରି 'ଗଣମାଧ୍ୟମ ଶିକ୍ଷାରେ ଗୁଣବତାର ପରିବର୍ତନ ଓ ଗବେଷଣା ପାଇଁ ସୁଯୋଗ', 'ଗଣମାଧ୍ୟମ ଓ ଡିଜିଟାଲ ସାକ୍ଷରତା' ଏବଂ 'ଗଣମାଧ୍ୟମରେ କୁଶଳୀ ମାନବ ସମ୍ବଳ ଓ ଜ୍ଞାନୀ ସମାଜ ପାଇଁ ଗଣମାଧ୍ୟମ ଶିକ୍ଷା', ଶୀର୍ଷକରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀର ଅଧକ୍ଷ ଏବଂ ଆଇ.ଏମ୍.ଏସ୍.ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ ଅତିଥିମାନଙ୍କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ, ବରିଷ୍ଠ ଅଧ୍ୟାପକ ଡଃ ଗାୟତ୍ରୀ ପଟ୍ଟନାୟକ ଏହି ଇ-ଉଦ୍‌ଘାଟନ ସଭାକୁ ପରିଚାଳାନା କରିଥିଲେ । ଦେଶ ଓ ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅନେକ ଜ୍ଞାନୀ, ଗୁଣି, ବିଜ୍ଞାନୀ, ଗବେଷକ, ବିଦ୍ୟାର୍ଥୀ, ବୁଦ୍ଧିଜୀବି ଏବଂ ରାଜ୍ୟର ବହୁ ସାମ୍ବାଦିକ ଓ ଗଣମାଧ୍ୟମ ଛାତ୍ରଛାତ୍ରୀ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ ।

ଅଧିବେଶନର ଦ୍ୱିତୀୟ ଦିନରେ ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷାବିତ୍, ଗବେଷକ ଓ ଛାତ୍ରଛାତ୍ରୀ ସେମାନଙ୍କର ଗବେଷଣାତ୍ମକ ସନ୍ଦର୍ଭ ପାଠ କରିବାର କାର୍ଯ୍ୟକ୍ରମ ରହିଛି । ତୃତୀୟ ଦିନରେ ଉଦ୍‌ଯାପନୀ ସମାରୋହରେ ଓଡ଼ିଶାର ମହାମାନ୍ୟ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଏମ.ଜି.ଏମ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଧିର ଗାଭାନେ, ତେଜପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସୁନିଲ କାନ୍ତ ବେହେରା, ମଣିପାଲ ଇନିଷ୍ଟିଚ୍ୟୁଟ୍‌ର ପ୍ରଫେସର ବି ପି ସଂଜୟ, ପରୀର ସଂସ୍ଥାପକ ସଂପାଦକ ପି. ସାଇନାଥ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ସମଗ୍ର ଦେଶର ମତ୍ସ୍ୟ କ୍ଷେତ୍ରରେ 'ଶ୍ରେଷ୍ଠ ପ୍ରଦର୍ଶନକାରୀ ସାମୁଦ୍ରିକ ଜିଲ୍ଲା' ଭାବେ ପୁରସ୍କୃତ ହେଲା ବାଲେଶ୍ୱର ଜିଲ୍ଲା

ଭୁବନେଶ୍ୱର,୨୨/୧୧ (ନି.ପ୍ର): ଭୁବନେଶ୍ୱରଠାରେ ଭାରତ ସରକାରଙ୍କର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଗୋପାଳନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ମତ୍ସ୍ୟ ଦିବସ-୨୦୨୧ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲାକୁ ଶ୍ରେଷ୍ଠ ସାମୁଦ୍ରିକ ଜିଲ୍ଲା ଭାବେ ସମ୍ମାନ ପ୍ରଦାନ କରାଯାଇଛି । ଏହା 'ଲରେ ଓଡ଼ିଶା ମତ୍ସ୍ୟକ୍ଷେତ୍ରରେ ଆଉ ଏକ ମାଇଲ ଖୁଂଟ ଅତିକ୍ରମ କରି ଅନ୍ୟ ଏକ ସମ୍ମାନଜନକ ଜାତୀୟସ୍ତରର ମତ୍ସ୍ୟ ସମ୍ପଦ ପୁରସ୍କାର ହାସଲ କରିଛି ।

ନିୟୁତ ନିୟୁତ ମତ୍ସ୍ୟଜୀବୀ, ମତ୍ସ୍ୟ ଚାଷୀ ଓ ବିଶ୍ୱବ୍ୟାପୀ ମତ୍ସ୍ୟ ବ୍ୟବସାୟ ସହ ଜଡ଼ିତ ଜନସାଧାରଣଙ୍କ ଅବଦାନକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ପ୍ରତିବର୍ଷ ନଭେମ୍ବର ୨୧ ତାରିଖରେ ବିଶ୍ୱ ମତ୍ସ୍ୟ ଦିବସ ପାଳନ କରାଯାଏ । ବିଶ୍ୱରେ ଏକ ସହନଶୀଳ ମତ୍ସ୍ୟ ସମ୍ପଦର ଅବସ୍ଥିତିକୁ ସୁନିଶ୍ଚିତ କରିବା ସହ ସୁସ୍ଥ ସାମୁଦ୍ରିକ ଓ ଅନ୍ତର୍ଦ୍ଦେଶୀୟ ଜଳୀୟ ଜୈବ-ପରିବେଶକୁ ଏହି ଦିବସ ଗୁରୁତ୍ୱ ପ୍ରଦାନ କରେ । ମତ୍ସ୍ୟଚାଷୀଙ୍କ ରୋଜଗାରକୁ ବହୁଗୁଣିତ, ଜୀବିକାର ଉନ୍ନତିକରଣ, ଲାଭଦାୟକ ନିଯୁକ୍ତି ସୃଷ୍ଟି, ପୁଷ୍ଟି ସୁରକ୍ଷା ଏବଂ ଓଡ଼ିଶାର ରପ୍ତାନୀ ରୋଜଗାର ବୃଦ୍ଧିରେ ମତ୍ସ୍ୟ ଓ ଜଳକୃଷିର ଏକ ପ୍ରମୁଖ ଭୂମିକା ରହିଛି । ଓଡ଼ିଶାର ଅଭିବୃଦ୍ଧିରେ ସହାୟକ ହେଉଥିବା ମତ୍ସ୍ୟକ୍ଷେତ୍ର ପ୍ରତି ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେଉଛନ୍ତି ଓ ୧୫.୮୯ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀ, ମତ୍ସ୍ୟ ଚାଷୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଉଦ୍ୟୋଗୀ ଓ ଯୁବଗୋଷ୍ଠୀ ସମ୍ପୃକ୍ତ ଥିବା ମତ୍ସ୍ୟକ୍ଷେତ୍ରର ବିକାଶ ପାଇଁ ଓଡ଼ିଶା ସରକାର ଅଗ୍ରାଧିକାର ଦେଉଛନ୍ତି । ଓଡ଼ିଶାର ୪୮୦ କିମି ସୁଦୀର୍ଘ ଉପକୂଳ, ୪.୧୮ ଲକ୍ଷ ହେକ୍'ର ଖାରି ଜଳକ୍ଷେତ୍ର, ୬.୮୬ ଲକ୍ଷ ହେକ୍'ର ମଧୁର ଜଳକ୍ଷେତ୍ର (ନଦୀ, ଜଳଭଣ୍ଡାର ଓ ପୋଖରୀ ଇତ୍ୟାଦି) ଆଦି ଭାରତର ମତ୍ସ୍ୟ ସମ୍ପଦକୁ ସମୃଦ୍ଧ କରୁଛି । ୨୦୨୦-୨୧ ବର୍ଷରେ ୮.୭୩ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦନ ସହ ଓଡ଼ିଶା ସର୍ବଭାରତୀୟ ସ୍ତରରେ ସର୍ବାଧିକ ମାଛ ଉତ୍ପାଦନରେ ୪ର୍ଥ ସ୍ଥାନରେ ପହଞ୍ଚିଛି ଯାହାକି ରାଜ୍ୟ ସମ୍ବଳର ୨.୩୩% ଅଟେ । ବିଗତ ୫ ବର୍ଷରେ ମତ୍ସ୍ୟ କ୍ଷେତ୍ରର ବାର୍ଷିକ ଅଭିବୃଦ୍ଧି ୧୩% । ବିଶେଷ କରି ଅନ୍ତର୍ଦ୍ଦେଶୀୟ ମତ୍ସ୍ୟକ୍ଷେତ୍ରରେ ଏହି ଅଭିବୃଦ୍ଧି ଖୁବ ଅଧିକ ଯାହାକି ଖାଦ୍ୟ ଓ କୃଷିକ୍ଷେତ୍ରରେ ସର୍ବୋତମ । ଓଡ଼ିଶାରେ ମାଛର ଚାହିଦା ଅଧିକ । ଶତକଡା ୯୪ ଭାଗ ଲୋକ ମାଛ ଖାଇବାକୁ ଭଲ ପାଇଥାନ୍ତି । ଓଡ଼ିଶାର ମତ୍ସ୍ୟ ଉତ୍ପାଦ ଅନ୍ତର୍ଜାତୀୟ ବଜାର ଯଥା ଯୁକ୍ତରାଷ୍ଟ୍ର ଆମେରିକା, ୟୁରୋପ, ଜାପାନ, ଚୀନ, ତଥା ଏସୀୟ ଓ ମ୍ଭପ୍ରାଚ୍ୟ ଦେଶଗୁଡିକରେ ପ୍ରବଳ ଚାହିଦା ରହିଛି । ବିଗତ ଦୁଇ ଦଶନ୍ଧିରେ ରାଜ୍ୟରେ ସାମୁଦ୍ରିକ ଖାଦ୍ୟ ରପ୍ତାନୀ ୯ ଗୁଣ ବୃଦ୍ଧି ପାଇ ୨୦୨୦-୨୧ ରେ ୬୧୦୦୦ ମେଟ୍ରିକ ଟନରେ ପହଞ୍ଚିଛି, ଯାହାର ମୂଲ୍ୟ ୩୧୦୮ କୋଟି ଟଙ୍କା ଅଟେ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଉଥିବା ଅନେକଗୁଡିଏ ସବସିଡ଼ି ଭିତ୍ତିକ ଯୋଜନା ଯୋଗୁଁ ବହୁସଂଖ୍ୟାରେ ଚାଷୀ ଓ ଉଦ୍ୟୋଗୀମାନେ ମଧୁର ଜଳ ଓ ଖାରି ଜଳ ମାଛ ଚାଷ କ୍ଷେତ୍ରକୁ ଆକର୍ଷିତ ହେଉଛନ୍ତି । ନୂତନ ପୋଖରୀ ଖନନ ମାଧ୍ୟମରେ ମଧୁରଜଳ ଓ ଖାରିଜଳ ମତ୍ସ୍ୟଚାଷ କ୍ଷେତ୍ରର ବିକାଶ ନିମନ୍ତେ ରାଜ୍ୟ ସରକାର ଚାଷୀମାନଙ୍କୁ ବାର୍ଷିକ ପ୍ରାୟ ୧୦୦ କୋଟି ଟଙ୍କାର ସବସିଡ଼ି ପ୍ରଦାନ କରୁଛନ୍ତି । ଗ୍ରାମ ପଂଚାୟତ ପୋଖରୀଗୁଡିକୁ ଦୀର୍ଘମିଆଦି ସୂତ୍ରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ମାଛ ଚାଷ ନିମନ୍ତେ ଲିଜ ପ୍ରଦାନ କରାଯାଉଛି । ସମ୍ପ୍ରତି ମିଶନ ଶକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ୮,୩୦୦ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମଧୁରଜଳ ମାଛଚାଷରେ ନିୟୋଜିତ ଅଛନ୍ତି । ଜଳଭଣ୍ଡାରଗୁଡିକରେ ପଞ୍ଜୁରୀ ଭିତରେ ମାଛ ଚାଷ ନିମନ୍ତେ ଏହାର ଜଳଭାଗକୁ ଲିଜ ଦେବା ପାଇଁ ଗତବର୍ଷ ରାଜ୍ୟ ସରକାରଙ୍କ ଦ୍ୱାରା ନୀତି ନିର୍ଦ୍ଧାରଣ କରାଯାଇଛି । ଅନେକ ଉଦ୍ୟୋଗୀ ଓ ଯୁବଗୋଷ୍ଠୀ ଅତି ଆଗ୍ରହପୂର୍ବକ ଏଥିରେ ଆକର୍ଷିତ ହୋଇ ହୀରାକୁଦ ଜଳଭଣ୍ଡାରରେ ପଞ୍ଜୁରୀ ସ୍ଥାପନ କରି ମାଛଚାଷ କରୁଛନ୍ତି । ଜଳଭଣ୍ଡାର ଲିଜରୁ ମିଳୁଥିବା ରୟାଲିଟି ଅର୍ଥ ସ୍ଥାନୀୟ ପ୍ରାଥମିକ ମତ୍ସ୍ୟ ସମବାୟ ସମିତି ଦ୍ୱାରା ମାଛ ଯାଆଁଳ ଛାଡିବା, ଡଙ୍ଗା ଓ ଜାଲ ତଥା ସେ ସମ୍ପର୍କିତ କାର୍ଯ୍ୟ ପାଇଁ ବିନିଯୋଗ ହୁଏ ।

# ଆନ୍ତର୍ଜାତୀୟ ମଂଚରେ ଓଡ଼ିଆ ଝିଅ ପ୍ରିୟାଂଶୀଙ୍କ ସମ୍ବଲପୁରୀ ନୃତ୍ୟର ଝଲକ

ଭୁବନେଶ୍ୱର,୨୨/୧୧ (ନି.ପ୍ର): ନୂଆଦିଲ୍ଲୀ ଠାରେ ଆନ୍ଧ୍ର ଆସୋସିଏସନ, ଲୋଧିରୋଡ଼ସ୍ଥିତ ଗୋଦାବରୀ ଅଡ଼ିଟୋରିୟମ ଠାରେ ଗତ ନଭେମ୍ବର ୧୩ ତାରିଖରୁ ଅନ୍ତର୍ଜାତୀୟ ଟ୍ୟାଲେଂଟ ହଂଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯାହାର ନାଁ ଥିଲା ୩ଆଇଆଇଆଇ ଇଂଟରନ୍ୟାସନାଲ ଇଣ୍ଡିଆନ ଆଇକନ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୬୪୦୦ ପିଲା ଭାଗ ନେଇଥିଲେ । ସେଥିମଧ୍ୟରୁ ମାତ୍ର ୧୫ଜଣ ପିଲା ଫାଇନାଲ ରାଉଣ୍ଡକୁ ମନୋନୀତ ହୋଇଥିଲେ । ସେମାନଙ୍କ ମଧ୍ୟରେ ଓଡ଼ିଶାର କୁନି ପ୍ରତିଭା ୯ ବର୍ଷର ଓଡ଼ିଆ ଝିଅ ପ୍ରିୟାଂଶୀ ଜେନା ଥିଲେ ଅନ୍ୟତମ ।

# ବର୍ଷା ଯୋଗୁଁ ଦକ୍ଷିଣ ଭାରତକୁ ଟ୍ରେନ୍ ସେବା ପ୍ରଭାବିତ

ଭୁବନେଶ୍ୱର ,୨୨/୧୧ (ନି.ପ୍ର): ଲଗାଣ ବର୍ଷାରେ ରେଳ ଧାରଣା ନିକଟରେ ପାଣି ଜମି ରହିବା ଯୋଗୁଁ ଦକ୍ଷିଣ ଭାରତ ଅଭିମୁଖେ ଯାତ୍ରା କରୁଥିବା କିଛି ଟ୍ରେନକୁ ବାତିଲ କିମ୍ବା ଆଂଶିକ ବାତିଲ କରାଯାଇଛି । ଆଜି ଭୁବନେଶ୍ୱରରୁ ଛାଡ଼ିବାକୁ ଥିବା ଭୁବନେଶ୍ୱର-ତିରୁପତି ଏକ୍ସପ୍ରେସ(୨୨୮୭୧) ବାତିଲ ହୋଇଛି । ସେହିପରି ଭୁବନେଶ୍ୱରରୁ ଛାଡ଼ିଥିବା ଭୁବନେଶ୍ୱର-ଯଶୋବନ୍ତପୁର ଏକ୍ସପ୍ରେସ (୧୨୮୪୫) ଏହାର ଯାତ୍ରା ମାର୍ଗରେ ନିୟନ୍ତ୍ରିତ ହେବ କିମ୍ବା ବିଶାଖାପାଟଣାରୁ ଯଶୋବନ୍ତପୁର ମଧ୍ୟରେ ବାତିଲ ରହିବ ।

# ଦାବି ପୂରଣ ନହେଲେ ବିଧାନସଭା ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ

ଭୁବନେଶ୍ୱର,୨୨/୧୧ (ନି.ପ୍ର): ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘର ସଭାପତି ଅକ୍ଷୟ କୁମାର ପାଢ଼ୀଙ୍କ ଆହ୍ୱାନରେ ୩୦ ଜିଲ୍ଲାର ପ୍ରତିନିଧିମାନଙ୍କର ଦାବିପୂରଣ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଭୁବନେଶ୍ୱର ସ୍ଥିତ ଶିକ୍ଷକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । କନିଷ୍ଠ ଶିକ୍ଷକଙ୍କୁ ରାଜ୍ୟ ସରକାର ଅଣଦେଖା କରି ଚାଲିଛନ୍ତି । ଫଳରେ ୨୦୧୫ ମସିହାରୁ ଦୀର୍ଘ ୫ବର୍ଷ ଧରି କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି କରୁନାହାଁନ୍ତି । ମାସକୁ ମାତ୍ର ୬୫୧୨ ଟଙ୍କା ଦରମା ମିଳୁଛି, ଯାହା ମହଙ୍ଗା ବଜାରରେ ନିଜର ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡ଼ିଛି । ଇତିମଧ୍ୟରେ ୨୦୧୮ ମସିହାରେ ଚୁକ୍ତିଭିତିକ ଓ ଆଉଟସୋର୍ସିଂ ମାନଙ୍କର ଦରମା ୨୫ ପ୍ରତିଶତ ବୃଦ୍ଧି କରିଥିଲେ ଓ ଚଳିତବର୍ଷ ୨୦୨୧ରେ ଗତ କ୍ୟାବିନେଟ ବୈଠକରେ ଚୁକ୍ତିଭିତିକ କର୍ମଚାରୀମାନଙ୍କର ୫୦ ପ୍ରତିଶତ ଦରମା ବୃଦ୍ଧି କରିବା ସହ ଚୁକ୍ତିଭିତିକ ପ୍ରଥାକୁ ଉଚ୍ଛେଦ କରି ଇନିସିଆଲ ଆପଏଂଟି ଭାବେ ଘୋଷଣା କଲେ ଓ ଆଉଟସୋର୍ସିଂମାନଙ୍କର ୨୫ ପ୍ରତିଶତ ଦରମା ବୃଦ୍ଧିକଲେ । କିନ୍ତୁ କନିଷ୍ଠ ଶିକ୍ଷକମାନେ ସେମାନଙ୍କ ଦାବିପୂରଣ ନେଇ ସରକାରଙ୍କ ଅବଗତ କରିବା ସତ୍ୱେ କିଛି ସୁଫଳ ମିଳପାରି ନାହିଁ । ନିଜର ନ୍ୟାର୍ଯ୍ୟଦାବୀ ପାଇବା ପାଇଁ ଗୋଟିଏ ଦିନରେ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ତରଫରୁ ଓଡ଼ିଶାର ୩୦ ଜିଲ୍ଲା, ୩୧୪ ବ୍ଲକର କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନେ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । କନିଷ୍ଠ ଶିକ୍ଷକଙ୍କ ଦାବିଗୁଡ଼ିକ ମଧ୍ୟରେ ଓଡ଼ିଶା ବର୍ଗ-ଗ(ଚୁକ୍ତିନାମା ନିୟମ ୨୦୧୩) ଅଧିନସ୍ଥ କର୍ମଚାରୀଙ୍କ ପାଇଁ ଗତ ୧୧.୧୦.୨୦୨୧ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତିର ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ସହିତ ଚୁକ୍ତିନାମା ନିୟମ ୨୦୧୨୩ରେ ସାମିଲ୍ କରିବା, କନିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ତାଲିମପ୍ରାପ୍ତ(ଅତି କୁଶଳୀ) ହୋଇଥିବାରୁ ସେମାନଙ୍କ ଦରମା ସର୍ବନିମ୍ନ ୧୬୦୦୦ ଟଙ୍କା କରିବା ସହ ଏହାକୁ ଗତ ୨୦୧୬ ମସିହାରୁ ଲାଗୁ କରାଯାଉ । ଶେଷରେ ସର୍ବସମ୍ମତିକ୍ରମେ ଆଗାମୀ ଶୀତ ଅଧିବେଶନ ପୂର୍ବରୁ ରାଜ୍ୟ ସରକାର ଯଦି କନିଷ୍ଠ ଶିକ୍ଷକମାନଙ୍କ ଦାବୀ ପୂରଣ ନକରନ୍ତି, ନିଜର ନ୍ୟାର୍ଯ୍ୟଦାବୀ ପାଇବା ପାଇଁ ଆଗାମୀ ୨୯.୧୧.୨୦୨୧ ସୋମବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଧାନସଭା ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ । ପଂଚାୟତ ନିର୍ବାଚନରେ ୧୦ ହଜାର ଶିକ୍ଷକ, ସେମାନଙ୍କ ବନ୍ଧୁ ଓ ପରିବାରବର୍ଗ ଭୋଟ ବର୍ଜନ କରିବାକୁ ନିଷ୍ପତି ନିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ଅକ୍ଷୟ କୁମାର ପାଢୀଙ୍କ ସହ ସମ୍ପାଦକ ନେତ୍ରାନନ୍ଦ ପ୍ରଧାନ, ମହାସଚିବ ଆଦିତ୍ୟ ନାରାୟଣ ସ୍ୱାଇଁ ଓ କନିଷ୍ଠ ଶିକ୍ଷକ ସଂଘର ସମସ୍ତ ଜିଲ୍ଲା ଓ ବ୍ଲକର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଭି.ଏସ୍.ଏସ୍ ନଗରରେ ରକ୍ତଦାନ ଶିବିର

ଭୁବନେଶ୍ୱର,୨୨/୧୧ (ନି.ପ୍ର): ପୋଲିସ କମିସନରେଟ ରେଡ଼କ୍ରସ୍ ସହାୟତାରେ ବାବା ଆଖଣ୍ଡଳମଣୀ ଯୁବକ ସଂଘ ପକ୍ଷରୁ ଭି.ଏସ୍.ଏସ୍ ନଗରର ଦୁର୍ଗାପୂଜା ମଣ୍ଡପରେ ଆଜି ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିରରେ ମୋଟ ୬୦ ୟୁନିଟ୍ ରକ୍ତ ଦାନ କରାଯାଇଥିବା ବେଳେ ଏହି ଶିବିରକୁ ପୋଲିସ୍ କମିଶନର ତଥା ରେଡ଼କ୍ରସ୍ ଆଂଚଳିକ ଶାଖାର ଅଧକ୍ଷ ଶ୍ରୀ ସୌମେନ୍ଦ୍ର ପ୍ରୀୟଦର୍ଶୀ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଏହି ଶିବିରକୁ ଭି.ଏସ୍.ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ତଥା ପୋଲିସ୍ କମିଶନରେଟ୍ ରେଡ଼୍‌କ୍ରସ୍‌ର କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଦିଲ୍ଲୀପ ଦାଶଶର୍ମା, ବାବା ଆଖଣ୍ଡଳମଣୀ ଯୁବକ ସଂଘର ସାଧାରଣ ସମ୍ପାଦକ ସଂଜୟ କୁମାର ସ୍ୱାଇଁ ଓ ରେଡକ୍ରସର ଆଜୀବନ ସଦସ୍ୟ ସମରଞ୍ଜନ ମହାନ୍ତି ପରିଚାଳନା କରିଥିଲେ । ଏହି ଶିବିରରେ ଯୁବକ ସଂଘ ପକ୍ଷରୁ ପୋଲିସ୍ କମିଶନର ଶ୍ରୀ ସୌମେନ୍ଦ୍ର ପ୍ରୀୟଦର୍ଶୀ , ପୋଲିସ୍ କମିଶନରେଟ୍ ରେଡ଼୍‌କ୍ରସ୍ ଯୁଗ୍ମ ସମ୍ପାଦକ ଏ.ସି.ପି ଲଳିତେନ୍ଦୁ ମହାନ୍ତି, ରକ୍ତ ଭଣ୍ଡାର ନିର୍ଦ୍ଦେଶକ ଡ ଦେବାଶିଷ ମିଶ୍ର, ଦୁର୍ଗାପୂଜା ସମିତିର ସଭାପତି ଆର୍ତତ୍ରାଣ ଦଳାଇ, ସାଧାରଣ ସମ୍ପାଦକ ଶିତଳଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ମହେଶ୍ୱର ବିଶ୍ୱାଳ, ହାଟ କମିଟିର ସଭାପତି ଲକ୍ଷ୍ମଣ ସାହୁ, ସମ୍ପାଦକ ମନୋରଞ୍ଜନ ସାହୁ, ସମାଜସେବୀ ଗଗନ ବିହାରୀ ଓ ପ୍ରସନ୍ନ ରଥ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ରକ୍ତଦାନ ଶିବିରରେ ଯୁବକ ସଂଘର ସଭାପତି ବରୁଣ ସାହୁ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ମନୋଜ କୁମାର ସାହୁ, ଜିତେନ୍ଦ୍ର ହାସଦା, ନିରଞ୍ଜନ ବେହେରା, ସୁଶାନ୍ତ କୁମାର ସାହୁ, ସୁସନ୍ଧିତ୍ ସ୍ୱାଇଁ , ଜ୍ଞାନରଞ୍ଜନ ବେହେରା, ବିଶ୍ୱଜିତ ବେହେରା, ସନ୍ଧିତ ବେହେରା, ଦେବାଶିଷ ଜେନା, ସତ୍ୟସୁର୍ୟ ପାଳ ଓ ମୋହନ ରାଓ ପ୍ରମୁଖ ସହଯୋଗ କରିଥିବା ବେଳେ ଉନ୍ନୟନ ପରିଷଦର ଉପ-ସଭାପତି ଡ ଜୟନ୍ତ ପରିଡା, ଦୁର୍ଗାପୁଜା କମିଟିର ଯୁଗ୍ମ-ସମ୍ପାଦକ ନବୀନ କିଶୋର ଭୁକ୍ତା ଓ ରାମଚନ୍ଦ୍ର ସାମଲ, ଇଂ.ନଳିନୀ କୁମାର ମହାନ୍ତି, ଧୀରେନ୍ଦ୍ର କୁମାର ମହାନ୍ତି ଓ ନିତ୍ୟରଞ୍ଜନ ନନ୍ଦ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୭୧ ଜଣ ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୨୨/୧୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୭୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୦ରୁ ୧୮ ବର୍ଷ ମଧ୍ୟରେ ୩୪ ଜଣ ଥିବାବେଳେ ୯୮ ଜଣ ସଙ୍ଗରୋଧରୁ ଥିବାବେଳେ ୭୩ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡିଛି । ୧୭୧ ଜଣ ପଜିଟିଭଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ସର୍ବାଧିକ ୭୬, କଟକରୁ ୧୦, ସମ୍ବଲପୁରରୁ ୧୩, ମୟୁରଭଞ୍ଜରୁ ୫, ଗଞ୍ଜାମରୁ ୭, ସୁନ୍ଦରଗଡରୁ ୫ ଓ ଷ୍ଟେଟ ପୁଲରୁ ୧୮ ଜଣ ଚିହ୍ନଟ ହୋଇଛନ୍ତି । ନୂଆ ପଜିଟିଭଙ୍କ ସଂଖ୍ୟାକୁ ମିଶାଇଲେ ରାଜ୍ୟରେ ସମୁଦାୟ ପଜିଟିଭଙ୍କ ସଂଖ୍ୟା ୧୦ ଲକ୍ଷ ୪୭ ହଜାର ୧୭୪ରେ ପହଞ୍ଚିଥିବାବେଳେ ୧୦ ଲକ୍ଷ ୩୬ ହଜାର ୫୦୧ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ବର୍ତ୍ତମାନ ୨୨୨୬ଟି ସକ୍ରିୟ ମାମଲା ରହିଥିବାବେଳେ ରାଜ୍ୟରେ ୨ କୋଟି ୩୨ ଲକ୍ଷ ୮୬ ହଜାର ୨୯୦ଟି ନମୁନା ପରୀକ୍ଷା କରାଯାଇଛି ।

# ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୨୨/୧୧ (ନି.ପ୍ର): ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଭାପତିତ୍ୱ କରି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶ ସାମ୍ପ୍ରତିକ ପରିସ୍ଥିତିରେ ସାଧାରଣ ଜନତାଙ୍କର ସାମ୍ବିଧାନିକ ଅଧିକାର ଓ ମୌଳିକ ସୁଖ ସୁବିଧା ପାଇଁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସର୍ବଦା ଚେଷ୍ଟିତ ଓ ଆଗାମୀ ଦିନରେ ଲଢ଼େଇ ଜୋରଦାର କରିବାର ଲକ୍ଷ ନେଇ ଆଗେଇ ବାକୁ ଦୃଢ଼ ପରିକର ବୋଲି ମତ ପୋଷଣ କରିବା ସଂଗେ ସଂଗେ ଜନାଭିମୁଖୀ ୬ ଟି ପ୍ରସ୍ତାବ ଉପରେ ନିଜର ଅଙ୍ଗିକାରବଦ୍ଧ ଘୋଷଣା କରିଛନ୍ତି । ଏହି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଅଖିଳ ଭାରତ ଜାତୀୟ କଂଗ୍ରେସର ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର, ଅଖିଳ ଭାରତ କଂଗ୍ରେସ କମିଟିର ସଂପାଦକ ଜି ରୁଦ୍ର ରାଜୁ, ବରିଷ୍ଠ ଆଇନଜୀବି ତଥା ରାଜ୍ୟ କଂଗ୍ରେସର ଉପସଭାପତି ଶିବାନନ୍ଦ ରାୟ, ରାଜ୍ୟ କଂଗ୍ରେସର ଉପସଭାପତି ଯଜ୍ଞେଶ୍ୱର ବାବୁ, ପୂର୍ବତନ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ତଥା ପିସିସି ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାଶ, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ଜାନକୀ ବଲ୍ଲଭ ପଟ୍ଟନାୟକ, ରାଜ୍ୟ କଂଗ୍ରେସ ଟ୍ରେନିଂର ମୁଖ୍ୟ ସଂଯୋଜକ ତଥା ପୂର୍ବତନ ଉପସଭାପତି ଶୁଭେନ୍ଦୁ ମହାନ୍ତି, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଗିତାଞ୍ଜଳି ମହାନ୍ତି, ରଶ୍ମି ମହାପାତ୍ର, ଓ ଅନ୍ୟମାନେ ସଭାରେ ଯୋଗଦାନ କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ଭୁବନେଶ୍ୱର ଜିଲ୍ଲାର ଦିବଂଗତ ନେତୃବୃନ୍ଦଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଉପସଭାପତି ଆଶିଷ ମଲ୍ଲିକ ୧ ମିନିଟ ନୀରବ ପ୍ରାର୍ଥନା କରିବାପାଇଁ ପ୍ରସ୍ତାବ ଦେଇଥିଲେ । ଭୁବନେଶ୍ୱର ଜିଲ୍ଲା ୬ଟି ପ୍ରସ୍ତାବକୁ ଜିଲ୍ଲାର ନୂତନ କର୍ମକର୍ତାଙ୍କ ଜ୍ଞାନ୍ତସାରରେ ପାରିତ କରାଯାଇଥିଲା । ଏହି ପ୍ରସ୍ତାବକୁ ଉପସ୍ଥାପନ କରିଥିଲେ ଜିଲ୍ଲା ମୁଖପାତ୍ର ସଂଜୀବ ମହାନ୍ତି ଉପସ୍ଥାପନ କରିଥିବା ବେଳେ ବ୍ଲକ ସଭାପତି ମିହିର ଆଚାର୍ଯ୍ୟ ସମର୍ଥନ କରିଥିଲେ । ଏହି ୬ଟି ପ୍ରସ୍ତାବ ଉପରେ ନୂତନ କର୍ମକର୍ତା ତଥା ସ୍ଥାୟୀ ନିମନ୍ତ୍ରିତ ସଦସ୍ୟମାନେ ଆଲୋଚନା କରିଥିଲେ ଏବଂ ସର୍ବସମ୍ମତିକ୍ରମେ ଆସନ୍ତା ଦିନରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସହରବାସୀଙ୍କ ସ୍ୱାର୍ଥକୁ ରକ୍ଷା କରିବାପାଇଁ ପ୍ରତ୍ୟେକ ସ୍ତରରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ସହିତ ପ୍ରତ୍ୟେକ ୱାର୍ଡକୁ ପଦଯାତ୍ରା ଏବଂ ଗୃହକୁ ଗୃହ କଂଗ୍ରେସ ସଂପର୍କ ଯାତ୍ରାକରି ଲୋକଙ୍କ ସମସ୍ୟାର ସମାଧାନ କରିବାପାଇଁ ସତଚେଷ୍ଟା କରାଯିବ । ଡ. ଏ ଚେଲା କୁମାର ଆସନ୍ତା ମୁନିସ୍‌ପାଲ ନିର୍ବାଚନରେ କଂଗ୍ରେସ କିଭଳି ବିଜୟ ହାସଲ କରିବ ତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏଥିପାଇଁ ଗୋଟିଏ ମିନିଟ୍ ଆଉ ନଷ୍ଟ ନକରି ପ୍ରତ୍ୟେକ କଂଗ୍ରେସ କର୍ମୀ ନିଜ ୱାର୍ଡରେ ଜନସଂପର୍କ ଯାତ୍ରା କରିବା ସହିତ ଘରକୁ ଘର ବୁଲି କଂଗ୍ରେସ ର ନୀତି ଓ ଆଦର୍ଶକୁ ପ୍ରଚାର କରିବା ସହତ ନିଜ ୱାର୍ଡରେ କଂଗ୍ରେସକୁ ଶକ୍ତ କରିବାର ଦାୟୀତ୍ୱ ନେବାକୁ ପଡ଼ିବ । କୌଣସି ବିଶୃଙ୍ଖଳାକୁ ଗୋଟିଏ ମିନିଟ ପାଇଁ ବରଖାସ୍ତ କରାଯିବ ନାହିଁ । ୬୭ ଟି ୱାର୍ଡର ସଂପୂର୍ଣ୍ଣ ଖସଡ଼ା ପ୍ରସ୍ତୁତି କରିବା ସହିତ କିଭଳି ଲୋକଙ୍କ ସମସ୍ୟା ସହିତ ଏବଂ ଲୋକଙ୍କ ପାଇଁ ଲଢ଼ାଯିବ ତା ଉପରେ ଗୁରୁତ୍ୱରୋପ କରିଥିଲେ । ଏହି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଶ୍ରୀ ଅଶୋକ ଦାସ ୨ ନମ୍ବର ବ୍ଲକ ସଭାପତି ଧନ୍ୟବାଦ ଅର୍ପଣକରିବା ସହିତ ବିଗତ ଦିନରେ ଜିଲ୍ଲା କଂଗ୍ରେସ ଯେଉଁସବୁ କାର୍ଯ୍ୟକ୍ରମ କରିଥିଲେ ତାହାର ଏକ ବିସ୍ତୃତ ବିବରଣୀ ପାଠ କରିଥିଲେ । ଭୁବନେଶ୍ୱରରେ ଥିବା ୮୦ ଜଣରୁ ଅଧିକ ରାଜ୍ୟ କଂଗ୍ରେସର ନେତା ପୂର୍ବତନ ମନ୍ତ୍ରୀ, ବିଧାୟକ ଓ ସାଂସଦମାନେ ଜିଲ୍ଲାର ସମସ୍ତ ନେତୃବୃନ୍ଦଙ୍କ ସହ ମିଶି କିଭଳି ଭୁବନେଶ୍ୱର ଜିଲ୍ଲାର କଂଗ୍ରେସକୁ ସୁଦୃଢ଼ କରିବା ସହିତ ଆସନ୍ତା ନିର୍ବାଚନରେ କିଭଳି ତିନୋଟି ଆସନ ଜିତାଯିବ ସେ ନେଇ ଆଲୋଚନା ହୋଇଥିଲା ।

# ପୀତାମ୍ବରଙ୍କୁ ପରିହାସର ପାତ୍ର କରିଦେଲାଣି ବିଜେପି : ବିଜେଡି

ଭୁବନେଶ୍ୱର ,୨୨/୧୧ (ନି.ପ୍ର): ଶ୍ରୀ ପୀତାମ୍ବର ଆଚାର୍ଯ୍ୟ ଜଣେ ବରିଷ୍ଠ ଆଇନଜୀବୀ ଯିଏ କି ଆଇନକୁ ଭଲ ଭାବେ ଜାଣନ୍ତି । ମୁଁ ତାଙ୍କ ଭଳି ଜଣେ ବରିଷ୍ଠ କିମ୍ବା ଅଭିଜ୍ଞ ନୁହେଁ, କିନ୍ତୁ ମତେ ଖରାପ ଲାଗୁଛି ଯେ ଏଭଳି ଜଣେ ବରିଷ୍ଠ ଆଇନଜୀବୀଙ୍କୁ ଓଡିଶା ବିଜେପି ନିଜର ସଙ୍କୀର୍ଣ୍ଣ ରାଜନୈତିକ ଏଜେଣ୍ଡା ପାଇଁ ପରିହାସର ପାତ୍ରରେ ପରିଣତ କରିଦେଇଛି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ ମହାନ୍ତି । ଶ୍ରୀ ଆଚାର୍ଯ୍ୟଙ୍କ ବକ୍ତବ୍ୟର ଜବାବ ଦେଇ ବିଜେଡି ମୁଖପାତ୍ର କହିଛନ୍ତି, ସେ ଏବେ ନିଜକୁ ଅଭିଶାପ ଦେଉଥିବେ ଯେ ସେ କାହିଁକି ଓଡିଶା ବିଜେପିରେ ଯୋଗଦେଲେ ଏବଂ ଏଭଳି ମିଥ୍ୟା ବିବୃତ୍ତି ଦେଇ ନିଜର ଆଇନ ବୃତ୍ତିକୁ କାହିଁକି ଅସମ୍ମାନ କରୁଛନ୍ତି । ଯଦି ଏହିପରି ସେ ଜାରି ରଖନ୍ତି, ତେବେ ସେ ନିଜର ମହକିଲଙ୍କର ବିଶ୍ୱସନୀୟତା ହରାଇବେ । ଓଡିଶା ବିଜେପିରେ ତାଙ୍କର ଏଭଳି ସ୍ଥିତି ଦେଖି ମୋତେ ଦୟା ଆସୁଛି ବୋଲି ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି ।

# ହାଇଦ୍ରାବାଦରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ସହ ବାଚସ୍ପତିଙ୍କ ଭାବବିନିମୟ

ଭୁବନେଶ୍ୱର ,୨୨/୧୧ (ନି.ପ୍ର): ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ହାଇଦ୍ରାବାଦ ଗସ୍ତରେ ଯାଇ ରବିବାର ଦିନ କେ ଲାଛାମାୟା ଡିମ୍‌ଡ୍ ବିଶ୍ୱବିଦ୍ୟାଳୟର ଡିଜିଟାଲ୍ ରୂପାନ୍ତରୀକରଣ ସେଲ୍‌ର ଉଦ୍‌ଘାଟନ କରିଛନ୍ତି । ବିଶ୍ୱବିଦ୍ୟାଳୟ ପରିସରରେ ଉନ୍ନତ ମାନର ଶିକ୍ଷା ବ୍ୟବସ୍ଥା, ଶୈକ୍ଷିକ ପରିବେଶ, ବ୍ୟକ୍ତିତ୍ୱ ବିକାଶର ତାଲିମ ଇତ୍ୟାଦି ସମ୍ପର୍କରେ ସେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ । ବୈଷୟିକ ଶିକ୍ଷା ଉପରେ ବାଚସ୍ପତି ଗୁରୁତ୍ୱାରୋପ କରିବା ସହ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ଜି ପାର୍ଥସାରଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସେଠାରେ ଅଧ୍ୟୟନରତ ଓଡ଼ିଆ ଛାତ୍ରଛାତ୍ରୀଙ୍କ ସହ ବାଚସ୍ପତି ଭାବ ବିନିମୟ କରିଥିଲେ । କେ ଲାଛାମାୟା ଡିମ୍‌ଡ୍



ବିଶ୍ୱବିଦ୍ୟାଳୟ ସମେତ ହାଇଦ୍ରାବାଦର ଅନ୍ୟ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଓଡ଼ିଆ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ ।

# ପ୍ରଦେଶ ମହିଳା କଂଗ୍ରେସ କମିଟିର ନବନିଯୁକ୍ତ ରାଜ୍ୟ କର୍ମକର୍ତ୍ତା ଓ ଜିଲ୍ଲା ମହିଳା କଂଗ୍ରେସ ସଭାପତିଙ୍କ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର ,୨୨/୧୧ (ନି.ପ୍ର): ଆଗକୁ ପଂଚାୟତ ଓ ପୌରନିର୍ବାଚନକୁ ଆଖିଆଗରେ ରଖି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ନିଷ୍ପତିକ୍ରମେ ଆସନ୍ତା ୨୪.୧୧.୨୦୨୧ ରିଖ (ବୁଧବାର) ପୂର୍ବାହ୍ନ ୧୦ ଘଟିକା ସମୟରେ ପ୍ରଦେଶ ମହିଳା କଂଗ୍ରେସ ସଭାପତି ଶ୍ରୀମତୀ ବନ୍ଦିତା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ କଂଗ୍ରେସ ଭବନ କାର୍ଯ୍ୟାଳୟ ଭୁବନେଶ୍ୱଠାରେ ଅନୁଷ୍ଠିତ ହେଉଅଛି । ଉକ୍ତ ବୈଠକରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ସହ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃମଣ୍ଡଳୀ ଯୋଗଦେଇ ମହିଳା କଂଗ୍ରେସର ସଂଗଠନକୁ ଜିଲ୍ଲା, ବ୍ଲକ ଓ ପଂଚାୟତ ସ୍ତରରେ ସୁଦୃଢ଼ ଓ ଶକ୍ତିଶାଳୀ କରିବାପାଇଁ ଉଦ୍‌ବୋଧନ ଦେବେ । ଏଣୁ ଉକ୍ତ ବୈଠକରେ ନବନିଯୁକ୍ତ ପ୍ରଦେଶ ମହିଳା କଂଗ୍ରେସ କମିଟିର ସମସ୍ତ କର୍ମକର୍ତା, କାର୍ଯ୍ୟକାରିଣୀ ସଭ୍ୟାଗଣ ଓ ଜିଲ୍ଲା ମହିଳା କଂଗ୍ରେସ କମିଟିର ସଭାନେତ୍ରୀମାନେ ଯୋଗଦେବା ପାଇଁ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟିର ସଭାପତି ଶ୍ରୀମତୀ ପରିଡ଼ା ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

## ରାଧାକୃଷ୍ଣ ସଙ୍ଗୀତ ମହାବିଦ୍ୟାଳୟ ଉଦ୍‌ଘାଟିତ

ବାଲିଆପାଳ, ୨୨/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଂଚାୟତ ରେମୁ ଗ୍ରାମର ବାସୁଳୀ ମାତା ମନ୍ଦିର ପରିସରରେ ରାଧାକୃଷ୍ଣ ସଙ୍ଗୀତ ମହାବିଦ୍ୟାଳୟ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ବିଜେଡି ଜିଲା ଉପସଭାପତି ବଳରାମସାହୁ,କଂଗ୍ରେସ ନେତା ଦେବ କୁମାର ଦେ,ଭୋଗରାଇ ବ୍ଲକ ଶିକ୍ଷାଧିକାରୀ ଭଗିରଥ ଗିରି,ଅଧ୍ୟାପକ ସୁକାନ୍ତ ଗିରି, ନିରଞ୍ଜନ ବେହେରା,ଝାଡେଶ୍ୱର ବେହେରା,ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ସଙ୍ଗୀତ ମହାବିଦ୍ୟାଳୟର ରୂପରେଖ ଓ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିଥିଲେ । ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସଂପାଦକ ଶିବାନନ୍ଦ ଦାସ ଅଧିକାରୀ ପ୍ରାରମ୍ଭିକ ସୂଚନା ଓ ବିବରଣୀ ପ୍ରଦାନ କରିଥିଲେ । ଦେବ କୁମାର ଦେ ଅନୁଷ୍ଠାନ ପାଇଁ ୫ ହଜାର ଟଙ୍କା ସହାୟତା ସଂପାଦକଙ୍କୁ ପ୍ରଦାନ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ବାଲିଆପାଳ,୨୨/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଚଉମୁଖ ଗ୍ରାମର ଦେବଦାସ ହାଜରାଙ୍କ ଧର୍ମପତ୍ନୀ ଧର୍ମପାଣା ମହିଳା କାଜଲରାଣୀ ହାଜରାଙ୍କ ଶନିବାର କଟକ ବଡମେଡିକାଲରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳେକୁ ୬୫ ବର୍ଷ ବୟସ ହୋଇଥିଲା । ସେ ଜଣେ ମିଷ୍ଟଭାଷୀ, ଅଧ୍ୟାତ୍ମିକତା ବାଦୀ ମଣିଷ ଥିଲେ । ନିଜେ ଘରେ ରଖିଥିବା ଏକ ଗାଈଠୁ କ୍ଷୀର ଦୋହୁ ଥିବା ବେଳେ ଗାଈର ନାତରେ ସେ ଛିଟକି ପଡିଥିଲେ । ପରେ ଗୁରୁତର ହେବାରୁ ଘର ଲୋକ ତାଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ । ତାଙ୍କର ଆକସ୍ମିକ ମୃତ୍ୟୁ ଯୋଗୁଁ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# ୧୧ ଦଫା ଦାବି ନେଇ ୧୫୭ ଗୋଟି ସମିତି କର୍ମଚାରୀମାନଙ୍କ ଧାରଣା



ଖୋର୍ଦ୍ଧା,୨୨/୧୧ (ନି.ପ୍ର): ସୋମବାର ଦିନ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ମୂଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ୧୫୭ ଗୋଟି ସମିତି କର୍ମଚାରୀ ୧୧ ଦଫା ଦାବି ନେଇ ଆଜି ଠାରୁ ଧାରଣାରେ ବସିଛନ୍ତି । ଓଡ଼ିଶା ସମବାୟ କର୍ମଚାରୀ ମହାସଂଘର ଡାକରାରେ ଏହି ଧାରଣା ଚାଲି ଆସୁଅଛି ।ଏହି ମହାସଂଘ ଓଡିଶା ସମବାୟ ମାନ୍ୟବର ମନ୍ତ୍ରୀ ରାଜା ସ୍ୱାଇଁ, ସମବାୟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବହୁ ଆପତ୍ତି ଅଭିଯୋଗ ନେଇ ଦେଇ ଆଲୋଚନା କରିବାରେ କିଛି କର୍ଣ୍ଣପାତ ନ କରିବାରୁ ଏହି ଆନ୍ଦୋଳନ ଚାଲି ରହିଛି ,ବୋଲି ଏହି ସଂଘର ଉପସଭାପତି ନିତ୍ୟାନନ୍ଦ ଦାସ,ସମ୍ପାଦକ ବିଶ୍ୱନାଥ ମହାରଣା, ଅଭାହାକ ଝଜ ସାମନ୍ତରାୟ ପ୍ରକାଶ କରିଛନ୍ତି ଆମ ଖୋର୍ଦ୍ଧା ଜିଲ୍ଲା ପ୍ରତିନିଧି ପାଖରେ । ଏହାଯୋଗୁ ମହାସଂଘ , ସମତୀ ସଭ୍ୟ ଚାଷୀ ସ୍ୱୟଂ ସହାୟକ ଗୋଷ୍ଠି ଓ କର୍ମକର୍ତ୍ତା ବିଭିନ୍ନ କ୍ଷତି ହୋଇ ଆସୁଅଛି । ମହସଂଘ ଅହି ଆନ୍ଦୋଳନ ୧୪/୧୧/୨୦୨୧ ରିଖ ଠାରୁ ଏହି ୧୧ ଦଫା ବନ୍ଦ ଆନ୍ଦୋଳନ ସାରା ଓଡ଼ିଶା ରେ ଚାଲୁରହିଛି । ଆଗମୀ ଦିନରେ ଦାବି ପୁରଣ ନ ହେଲେ ଏହି ଆନ୍ଦଳନକୁ ତୀବ୍ରତର କରାଯିବ ବୋଲି ପ୍ରକାଶ ପାଉଛି । ଆଜି ଖୋର୍ଦ୍ଧା ସହର ଭ୍ରମଣ କରି ସହ ସହ ସମବାୟ ସମିତି କର୍ମଚାରୀ ଏହି ମୂଖ୍ୟ ଅଫିସ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଆଗରେ ପୁରୁଷ ଓ ମହିଳା କର୍ମୀ ଦୃଢ଼ ଦାବିନେଇ ଧାରଣା ଚାଲୁ ରଖଚନ୍ତି । ତାଙ୍କ ମୂଖ୍ୟ ଦାବି ହେଲା । ୧, ସେମାନଙ୍କୁ ପ୍ରଥମେ ସରକାରୀ କର୍ମଚାରୀ ମାନ୍ୟତା ମିଳୁ । ୨, ସପ୍ତମ ବେତନ କମିଶନ ଅନୁଯାୟୀ ବେତନ ଓ ମାହାଙ୍ଗା ଭତା ଲାଗୁ କରାଯାଉ । ୩, ରାଜ୍ୟ ସରାକାର ଦ୍ୱାରା ନିର୍ଦ୍ଧାରିତ ଐଜ ପଲିସ ୨୦୧୧ ଅନୁଯାୟୀ ପ୍ରାଥମିକ ସମିତିର କର୍ମଚାରୀ ମାନଂକୁ ଯୋଗ୍ୟତା ବାରିଷ୍ଟତା ଭିତ୍ତିରେ ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟ ରେ ନିଯୁକ୍ତି ଦିଆ ଯାଉ । ଏହା ବେତିତ ଆନ୍ୟାନ ଦାବୀ ୯ ଟି ପ୍ରତୀ ସରକାର ବିହୀତ କାର୍ଯ୍ୟ ଅନୁଷ୍ଠାନ କରାଯିବ ପାଇଁ ଦାବି ଉପସ୍ଥାପନ କରିଛନ୍ତି । ମୁଖ୍ୟ ଦାବି ତିନିଟି ପାଇଁ ସେମାନେ ବଧ ପରିକର । ଯାହା ହେଉ ସମବାୟ ବିଭାଗ ସଚିବ ଓ ମନ୍ତ୍ରୀ କର୍ମଚାରୀ ମାନଙ୍କ ସହ ଆଲୋଚନା କରିବାକୁ ଅନୁରୋଧ ।

# ବାଲେଶ୍ୱର ସହର ଗୃହନିର୍ମାଣ ସମବାୟ ସମିତି ରାଜ୍ୟ ସମବାୟ ସଂଘ ଦ୍ୱାରା ପୁରସ୍କୃତ



ବାଲେଶ୍ୱର,୨୨/୧୧ (ନି.ପ୍ର): ଗତ ତା ୨୦ରିଖ ୬୮ ତମ ସମବାୟ ସପ୍ତାହର ଉଦ୍‌ଯାପନ ଦିବସରେ ଏକ ଭବ୍ୟ ସମାରୋହରେ ରାଜ୍ୟ ସମବାୟ ବ୍ୟାଙ୍କ, ଭୁବନେଶ୍ୱର ସଭାକକ୍ଷରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ବାଲେଶ୍ୱର ଟାଉନ ହାଉସିଂ କ୍ରେଡିଟ୍ ଏଣ୍ଡ ଥ୍ରୀଫ୍ଟ ସମବାୟ ସମିତି ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଅଛି । ଉକ୍ତ ସମବାୟ ସମିତି ବିଭିନ୍ନ ସମୟରେ ଉଲ୍ଲେଖନୀୟ ସାମାଜିକ ଅବଦାନ ପାଇଁ ଅତୀତରେ ମଧ ବହୁବାର ପୁରସ୍କୃତ ହୋଇଅଛି । ଅତୀତରେ ମହାମାରୀ ସମୟରେ ମଧ ସାମାଜିକ ଆର୍ଥିକ ଅନଗ୍ରସର ସଭ୍ୟମାନଙ୍କୁ ଆର୍ଥିକ ସହାୟତା ଦେଇଆସିଅଛି । ଉକ୍ତ ସମବାୟ ସମିତି ସଭ୍ୟମାନଙ୍କ ଦ୍ୱାରା ଉପଯୁକ୍ତ ମାର୍ଗ ଦର୍ଶନରେ ପରିଚାଳିତ ହୋଇ ନିଜର ଆର୍ଥିକ ଅଭିବୃଦ୍ଧି କରିବା ସହିତ ସଭ୍ୟମାନଙ୍କର ଆର୍ଥିକ ଅଭିବୃଦ୍ଧିର ସହାୟକ ହୋଇପାରିଛି । ସମିତି ପ୍ରତ୍ୟେକ ଆର୍ଥିକ ବର୍ଷରେ ତା'ର ଲାଭାଂଶ ପରିମାଣ ଅଭିବୃଦ୍ଧି କରିବା ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ ମୂଳଧନ ମଧ ବୃଦ୍ଧି କରି ପାରିଛି । ସମିତିର କର୍ମଚାରୀ/ ସଭ୍ୟସଭ୍ୟାମାନଙ୍କ ପ୍ରୟାସରେ ସଭ୍ୟସଂଖ୍ୟା ବୃଦ୍ଧି ହେବା ସହିତ ଅଂଶଧନ ବୃଦ୍ଧି ହୋଇପାରିଛି । ବନୀକରଣ ଯୋଜନାରେ ସମିତି ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଦ୍ୱାରା ସବୁଜବଳୟ ସୃଷ୍ଟି କରିବାରେ ମଧ ସହାୟକ ହୋଇ ପାରିଛି ।

## ବଡବଜାର ପୋଲରେ ଲାଗିନି ବାଡ : ବଢୁଛି ଦୁର୍ଘଟଣା

ଜଳେଶ୍ୱର, ୨୨/୧୧(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବଡବଜାର ନିକଟରେ ନବନିର୍ମିତ ପୋଲର ଉତ୍ତର ପଟେ ପୂର୍ତ୍ତବିଭାଗ ପକ୍ଷରୁ କୌଣସି ସୁରକ୍ଷାର ବ୍ୟବସ୍ଥା ନଥିବାରୁ ସେଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି । ସାଇଲେ ଓ ବାଇକ୍ ଆରୋହୀ ପୋଲ ଉପରୁ ପ୍ରାୟ ୩୦ ଫୁଟତଳେ ଖସି ପଡୁଥିବାରୁ କ୍ଷତାକ୍ତ ହେଉଛନ୍ତି । କେବଳ ଏତିକି ନୁହେଁ, ପୋଲ କୁପରୁ ବାରମ୍ବାର ଗାଈ, ଷଣ୍ଡ ତଳେ ପଡି ଗୁରୁତର ହେଉଛନ୍ତି । ଗତ କିଛି ଦିନ ତଳେ ୨ ଦିନରେ ୩ଟି ଷଣ୍ଡ ଗୁରୁତର ହୋଇ ଥିବାରୁ ସ୍ଥାନିୟ ବ୍ୟବସାୟୀମାନ ସେମାନଙ୍କର ସେବା ଶୁଶ୍ରୁଷା କରି ଆସୁଛନ୍ତି । ତେଣୁ ପୋଲର ଉତ୍ତର ମୁଣ୍ଡରେ କଂକ୍ରିଟ ପାଚେରୀ ନିର୍ମାଣ ଲାଗି ଦାବି ହେଉଛି ।

# ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ବାଲିଆପାଳ ବ୍ଲକ ଆଗରେ ବିଜେଡିର ବିକ୍ଷୋଭ



ବାଲିଆପାଳ, ୨୨/୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ଆଜି ବାଲିଆପାଳ ବ୍ଲକ ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳ ପକ୍ଷରୁ ବ୍ଲକ ଆଗରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ବିଜେଡି ନେତା ଓ କର୍ମୀ ଏକ ଶୋଭାଯାତ୍ରାରେ ମଧୁପୁରା ପଂଚାୟତ ଖଗଡେଶ୍ୱର ମହାଦେବ ମନ୍ଦିର ଠାରୁ ବାହାରି ବାଲିଆପାଳ ବ୍ଲକ ପର୍ଯ୍ୟନ୍ତ ଆସିଥିଲେ । ସେଠାରେ ପୂର୍ବତନ ସରପଂଚ ଶରତ ପ୍ରଧାନଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗ ଦେଇ ଗ୍ୟାସ ଦର ବୃଦ୍ଧି ଯୋଗୁଁ ଗୃହିଣୀ ମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ବିଗତ ସାଢେ ୩ ବର୍ଷ ଭିତରେ ଗ୍ୟାସ ଦର ୭୦ପ୍ରତିଶତ ବଢିଛି । କେନ୍ଦ୍ର ସରକାରଙ୍କର ଉଜ୍ଜଳା ଯୋଜନା ବିଫଳ ହୋଇଛି ଏହି ଯୋଜନା କରି କେନ୍ଦ୍ର ସରକାର ଗରିବ ଲୋକଙ୍କୁ ଠକିଛନ୍ତି । ସମ୍ମାନୀତ ଅତିଥି ଭାବେ ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା ବକ୍ତବ୍ୟ ପ୍ରଦାନ କରି ରନ୍ଧନ ଗ୍ୟାସ ବର୍ତ୍ତମାନ ଏକ ଅତ୍ୟାବଶ୍ୟକ ସାମଗ୍ରିରେ ପରିଣତ ହୋଇଥିବା ବେଳେ ଏହାର ଦର ବୃଦ୍ଧି ମହିଳାଙ୍କୁ ବହୁତ ବାଧୁଛି ବୋଲି କହିଥିଲେ । ସମସ୍ତେ ଏକଜୁଟ ହୋଇ କେନ୍ଦ୍ର ସରକାରଙ୍କର ଏଭଳି ଅପରିଣାମ ଦର୍ଶୀ ନିଷ୍ପତିକୁ ବିରୋଧ କରିବାକୁ ସେ ଆହ୍ୱାନ ଜଣାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଜଡି ସଭାପତି ଗୋବିନ୍ଦ ଦାସ,ଜିଲ୍ଲା ପରିଷଦ ସଦସ୍ୟ ରବିନ୍ଦ୍ରନାଥ ଅଣ୍ଡିଆ,ମିନତୀ ଜେନା, ବିଜେଡି ନେତା ବଳରାମ ସାହୁ, ଯୁବ ବିଜେଡି ସଭାପତି ସଞ୍ଜୟ ପଧାନ,ବ୍ଲକ ଛାତ୍ର ବିଜେଡି ସଭାପତି ଲକ୍ଷ୍ମୀଧର ପାତ୍ର, ବିଜେଡି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଅଜୟ ସାମଲ. ବିଜେଡି ନେତା ହାଡିବନ୍ଧୁ ରାଉତ,ମହେଶ୍ୱର ଜେନା,ପ୍ରଦୀପ ଜେନା ,ମୃତ୍ୟୁଞ୍ଜୟ ଗୋଛୟତ, ଶ୍ରୀଧର ଡାକୁଆ,ସଂଗ୍ରାମ ପରିଡା,ସରୋଜ ଦାସ ,ସୁଧାଂଶୁ ବାରିକ,ମନ୍ମଥ ଗିରି,ଅଶୋକ ବେହେରା ,ପୁରୋଷ ମ ଜେନା,ବିକାଶ ଜେନା, ମନ୍ମଥ ବାରିକ, ପ୍ରମୁଖ ବହୁ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ ।

# ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପାଳିତ ହେଲା ଉଡ଼ାନ୍ ଉତ୍ସବ




ଭୁବନେଶ୍ୱର,୨୨/୧୧(ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତୀୟ ବିମାନ ସେବାର ଲୋକତାନ୍ତ୍ରିକରଣ ହୋଇଛି, ଏହା କହିଛନ୍ତି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଶ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ । ସୋମବାର ଦିନ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ଆୟୋଜିତ ଉଡ଼ାନ ଉତ୍ସବ ସମାରୋହରେ ଅତିଥି ଭାବେ ଯୋଗ ଦେଇ ଶ୍ରୀ ସିନ୍ଧିଆ ଏହା କହିଛନ୍ତି । ସେ କହିଥିଲେ ଯେ, ଝାରସୁଗୁଡ଼ା ବିମାନ ବନ୍ଦରର ବିକାଶ ସହଯୋଗୀ ସଂଘୀୟ ବ୍ୟବସ୍ଥାର ଏକ ଶ୍ରେଷ୍ଠ ଉଦାହରଣ ଏବଂ ଏହା ଉଡ଼ାନ ଯୋଜନାର ସବୁଠୁ ସଫଳ କାହାଣୀ । କେନ୍ଦ୍ର ଓ ରାଜ୍ୟ ସରକାର ମିଶି କାର୍ଯ୍ୟ କଲେ କିଭଳି ଚମତ୍କାର ହୋଇପାରିବ, ଏହା ତାହାର ଏକ ଉଦାହରଣ ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ । ଶ୍ରୀ ସିନ୍ଧିଆ କହିଥିଲେ ଯେ, କୋଭିଡ ମହାମାରୀ ସମୟରେ ଦେଶର ଅନ୍ୟ ବିମାନ ବନ୍ଦରଗୁଡ଼ିକରେ ଯାତ୍ରୀ ସଂଖ୍ୟା ହ୍ରାସ ପାଇଥିଲା । ମାତ୍ର ଝାରସୁଗୁଡ଼ା ବିମାନ ବନ୍ଦର ଦେଶର କେତୋଟି ହାତଗଣତି ବିମାନବନ୍ଦର ମଧ୍ୟରେ ସାମିଲ ହୋଇପାରିଥିଲା ଯେଉଁଠି ଭିନ୍ନ ସ୍ଥିତି ଦେଖିବାକୁ ମିଳିଥିଲା । ସାରା ଦେଶରେ ମହାମାରୀ କାରଣରୁ ଯାତ୍ରୀ ସଂଖ୍ୟା ୬୨ ପ୍ରତିଶତ ହ୍ରାସ ପାଇଥିଲା, ମାତ୍ର ଏହା ତୁଳନାରେ ଝାରସୁଗୁଡ଼ା ବିମାନ ବନ୍ଦରରେ ମାତ୍ର ୫ ପ୍ରତିଶତ ହ୍ରାସ ଦେଖିବାକୁ ମିଳିଥିଲା । ଏହା ଏହି କ୍ଷେତ୍ର ଏବଂ ଜିଲ୍ଲାରେ ରହିଥିବା ବ୍ୟାପକ ସମ୍ଭାବନାକୁ ପ୍ରଦର୍ଶିତ କରିଥାଏ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ । ଉଡ଼ାନ୍ ଯୋଜନାର ସଫଳତା ଉପରେ ଆଲୋକପାତ କରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ସିନ୍ଧିଆ କହିଥିଲେ ଯେ, ସ୍ୱାଧୀନତା ପରବର୍ତ୍ତୀ ସାତ ଦଶନ୍ଧି ମଧ୍ୟରେ ଦେଶରେ ମାତ୍ର ୭୨ଟି ବିମାନ ବନ୍ଦର ନିର୍ମାଣ ହୋଇପାରିଥିଲା । ହେଲେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସକ୍ଷମ ନେତୃତ୍ୱରେ ୨୦୧୪ ପରଠାରୁ ବର୍ତ୍ତମାନସୁଦ୍ଧା ଦେଶରେ ବିମାନ ବନ୍ଦର ସଂଖ୍ୟା ୧୩୬ରେ ପହଞ୍ଚିଛି । ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଦେଶରେ ମୋଟ ବିମାନବନ୍ଦର ସଂଖ୍ୟାକୁ ୨୨୦ରେ ପହଞ୍ଚାଇବା ଲାଗି ଆମେ ଲକ୍ଷ୍ୟ ରଖିଛୁ । ଏଥିରେ ହେଲିପ୍ୟାଡ୍ ଏବଂ ୱାଟର ଏରୋଡ୍ରମ ସାମିଲ ରହିଛି । ଉଡ଼ାନ୍ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଦେଶରେ ବିମାନ ମାର୍ଗ ଏବଂ ଏୟାରଲାଇନ୍ସ (ବିମାନ ଚଳାଚଳକାରୀ ସଂସ୍ଥା) ଗୁଡ଼ିକର ସଂଖ୍ୟା ମଧ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବା ଶ୍ରୀ ସିନ୍ଧିଆ କହିଥିଲେ । ଝାରସୁଗୁଡ଼ା ଭଳି ସମୃଦ୍ଧଶାଳୀ ଭୂଖଣ୍ଡର ବୈଭବ ଉପରେ ଆଲୋକପାତ କରି ଶ୍ରୀ ସିନ୍ଧିଆ କହିଥିଲେ ଯେ ଏହି ଜିଲ୍ଲା ଓଡ଼ିଶାର ଶକ୍ତି କେନ୍ଦ୍ର । ଅନେକ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଜନ୍ମ ଦେଇଥିବା ଏ ମାଟି ପ୍ରାକୃତିକ ଏବଂ ସାଂସ୍କୃତିକ ସମ୍ପଦରେ ପରିପୂର୍ଣ୍ଣ । ତେଣୁ ଏଠାରେ ଉଡ଼ାନ୍ ମହୋତ୍ସବ ଆୟୋଜନ କରାଯିବା ଯଥାର୍ଥ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ । ଓଡ଼ିଶାରେ ବିମାନ ବନ୍ଦର ସମ୍ପ୍ରସାରଣ ଉପରେ ଆଲୋକପାତ କରି କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାରଙ୍କ ଠାରୁ ଆବଶ୍ୟକ ଜବାବ ମିଳିବା ପରେ ପୁରୀ ଠାରେ ଏକ ନୂତନ ବିମାନ ବନ୍ଦର ନିର୍ମାଣ କରାଯିବ । ସେହିପରି ଝାରସୁଗୁଡ଼ା ବିମାନ ବନ୍ଦରର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ କରାଯିବ । ଏହି କାର୍ଯ୍ୟକ୍ରମ ଅବସରରେ କେନ୍ଦ୍ର ମନ୍ତ୍ରୀ ଦେଶର ବିଭିନ୍ନ ଭାଗରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଥିବା ବିମାନବନ୍ଦର ନିର୍ଦ୍ଦେଶକ/ଅଧିକାରୀ ଏବଂ ଉଡ଼ାନ ଯୋଜନାର ହିତାଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ଇଣ୍ଡିଆନ ସ୍କୁଲ୍ ଅଫ ବିଜନେସ ପକ୍ଷରୁ କରାଯାଇଥିବା 'ଉଡ଼ାନ ଯୋଜନାର ସାମାଜିକ-ଆର୍ଥିକ ପ୍ରଭାବ ଅଧ୍ୟୟନ ରିପୋର୍ଟ'କୁ ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଉନ୍ମୋଚନ କରିଥିଲେ । ତାଙ୍କ ଉପସ୍ଥିତିରେ ଉଡ଼ାନ୍ ଏବଂ ମେକ୍ ମାଇଁ ଟ୍ରିପ୍ ମଧ୍ୟରେ ସହଭାଗୀ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ଏହି ଅବସରରେ ଉଡ଼ାନ୍ ଲୋଗୋ ପ୍ରତିଯୋଗିତାର ଫଳାଫଳ ଘୋଷଣା କରାଯାଇଥିଲା । କ୍ଷେତ୍ରୀୟ ଯୋଗାଯୋଗ ଯୋଜନା (ଆରସିଏସ) ଅଧୀନରେ ଶିଲଂ ଏବଂ ଦୀମାପୁର ମଧ୍ୟରେ ନୂତନ ଉଡ଼ାନ ବିମାନ ସେବାକୁ କେନ୍ଦ୍ର ମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମମିତା ହତ୍ୟା ଘଟଣା : ଅଭିଯୁକ୍ତ ....

ମହିଳା ଓ ଶିଶୁ ବିଭାଗ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଏକ ଟୁଇଟ କରିଥିଲେ । ଟୁଏଟରେ ଉଭୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେଯେ, ରାଜନୈତିକ ଭିନ୍ନମତଦବାଦକୁ ଭୁଲିଯାଇ ଏକତା ଭାବେ ମମିତା ପରିବାରର ଦୁଃଖରେ ସାମିଲ ହେବାକୁ । ରାଜ୍ୟର ଜଣେ ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସ୍ୱାଭାବିକ, କିନ୍ତୁ ବିଜେପିର କେନ୍ଦ୍ରମନ୍ତ୍ରୀଙ୍କ ଶରଣରେ ଗଲେ କାହିଁକି ? ଗୋବିନ୍ଦ ସାହୁ ସନ୍ଦେହଜନକ ଫେରାର ହେଲା ଟିଟିଲାଗଡ଼ରୁ, ମନ୍ତ୍ରୀ ସେହି ଟିଟିଲାଗଡ଼ର ବିଧାୟକ । 'ଗୋବିନ୍ଦ ସାହୁ"ଙ୍କୁ ଫେରାର କରିବା ପଛରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ହାତ ଥିବା ଓ ପୋଲିସ ଏହି ରାଷ୍ଟ୍ରମନ୍ତ୍ରୀଙ୍କ ବୋଲକରା ସାଜୁଥିବା ଯୋଗୁଁ ସେ ଉଭୟ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେକି ? ପୋଲିସ ମାତ୍ରାଧିକ ଉଦାସୀନତା ସହ ଯେହେତୁ ଗୃହରାଷ୍ଟ୍ର ମନ୍ତ୍ରୀଙ୍କୁ ସଂପୃକ୍ତି ଅଭିଯୋଗ ଆସୁଥିବା ଯୋଗୁଁ ଓଡ଼ିଶା ପୋଲିସ ନିଜ ବିଭାଗର ମନ୍ତ୍ରୀଙ୍କୁ ବାନ୍ଧିବା ସମ୍ଭବ ନୁହେଁ । ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ପରିପ୍ରେକ୍ଷୀରେ ବହୁ କ୍ୟାବିନେଟ ମନ୍ତ୍ରୀ ସେ ଅଂଚଳରେ ଥିଲେ । ପୋଲିସ ଓ ପ୍ରଶାସନ ତତ୍ପର ଥିଲା । ଖୋଦ ଗୃହ ରାଷ୍ଟ୍ରମନ୍ତ୍ରୀ କଳାହାଣ୍ଡି ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଧରି ବୁଲୁଥିଲେ । କେହିବି ମୃତ ମମିତାର ପରିବାରକୁ ସମବେଦନା ଜଣାଇବାକୁ ଯାଇ ନାହାନ୍ତି କିମ୍ବା ମୁଖ୍ୟମନ୍ତ୍ରୀଙ୍କ ମଧ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଅନୁରୋଧ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ପଦୁଟିଏ ମଧ କହିନାହାନ୍ତି, ତା'ର କାରଣ କ'ଣ ? ଟୁଇଟ୍ ସହ ଏକ ଭିଡିଓ ଅପଲୋଡ କରାଯାଇଛି ।

## ପଞ୍ଚାୟତ ନିର୍ବାଚନ ପୂର୍ବରୁ ....

ରୋଷେଇ କରି ପ୍ରତିବାଦ ଜଣାଇଛନ୍ତି । ଅନ୍ୟପଟେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ବହିଷ୍କାର ଓ ମମିତାଙ୍କ ପରିବାରକୁ ନ୍ୟାୟ ଦାବିରେ ପ୍ରତିବାଦ କରିଛି ବିଜେପି । ନବୀନ ନିବାସ ଘେରାଉ କରିବାକୁ ରାଜମହଲ ଛକରୁ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ ବିଜେପି କର୍ମୀ । ଶିଶୁ ଭବନ ଛକରେ ପୋଲିସ ସେମାନଙ୍କୁ ଅଟକାଇବାରୁ ଧସ୍ତାଧସ୍ତି ହୋଇଥିଲା । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କୁ କଂଗ୍ରେସର ପ୍ରଶ୍ନ । କେଉଁଠୁ ଆଣିଲେ ମମିତାଙ୍କ ବାପା-ମାଆଙ୍କ ଭିଡିଓ ? ମମିତା ମେହେର ହତ୍ୟାକାଣ୍ଡ ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଇସ୍ତଫା ଦାବି କରି ଆସୁଥିବା କଂଗ୍ରେସ, ମନ୍ତ୍ରୀ ଟୁକୁନି ସାହୁଙ୍କୁ ବିବାଦ ଭିତରକୁ ଟାଣିଛି । ମନ୍ତ୍ରୀ ଟୁଇଟ୍ କରିଥିବା ମମିତାଙ୍କ ବାପା-ମାଆଙ୍କ ଭିଡିଓ କେଉଁଠୁ ଓ କିପରି ଆଣି ପୋଷ୍ଟ କଲେ ବୋଲି ପ୍ରଶ୍ନ କରିଛି କଂଗ୍ରେସ ।

## ସାହାରା କମ୍ପାନୀରେ ଟଙ୍କା ଲଗାଇ ....

ସୁଧ ପାଇବା ଆଶାରେ ସାହାରରେ ଟଙ୍କା ଲଗାଇଥିଲେ । ଏହି ଅଭିଯୋଗ ତାଲିକାରେ ଜଣେ ମହିଳା ଏଜେଣ୍ଟ ମଧ ସାମିଲ ହୋଇଛନ୍ତି । ଯିଏକି କମ୍ପାନୀର ନିର୍ଦ୍ଦେଶ କ୍ରମେ ବିଭିନ୍ନ ଲୋକଙ୍କୁ ବୁଝାଇ ସୁଝାଇ ସାହାରାରେ ପୁଞ୍ଜି ନିବେଶ କରାଇଥିଲେ । କିନ୍ତୁ ସେ କିପରି ନିଜର ୧୦ ଲକ୍ଷ ଟଙ୍କା ଫେରିପାଇବେ ଏବେ ସେହି ଚିନ୍ତାରେ । ଜମାକାରୀ ଟଙ୍କା ଫେରିପାଉନାହାନ୍ତି ।

## ୩ ମାସରେ ଭିଜିଲାନ୍ସ ଜାଲରେ ....

ବାଲେଶ୍ୱର ;୨୦୨୧ ଅକ୍ଟୋବର ୪ରେ ମୀନା ପାତ୍ର, ସିଡିପିଓ, ଭବାନୀପାଟଣା, କଳାହାଣ୍ଡି , ୨୦୨୧ ଅକ୍ଟୋବର ୨୫ ରେ ପୁଷ୍ପାଞ୍ଜଳି ରଥ: ସିଡିପିଓ, ଥୁଆମୂଳ ରାମପୁର, କଳାହାଣ୍ଡି ; ୨୦୨୧ ନଭେମ୍ବର ୯ରେ ସାରଳା ଦେଇ, ସିଡିପିଓ, ବାଲିକୁଦା, ଜଗତସିଂହପୁର , ୨୦୨୧ ନଭେମ୍ବର ୯: ପ୍ରତିମା ସାହୁ: ଅଙ୍ଗନବାଡ଼ି ସୁପରଭାଇଜର, ବାଲିକୁଦା, ଜଗତସିଂହପୁର ଏବଂ ୨୦୨୧ ନଭେମ୍ବର ୨୨: ହର୍ଷମଣି ଦେଇ, ଆଇସିଡିଏସ୍ ସୁପରଭାଇଜର, ସିନାପାଲି, କଳାହାଣ୍ଡି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି ।

## ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହେଲେ....

ମଧ ସମ୍ମାନିତ ହୋଇଛନ୍ତି । ୧୯୯୯ କାରଗିଲ ଅପରେସନ ବେଳେ ତାଙ୍କର ସାହସିକତା ପାଇଁ ଏହି ସମ୍ମାନ ମିଳିଥିଲା । ଅପରେସନ ରକ୍ଷକ ବେଳେ ସେ ବିପଦପୂର୍ଣ୍ଣ ସ୍ଥାନରେ ୨୭ ଥର ବିମାନ ଉଡ଼ାଇଥିଲେ । ଏହାସହ ଟାଇଗର ହିଲ୍ ଉପରେ ସେ ପ୍ରଥମ ଲେଜର ଗାଇଡେଡ୍ ବୋମା ପକାଇଥିଲେ । ଦିଲ୍ଲୀପ କୁମାର ପଟ୍ଟନାୟକ ୧୯୮୪ରେ ବାୟୁସେନାରେ ଯୋଗଦେଇଥିଲେ । ମିରେଜ୍ ଓ ମିଗ୍ ପରି ବିଭିନ୍ନ ପ୍ରକାର ଯୁଦ୍ଧ ବିମାନ ଚଳାଇବାରେ ସେ ଅଭିଜ୍ଞ ।

# ବାରିପଦା ସହରରେ ମଧୁବନ ଠାରେ ଜବରଦଖଲ ଉଚ୍ଛେଦ



ବାରିପଦା, ୨୨/୧୧ (ନି.ପ୍ର): ବାରିପଦା ସହରରେ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା । ଆଜି ସହରର ୱାର୍ଡ ନମ୍ବର ୭ ମଧୁବନ ଅଞ୍ଚଳରେ ରାସ୍ତା କଡରେ ଜବରଦଖଲ ହୋଇଥିବା କିଛି ଦୋକାନ ଓ ବାସଗୃହ ଗୁଡିକୁ ବାରିପଦା ତହସିଲଦାର ବିକ୍ରମ କେଶରୀ ପରିଡାଙ୍କ ଉପସ୍ଥିତରେ ଜେସିବି ମେସିନ ଲଗାଇ ଭଙ୍ଗା ଯାଇଛି । ଉଦଳା- ବାରିପଦା ରାଜ୍ୟ ରାଜପଥ ପୋଡାଅସ୍ତିଆ ଠାରେ ଏକ ନୂତନ ପୋଲର ନିର୍ମାଣ କାର୍ଯ୍ୟ ଚାଲୁରହିଛି । ବର୍ତ୍ତମାନ ପୋଲର ସଂଯୋଗୀ କରଣ ରସ୍ତା କାର୍ଯ୍ୟ ଆରମ୍ଭ ହେବାକୁ ଥିବାରୁ ଆଜି ମୋଟ ୪୦ ଜଣ ଜବରଦଖଲ କାରୀଙ୍କୁ ଉଚ୍ଛେଦ କରାଯାଇଛି । ସେମାନଙ୍କ ମଧରୁ ୧୫ଟି ପରିବାର ଲୋକ ରହୁଥିବା ଘର ଥିବା ବେଳେ ୨୫ଜଣ ଅସ୍ଥାୟୀ ଦୋକାନୀ ରହିଛନ୍ତି । ଭଙ୍ଗା ଯାଇଥିବା ସ୍ଥାନରେ ଅସ୍ଥାୟୀଘର , ଗୁମୁଟି ପକାଇ ଓ ଦୋକାନୀ ମାନେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଆସୁଥିଲେ । ଜବର ଦଖଲ ଉଚ୍ଛେଦକୁ ସମସ୍ତେ ସ୍ୱାଗତ କରିଥିବା ବେଳେ, କରୋନା ଯୋଗୁଁ ଦୋକାନୀ ମାନେ ଆର୍ଥିକ ଭାବେ ଦୁର୍ବଳ ରହିଥିବା ବେଳେ ସେମାନଙ୍କୁ ଥଇଥାନ ନକରି ପ୍ରଶାସନ ପକ୍ଷରୁ ଅଚାନକ ଉଛେଦ କରିବାକୁ ବିରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା ଓ ଦୋକାନୀ ମାନେ । ସେମାନଙ୍କୁ ତୁରନ୍ତ ସହାୟତା ଯୋଗାଇଦେବା ସହ ଥଇଥାନ କରିବାକୁ ଦାବି କରାଯାଇଛି ।

# ମହତାବ ଜୟନ୍ତୀ ଓ ବାର୍ଷିକ ଉତ୍ସବ ପ୍ରସ୍ତୁତି

ଖଇରା,୨୨/୧୧ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ମା ଅମ୍ବିକା ମନ୍ଦିର ପରିସରରେ ଡ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳନ ଓ ମା ଅମ୍ବିକା ବିଶ୍ୱକଲ୍ୟାଣ ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ ପସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ରବିବାର ଦିନ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ଶରତ କୁମାର ବିଶ୍ୱାଳ ସଭାପତିତ୍ୱରେ ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବକ୍ତାମାନେ ସ୍ୱାଧିନତା ପରେ ଓଡିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଡଃ ହରେକୃଷ୍ଣ ମହତାବଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ସମ୍ପାଦକ ଡା ଉମେଶ ଚନ୍ଦ୍ର ମହାନ୍ତି ବିବରଣି ପାଠ କରିଥିଲେ । ଆସନ୍ତା ଜାନୁଆରୀ ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା । ଜଳଧର ଦାସଙ୍କ ରଚିତ କବିତା ସଂକଳନ ଭାବର ସ୍ୱର ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଚିତ୍ତ ରଞ୍ଜନ ସାମନ୍ତରାୟ ଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରସନ୍ନ ମଉଗଜ,ରତ୍ନାକର ପଣ୍ଡା,ବସନ୍ତ କୁମାର ଦାସ,ଅର୍ଜୁନ ମହାରଣା, ଚିନ୍ତାମଣି ସେଠୀ, ସୁରେନ୍ଦ୍ରନାଥ ବଳବନ୍ତରାୟ,ଗୋପିନାଥ ବେହେରା ପ୍ରମୁଖ କବିତା ପାଠ କରିଥିଲେ ।

# ଉଦଳାରେ ପାଳିତ ହେଲା ବାବା ସାରଥୀଙ୍କ ଜନ୍ମ ଦିବସ



ଉଦଳା,୨୨/୧୧ (ନି.ପ୍ର): ଦିର୍ଘ ଦିନର ନିରବତା ପରେ ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଦିନ କେନ୍ଦ୍ରାପଡ଼ାର ବହୁ ଚର୍ଚ୍ଚିତ ବାବା ସାରଥୀଦେବ ଓରଫ ସନ୍ତୋଷ କୁମାର ରାଉଳଙ୍କ ଜନ୍ମ ଦିନ ଉଦଳାରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ଼ ନଂ-୧୧ ଏବଂ ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ଡ଼ିମଗଡ଼ିଆ ଗ୍ରାମ ଠାରେ ଭକ୍ତ ମାନଙ୍କ ଦ୍ୱାରା ସବୁ ପ୍ରକାର ପ୍ରସ୍ତୁତି ପର୍ବ ଆୟୋଜିତ ହୋଇଥିଲା । ପ୍ରଭାତରେ ନଗର ସଂକିର୍ତ୍ତନ ସରିବା ପରେ ୱାର୍ଡ଼ ନଂ-୧୧ ସ୍ଥିତ ଭାଗିରଥି ପ୍ରସାଦ ସାହାଙ୍କ ବାସ ଭବନରେ ସମସ୍ତେ ଏକତ୍ରୀତ ହୋଇଥିଲେ । ଏଠାରେ ସାରଥୀ ବାବାଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ଭଜନ କିର୍ତ୍ତନ ଆୟୋଜିତ ହୋଇଥିଲା । ପରେ ଅନୁଭବ କଥନର ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ଭକ୍ତ ମାନେ ସାରଥୀ ବାବାଙ୍କୁ ଭଗବାନଙ୍କର ଅବତାର ବୋଲି କହିବା ସହିତ ତାଙ୍କର ଆଲୌକିକତା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ସେହିପରି ଡ଼ିମଗଡ଼ିଆ ଗ୍ରାମ ଠାରେ ଅନୁରୂପ ଭାବେ ଭଜନ, କିର୍ତ୍ତନ ସରିବା ପରେ ଗରିବ ବ୍ରାହ୍ମଣ ଓ ଭିନ୍ନକ୍ଷମ ମାନଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା । ଶେଷରେ ପ୍ରସାଦ ବିତରଣ ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା । ସାରଥୀ ପରିବାରର ସମସ୍ତ ସଦସ୍ୟ ଉକ୍ତ ଜନ୍ମ ଦିବସ ପାଳନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସମସ୍ତ କାର୍ଯ୍ୟ କୋଭିଡ଼ ନିୟମ କାନୁନକୁ ମାନି ପାଳିତ ହୋଇଥିଲା ।

ବାଲେଶ୍ୱର, ମଙ୍ଗଳବାର, ୨୩ ନଭେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି



## ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ମୂଲ୍ୟବୃଦ୍ଧିକୁ ବିଜେଡିର ପ୍ରତିବାଦ

ଜଳେଶ୍ୱର,୨୨/୧୧(ନି.ପ୍ର): ଦେଶରେ ରନ୍ଧନ ଗ୍ୟାସ୍, ପେଟ୍ରୋଲ ଓ ଡିଜେଲର ମୂଲ୍ୟବୃଦ୍ଧି କ୍ରମଗତଭାବେ ବୃଦ୍ଧି ପାଉଥିବାରୁ ସାମଗ୍ରୀକଭାବେ ଅସନ୍ତୋଷ ବୃଦ୍ଧି ପାଉଛି । ଏହାକୁ ଆଧାର କରି ବିଜୁ ମହିଳା, ବିଜୁ ଛାତ୍ର ଓ ଯୁବ ବିଜୁ ଜନତା ପକ୍ଷରୁ ପୂର୍ବ ସୂଚନା ଅନୁଯାୟୀ ଆଜି ଜଳେଶ୍ୱର ବ୍ଲକ ଓ ପୌର ପାଳିକା ସମ୍ମୁଖରେ ବିକ୍ଷୋଭ ଓ ଗଣ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଲକ୍‌ଡାଉନ୍ ସମୟରୁ କ୍ରମାଗତ ଉପରୋକ୍ତ ନିତ୍ୟବ୍ୟବହାର୍ଯ୍ୟ ପେଟ୍ରୋଲିୟମ ଜିନିଷର ମୁଲ୍ୟବୃଦ୍ଧି ଯୋଗୁଁ ଜଳେଶ୍ୱର ବ୍ଲକ ସମ୍ମୁଖରେ ବିଜେଡିର ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ନେତୃତ୍ୱରେ ଏପରି ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ସଭାପତି ଭୂପତିଚରଣ ମିର୍ଦ୍ଧାଙ୍କ ପୌରହିତ୍ୱରେ ବିଧାୟକ ଶ୍ରୀ ପାତ୍ର କେନ୍ଦ୍ର ସରକାରଙ୍କ ଦରବୃଦ୍ଧି ଓ ଜନମାରଣ ନିତୀ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଭାରୀ ରଣଜିତ୍ ମହାପାତ୍ର, ବିଜେଡି ମହିଳା ଜିଲ୍ଲା ସଭାପତି ବିନ୍ଦୁବାଳା ନନ୍ଦି, ମାନସ ଜେନା, ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ଛାତ୍ର ସଭାପତି କାଳିଚରଣ ଦାସ, ଯୁବ ସଭାପତି ଚନ୍ଦନ କର, ମହିଳା ସଭାପତି ସଂଚିତା ସେନାପତି, ସମିତା ସଦସ୍ୟ ରାଜେନ୍ଦ୍ର ପାତ୍ର, ଝାଡେଶ୍ୱର ଦାସ, ରାସବିହାରୀ ରଣା, ମଧୁସୂଦନ ସେନାପତି, ତପନ ଦାସ, ଜଗନ୍ନାଥ ବେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅନୁରୂପଭାବେ ଜଳେଶ୍ୱର ପୌରପାଳିକାରେ ମଧ୍ୟ ଏପରି ବିକ୍ଷୋଭ ଓ ଆନ୍ଦୋଳନ ବିଧାୟକ ଶ୍ରୀ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ବିଜେଡି ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ପର୍ଯ୍ୟବେକ୍ଷକ ରଣଜିତ୍ ମହାପାତ୍ର, ଛାତ୍ର ସଭାପତି ସୁରଜ ଚୌରାସିଆ, ଟାଉନ୍ ମହିଳା ସଭାପତି ଗୀତାଞ୍ଜଳି ସାମନ୍ତ, ଟାଉନ୍ ସଭାପତି ସୁରଜିତ୍ ଘୋଷ, ବିଜୟ କାମିଲା, ଯୁବ ସଭାପତି ଆନନ୍ଦ କର, ସୁଶାନ୍ତ କୁମାର ସାହୁ, ଗୁରୁପ୍ରସାଦ ସାମନ୍ତ, ସଂଜିବ ପାଳ, ସେକ୍‌ଅବଦୁଲ ରହିମ୍, ଅମୂଲ୍ୟ ଦତ୍ତ, ହରିଶ ପ୍ରଧାନ, ହାସିରୁଦ୍ଦିନ ବକ୍ସ, ମୀର ଆବସର ଅଲ୍ଲି, ଚିତ୍ତରଂଜନ ମହାନ୍ତି, ଗୁନୁ ଦତ୍ତ ପ୍ରମୁଖ ନେତୃସ୍ଥାନୀୟ ବ୍ୟକ୍ତି ବିଜେଡି ସୁପ୍ରିମ ନବିନ ବାବୁ ଓଡିଶାର ସାଢେ ୪ କୋଟି ଲୋକଙ୍କ ଲାଗି ଯୋଜନାପରେ ଯୋଜନା କରି ଚାଲିଥିବା ବେଳେ କେନ୍ଦ୍ର ସରକାର ପେଟ୍ରୋଲିୟ ଜାତୀୟ ପଦାର୍ଥର ମୂଲ୍ୟବୃଦ୍ଧି କରି ଅସ୍ଥିରତା ସୃଷ୍ଟି କରିଥିବା କହିଥିଲେ ।

# ଜାତୀୟ ରାଜପଥ ପ୍ରାଧିକରଣ ନିର୍ଦ୍ଦେଶକଙ୍କ ପ୍ରତିଶ୍ରୁତି ପାଣିର ଗାର

## ସ୍ଲିପରୋଡ ଓ ରାଜପଥ ମରାମତି କାର୍ଯ୍ୟ, ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି : ଦୁର୍ଘଟଣା ଥମିବାର ନାଁ ଧରୁନି



ଜଳେଶ୍ୱର. ୨୨/୧୧(ନି.ପ୍ର): ବାଲେଶ୍ୱରର ନହର ପାଟଣାରୁ ଆସନଶୋଲ ଯାଏ ଲମ୍ବି ଯାଇଥିବା ୬୦ନଂ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ବଡ ବଡ ଫାଟ ଓ ଗର୍ତ୍ତ ସୃଷ୍ଟି ହୋଇଛି । ଏହାର ନିରାକରଣ ଲାଗି ଅଢେଇ ମାସ ପୂର୍ବରୁ ଜଳେଶ୍ୱରର ଏକ ପ୍ରତିନିଧି ଦଳ ଜାର୍ତୀ ରାଜପଥ ପ୍ରାଧିକାରଣ ନିର୍ଦ୍ଦେଶକଙ୍କ ସହିତ ସାକ୍ଷାତ ଆଲୋଚନା ସାରି ଫେରିଥିଲେ । କିନ୍ତୁ ପ୍ରତିଶୃତି ପାଳନ ହୋଇ ନଥିବାରୁ ୬୦ନଂ ଜାର୍ତୀ ରାଜପଥରେ ବହୁ ଦୁର୍ଘଟଣା ବଢୁଛି । ସେହିପରି ସ୍ଲିପରୋଡ ଗୁଡିକର ଅବସ୍ଥା ଅବର୍ଣ୍ଣନୀୟ । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ସ୍ୱପ୍ନୟ ଚତୁର୍ଭୁତ ରାଜପଥ ମଧ୍ୟରେ ୬୦ନଂ ଜାତୀୟ ରାଜପଥ ଅନ୍ୟତମ । ଏହି ରାସ୍ତା ଫଳରେ ଚେନାଇରୁ କୋଲକତା ଯାତାୟତ ଲାଗି ୩୫ କି.ମି. ଦୂରତା କମିଯାଇଥିଲା । ୫ନଂ ଜାତୀୟ ରାଜପଥଣ ବାଲେଶ୍ୱର ନିକଟ ନହରପାଟଣାରୁ ଏହି ରାସ୍ତାରଟି ଖଡଗପୁର ମଧ୍ୟଦେଇ ଆସନଶୋଳ ଯାଏ ପ୍ରାୟ ୪୬୦ କିମି. ଅତିକ୍ରମ କରିଛି । ରାଜପଥ ନିର୍ମାଣରେ ତ୍ରୁଟି ରହିଥିବାରୁ ୨୦୦୮ ବନ୍ୟାବେଳେ ରାଜପଥର ବହୁ ରାସ୍ତା ଓ ପୋଲ ଧୋଇ ଯାଇଥିବା ବେଳେ ଜଳ ନିଷ୍କାସନରେ ବାଧା ଉପୁଜିଥିଲା । ତେଣୁ ୪ଶହ କୋଟି ଟଙ୍କା ବ୍ୟୟରେ ୨ୟ ଥର ରାଜପଥର ନବିକରଣ ହୋଇଥିଲା । ଅଦ୍ୟାବଧି ଭେଲୋରାଠାରେ ଗଳାପୋଲ, ଜଳେଶ୍ୱର ନିକଟରେ ଥିବା ବିଭିନ୍ନ ସ୍ଲିପରୋଡ ଗୁଡିକ ଦୂରାବସ୍ଥା ଏବଂ କେତେକ ସ୍ଥାନରେ ରାଜପଥ ଫାଟି ଆଁ କରିଛି । ଏ ସମ୍ପର୍କରେ ଜଳେଶ୍ୱରସ୍ଥିତ ସମାଜକଲ୍ୟାଣ ବିକାଶ ପରିଷଦ ପକ୍ଷରୁ ସମ୍ପାଦକ ହାଇକୋର୍ଟର ଆଇନଜିବୀ ରାମଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଖଡଗପୁର ଯାଇ ରାଜପଥ ପ୍ରାଧିକରଣ ନିର୍ଦ୍ଦେଶକ ସୁବ୍ରତ କୁମାର ନାଗଙ୍କ ସହ ଦୀର୍ଘ ସମୟ ଆଲୋଚା ପରେ ସମସ୍ତ ସ୍ଲିପ ରୋଡ ଓ ରାସ୍ତା କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା ସୂଚନା ଦେଇଥିଲେ । ଏ ସମ୍ପର୍କରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ନିର୍ଦ୍ଦେଶକଙ୍କ ସହିତ ଆଲୋଚନା ହୋଇଥିଲେ । ଘଟଣାର କିଛିଦିନ ପରେ ରାସ୍ତାକାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଅଧାପନ୍ତୁରିଆ ହୋଇ ପଡି ରହିଛି । ରାସ୍ତାର ବିଭିନ୍ନ ସ୍ଥାନରେ କଂକ୍ରିଟ ଖୋଳି ନବିକରଣ ହେବାକୁ ପ୍ରସ୍ତୁତି ନେଇଥିବା ବେଳେ ଅଦ୍ୟବଧି ତାହା କାର୍ଯ୍ୟକାରୀ ହେଉନଥିବା ଓ ସ୍ଲିପ ରୋଡ ଗୁଡିକରେ କେବଳ ମୋରମ ଓ ମେଟାଲ ପକାଯାଇ ଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି । ଆସନ୍ତା ମଂଗଳାର ୬୦ନଂ ଜାତୀୟ ରାଜପଥର ପ୍ରବନ୍ଧକ ଜି ଘଟକ ଜଳେଶ୍ୱର ଇନ୍ ହୋଟେଲରେ ରହି ସମୀକ୍ଷା କରିବାକୁ ଆସୁଥିବା ପ୍ରକାଶ । କିନ୍ତୁ ରାସ୍ତା ଓ ସ୍ଲିପ ରୋଡର ସୁଧାର ଲାଗି ଆଜି ସମାଜକଲ୍ୟାଣ ବିକାଶ ପରିଷଦ ପକ୍ଷରୁ କାର୍ଯ୍ୟକାରୀ ସଭାପତି ଡ. ରମାକାନ୍ତ ଭଂଜ, ସଂପାଦକ ରାମଚନ୍ଦ୍ର ଜେନା, ଇଂ ରାମଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ପରିଡା, ଡ. ଅଜିତ୍ କୁମାର ମହାନ୍ତି, ବନମାଳି ଧଳ, ଆଦିତ୍ୟ ନାରାୟଣ ପାତ୍ର, ପ୍ରଦୀପ ଚାନ୍ଦ, ସାପନ ଜେନା, ରବିନ୍ଦ୍ର ପାତ୍ର, ରିଆଜ ଖାଁ, ସୁଧିର ମହାନ୍ତି, ଅବନୀ ଚାନ୍ଦ, ରବିନାରାୟଣ ପାତ୍ର ଓ ଗୌରଗୋପାଳ ସେନ୍ ପ୍ରମୁଖ ଏକ ବୈଠକରେ ମିଳିତ ହୋଇଥିଲେ ।

## କରୋନାରୁ ସୁସ୍ଥ ହେଲେ ୨୪୫ ଆକ୍ରାନ୍ତ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ ଆଉ ୨୪୫ ଜଣ ଆକ୍ରାନ୍ତ କରୋନା ସଂକ୍ରମଣରୁ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୬ ହଜାର ୭୪୬ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୧୮ ଜଣ ଓ କଟକ ଜିଲ୍ଲାରୁ ୨୨ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ସମ୍ବଲପୁରରୁ ୧୮, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼ରୁ ୮ ଜଣ ଲେଖାଏଁ, ବାଲେଶ୍ୱରରୁ ୬, ମୟୂରଭଂଜରୁ ୫, କେନ୍ଦ୍ରାପଡ଼ାରୁ ୪, ଢେଙ୍କାନାଳ, ଜଗତସିଂହପୁର, କେନ୍ଦୁଝରରୁ ୩ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

## ମୟୂରଭଞ୍ଜ ହେରିଟେଜ ୱାକ୍‌ର ଚତୁର୍ଥ ସଂସ୍କରଣ ଅନୁଷ୍ଠିତ




ବାରିପଦା, ୨୨/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟଟନ, ଇତିହାସ, ଐତିହ୍ୟ, କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ମୟୂରଭଞ୍ଜ ଲଭର୍ସ ଓ ମୟୂରଭଞ୍ଜ ମିରର ଗ୍ରୁପ ଦ୍ୱାରା ଯୁବ ପିଢିଙ୍କ ନିକଟରେ ଇତିହାସ ଓ ଐତିହ୍ୟର ପ୍ରଚାର ପ୍ରସାର ନିମନ୍ତେ ଆୟୋଜିତ ହୋଇଆସୁଥିବା ମୟୂରଭଞ୍ଜ ହେରିଟେଜ ୱାକ୍‌ର ଚତୁର୍ଥ ସଂସ୍କରଣ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ହେରିଟେଜ ୱାକ୍‌ର ଅଭିଯାତ୍ରୀ ଦଳ ପ୍ରଥମେ ବାରିପଦା ସ୍ଥିତ ପ୍ରସିଦ୍ଧ ବାଣ୍ଟିଆ ଜଗନ୍ନାଥ ମନ୍ଦିରକୁ ବୁଲିଯାଇଥିଲେ । ମୟୂରଭଞ୍ଜ ଲଭର୍ସର ସଦସ୍ୟ କୁମାରେଶ ନାୟକ ଏହି ମନ୍ଦିରର ପ୍ରତିଷ୍ଠା ପଛର କାହାଣୀ, ଇତିହାସ, ଗଠନ ଶୈଳୀ ଓ ଐତିହ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ ଏହାପରେ ନିକଟସ୍ଥ ଐତିହାସିକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପାଠାଗାର ବା ଜୁବୁଲି ଲାଇବ୍ରେରୀକୁ ବୁଲିଯିବା ସହ ଏହି ପାଠାଗାରର ପ୍ରତିଷ୍ଠା, ବ୍ରିଟିସ ଶାସନ କାଳ ସହ ଏହାର ସମ୍ପର୍କ ଓ ଏହି ପାଠାଗାରର ଗୁରୁତ୍ୱ ସମ୍ପର୍କରେ ସଦସ୍ୟ ଋଷିରାଜ ପଟ୍ଟନାୟକ ଅଭିଯାତ୍ରୀ ମାନଙ୍କୁ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଆୟୋଜିତ ଆଲୋଚନା ଚକ୍ରରେ ଯୁବପିଢିଙ୍କୁ ମୟୂରଭଞ୍ଜ ମାଟିର ଇତିହାସ ଓ ଐତିହ୍ୟ ପ୍ରତି କିଭଳି ଆକୃଷ୍ଟ କରାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଯୋଜକ ଦେବଜିତ ପଟ୍ଟନାୟକ ଓ ସପନ କୁମାର ମହାନ୍ତ ପରିଚାଳନା କରିଥିବା ବେଳେ ସଦସ୍ୟ ଜୟ ପ୍ରକାଶ ସିଂହ, ସୁଶ୍ରୀ ନାୟକ, କିଶୋର କୁମାର ମହାନ୍ତି, ଶ୍ରୁତି ସ୍ୱପ୍ନା, ସୁଶ୍ରୀ ମହାନ୍ତି, ଭାସ୍ୱତୀ ପଣ୍ଡା, ଗିରିଜା ଶଙ୍କର ଦାସ, ତେଜସ୍ୱିନୀ ରାୟ, ରିମା ମୁଖୀ ପ୍ରମୁଖ ସହଯୋଗ କରିଥିଲେ ।

## କ୍ଷେତ୍ରବାସୀ ହାଇସ୍କୁଲ ୧୯୮୬ ବ୍ୟାଚ୍‌ର ବନ୍ଧୁମିଳନ ଓ ଗୁରୁପୂଜନ



ଭଦ୍ରକ,୨୨/୧୧ (ନି.ପ୍ର): ପ୍ରତ୍ୟେକ ଶିକ୍ଷାର୍ଥୀ କ୍ଷେତ୍ରରେ ତାର ବିଦ୍ୟାଳୟ ଜୀବନ ସବୁଠାରୁ ଶ୍ରେଷ୍ଠ ଓ ଅଭୁଲା ହୋଇଥାଏ । ଯାହା ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନରେ ଏକ ଅବିସ୍ମରଣୀୟ ମୁହୂର୍ତ୍ତର ସୁବାସ ପରି ମହକୁଥାଏ ବୋଲି ଆଜି ଭଦ୍ରକ ଚୁନିଦାସ୍ଥିତ କ୍ଷେତ୍ରବାସୀ ହାଇସ୍କୁଲର ୧୯୮୬ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଓ ଗୁରୁ-ଶିଷ୍ୟ ପରମ୍ପରାର ପୂଜନୀୟ ଉତ୍ସବରେ ମତପ୍ରକାଶ ପାଇଛି । ପ୍ରାରମ୍ଭରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୂର୍ବତନ ଶିକ୍ଷକଙ୍କୁ ଶ୍ରେଣୀଗୃହକୁ ବନ୍ଦାପନା ମଧରେ ସ୍ୱାଗତ କରାଯାଇଥିଲା । ପୁରାତନ ଛାତ୍ର ଅନନ୍ତ କୁମାର ମହାରଣା ବର୍ତ୍ତମାନର ପ୍ରଧାନ ଶିକ୍ଷକ ଭୀମସେନ ପରିଡା ଓ ପ୍ରାକ୍ତନ ଶିକ୍ଷକ ବ୍ୟୋମକେଶ ମିଶ୍ର, ନିତ୍ୟାନନ୍ଦ ସାମଲ, ପୂର୍ଣ୍ଣାନନ୍ଦ ମହାପାତ୍ର, ମାନସ କୁମାର ରାଉତ, ଅଚ୍ୟୁତାନନ୍ଦ ସାହୁ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ପିଅନ ମୋହନ ଚନ୍ଦ୍ର ଦାସ ଓ ନଟବର ନାୟକଙ୍କୁ ମଂଚକୁ ନିମନ୍ତ୍ରଣ କରିବା ପରେ ପ୍ରଧାନଶିକ୍ଷକ ଶ୍ରୀ ପରିଡାଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଏହାପରେ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ଗାନ ପରେ ଦିବଂଗତ ଶିକ୍ଷକ ଓ ପରିଚାଳନା କମିଟିର ସଦସ୍ୟମାନଙ୍କ ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ବିଦ୍ୟାଳୟର ପୁରାତନ ଛାତ୍ରୀ ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ଦ୍ୱାରା ଗୁରୁବନ୍ଦନା ସଂଗୀତ ନୃତ୍ୟ ମାଧମରେ ପରିବେଷଣ ହୋଇଥିଲା । ଏହାପରେ ଛାତ୍ରଛାତ୍ରୀମାନେ ଉପସ୍ଥିତ ସମସ୍ତ ପୁରାତନ ଓ ବର୍ତ୍ତମାନର ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଓ ଉପହାର ପ୍ରଦାନ କରିବା ପରେ ରାଜେନ୍ଦ୍ର ପ୍ରସାଦ ସାହୁ ସଭାର ଆଭିମୁଖ୍ୟ ପରିବେଷଣ କରିଥିଲେ । ଉପସ୍ଥିତ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନିଜ ନିଜର ପରିଚୟ ଅତୀତର ସ୍ମୃତି ଓ ଅନୁଭୂତି ପ୍ରଦାନ କରିବା ପରେ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ପୁରାତନ ଛାତ୍ରଛାତ୍ରୀଙ୍କୁ ଆର୍ଶୀବଚନ ମାଧମରେ ଆର୍ଶୀବାଦ କରିଥିଲେ ।

## ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ଗଣଧାରଣା ଓ ଦାବିପତ୍ର



ଖଇରା,୨୨/୧୧ (ନି.ପ୍ର): ରନ୍ଧନ ଗ୍ୟାସ ର ଅହେତୁକ ଦରବୃଦ୍ଧି ବିରୋଧରେ ଖଇରା ବ୍ଲକ ବଜୁ,ମହିଳା,ଛାତ୍ର ଜନତା ଦଳ ତରଫରୁ ଖଇରା ବ୍ଲକ ସମ୍ମୁଖରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଛି । ବ୍ଲକ ବିଜୁ ଯୁବ ଜନତା ସଭାପତି ମୁକ୍ତିକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦସଭାରେ ବ୍ଲକ ମହିଳା ସଂଘ ସଭାପତି ରଶ୍ମିତା ମହାପାତ୍ର,ଛାତ୍ର ଜନତା ସଭାପତି ମାନସ କୁମାର ଦାଶ,ବିଜୁ ଜନତା ସଭାପତି ବ୍ରଜ କିଶୋର ମହାନ୍ତି, ପ୍ରାକ୍ତନ ସିଡିପିଓ ନର୍ମଦା ଦେଓ ଗ୍ୟାସ ଦରବୃଦ୍ଧି ପାଇଁ କେନ୍ଦ୍ରକୁ ସମାଲୋଚନା କରିଥିଲେ । ପରେ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରିବା ପରେ ରଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା ।

## ଶ୍ରୀମନ୍ଦିର ପରିଦର୍ଶନକଲେ ଆରବିଆଇ ଗଭର୍ଣ୍ଣର

ପୁରୀ,୨୨/୧୧ (ନି.ପ୍ର): ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାଶ ଆଜି ସପରିବାର ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କ ଦର୍ଶନ କରିବା ସହିତ ମହାପ୍ରଭୁଙ୍କ ଆଶିଷ ଲୋଡ଼ିଛନ୍ତି । ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର ଶ୍ରୀଦାଶ ଆଜି ସିଂହଦ୍ୱାର ସମ୍ମୁଖରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ମହାପ୍ରଭୁଙ୍କ ଦର୍ଶନ କରିବା ପରେ ସେ ବେଢା ପରିକ୍ରମା କରିବା ସହିତ ମା' ବିମଳା ,ମହାଲକ୍ଷ୍ମୀ ଓ ବଟଗଣେଶଙ୍କୁ ଦର୍ଶନ କରିଥିଲେ । ଏଥିସହିତ ଶ୍ରୀଦାଶ ଶ୍ରୀମନ୍ଦିର ପରିକଳ୍ପନା ପ୍ରକଳ୍ପ ସମ୍ପର୍କରେ ପରିଚାଳନା କମିଟି ସଦସ୍ୟମାନଙ୍କ ସହିତ ମଧ ଆଲୋଚନା କରିଥିଲେ ।

## ଆତ୍ମହତ୍ୟାର ଲାଇଭ ଭିଡିଓ ଭାଇରାଲ



ଖଇରା,୨୨/୧୧ (ନି.ପ୍ର):ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବଟେଶ୍ୱର ଗ୍ରାମର ଅନିରୁଦ୍ଧ ବେହେରାଙ୍କ ପୁଅ ସଞ୍ଜୟ(୨୭) ହାଇଦ୍ରାବାଦ ଷ୍ଟେସନରେ ଟ୍ରେନ ଆଗକୁ ଡେଇଁ ରବିବାର ଅପରାହ୍ନରେ ଆତ୍ମହତ୍ୟା କରିଥିବା ବେଳେ ଏହାର ଲାଇଭ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି । ୩ଦିନ ତଳେ ସଞ୍ଜୟଙ୍କର ପ୍ରେମ ଘଟଣାକୁ ନେଇ ବିବାଦ ଉଠିବା ପରେ ଖଇରା ଥାନାରେ ଏହାର ସମାଧାନ କରାଯାଇଥିଲା । ଏଥିରେ ମାନସିକ ଭାରସାମ୍ୟ ହରାଇ ସେ ହାଇଦ୍ରାବାଦ ପଳାଇ ଦାଦାଙ୍କ ଘରେ ରହୁଥିଲେ । ଏଭଳି ଆତ୍ମହତ୍ୟା ଘଟଣା ରେ ଖଇରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

## ଚକଡାପୋକର କ୍ଷତିଗ୍ରସ୍ତ ମୃତ ଚାଷୀ ଲକ୍ଷ୍ମୀନାରାୟଣ ପରିବାରକୁ ଭେଟିଲେ ଚେଲାକୁମାର

ଜଳେଶ୍ୱର ୨୨/୧୧(ନି.ପ୍ର): ଜଳେଶ୍ୱର ବ୍ଲକର ବିଭିନ୍ନ ସ୍ଥାନରେ ଚକଡା ପୋକ ଲାଗି ବ୍ୟାପକ ଖରିଫ ଧାନର କ୍ଷତି ଘଟିଆସୁଥିବା ବେଳେ ଆରୁହା ପଂଚାୟତର ଶାଳିକୋଠା ଗ୍ରାମର ଲକ୍ଷ୍ମିନାରାୟଣ ଜେନା ବିଷ ପିଇ ଆତ୍ମହତ୍ୟା କରିଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଅଦ୍ୟାବଧି କୃଷିବିଭାଗ କିମ୍ବା ପ୍ରଶାସନ ପକ୍ଷରୁ ସମବେଦନା ଜଣାଇ ଅଧିକାରୀ ଲକ୍ଷ୍ମିନାରୟଣର ଘରେ ପହଞ୍ଚିନଥିବା ବେଳେ ଗତ ଶନିବାର ୯ଟାରେ ଅଖିଳ ଭାରତୀୟ କଂଗ୍ରେସ କମିଟି ସାଧାରଣ ସଂପାଦକ ତଥା ଓଡିଶା ପ୍ରଭାରୀ ଡ. ଚେନାକୁମାର ତାଙ୍କ ଘରେ ପହଞ୍ଚିଥିଲେ । ଲକ୍ଷ୍ମିନାରାୟଣଙ୍କ ଅବର୍ତ୍ତମାନରେ ତାଙ୍କ ପତ୍ନୀ କୋକିଳାଠାରୁ ଆତ୍ମହତ୍ୟା ସଂପର୍କରେ ଜାଣି ଡ. ଚେଲାକୁମାର କୋକିଳାଙ୍କ ହାତରେ ୨୫ହଜାର ଏକ ସହାୟତା ପ୍ରଦାନ କରିଥିଲେ । ଓଡିଶା ସରକାର ଚାଷୀ ଓ ଭାଗଚାଷୀମାନଭ୍‌କ ସ୍ୱାର୍ଥରକ୍ଷା ଲାଗି ବିଶେଷ ଯୋଜନା କାର୍ଯ୍ୟକାରୀ କରିନଥିବା ଜାଣି ଡ. ଚେଲାକୁମାର କ୍ଷୋଭ ପ୍ରକାଶ କରିଥିଲେ । ତାଙ୍କ ସହିତ ଓଡିଶା ସହ ପ୍ରଭାରୀ ବି ରୁଦ୍ର ରାଜୁ, ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ଜିଲା ସଭାପତି ସଂଜିବ ଗିରି, ବିଧାୟକ ପ୍ରାର୍ଥୀ ସୁଦର୍ଶନ ଦାସ, ବ୍ଲକ ସଭାପତି ରାଜିବ ପରିଡା, ନଗର ସଭପତି ଗିରିଜା ଶଂକର ଦାସ, କିଷାନ ସଭାପତି ସୁଦାମ ପାତ୍ର ଓ ଦଳର ବହୁ କର୍ମୀ ଉପସ୍ଥିତ ଥିଲେ ।

## ବାଇକ ବାସ୍କେଟରୁ ୧ ଲକ୍ଷ ଟଙ୍କା ଛିନ୍ତାଇ

ବାଲିଆପାଳ,୨୨/୧୧ (ନି.ପ୍ର): ବାଲିଆପାଳ ପଂଚାୟତ ଜନଗହଳି ପୂର୍ଣ୍ଣ ଜାମକୁଣ୍ଡା ଛକ ନିକଟରୁ ଶନିବାର ମଧ୍ୟାହ୍ନରେ ଜୈନିକ ଏଲ.ଆଇ.ସି ଏଜେଂଟଙ୍କ ବାଇକ ଡିକିରୁ ୧ ଲକ୍ଷ ଟଙ୍କା ଛିନ୍ତାଇ ହୋଇଛି । ମିଳିଥିବା ସୂଚନା ଅନୁସାରେ ଅସ୍ତି ପଂଚାୟତ ଅସ୍ତି ଗ୍ରାମର ଏଲ.ଆଇ.ସି ଏଜେଂଟ ଶନିବାର ଦିନ ବାଲିଆପାଳ ୟୁକୋ ବ୍ୟାଙ୍କର ୧ ଲକ୍ଷ ଟଙ୍କା ଉଠାଇ ବାଇକ ଡିକିରେ ରଖି ନିକଟସ୍ଥ କାନାରା ବ୍ୟାଙ୍କୁ ଆସିଥିଲେ । କାନାରା ବ୍ୟାଙ୍କକୁ ଗଲା ବେଳେ ସେ ଡିକିରୁ ଟଙ୍କା ବ୍ୟାଗଟି କାଢି ସାଙ୍ଗରେ ନେଇଥିଲେ । ସେଠାରେ କାମ ସାରି ବାଇକ ଡିକିରେ ଟଙ୍କା ବ୍ୟାଗ ରଖି ଜାମକୁଣ୍ଡା ଛକ ନିକଟକୁ ଆସିଥିଲେ । ସେଠାରେ ଏକ ଦୋକାନରୁ ଥଣ୍ଡା ପିଉ ଥିଲେ । ଏହି ସମୟରେ ଦୁଇ ଜଣ ବ୍ୟକ୍ତି ଏକ ଆପାଚି ମୋଟର ସାଇକେଲରେ ଆସି ତାଙ୍କ ଗାଡି ପାଖରେ ମୋଟର ସାଇକେଲ ଟିକୁ ରଖିଥିଲେ । ପଛରେ ବସିଥିବା ଲୋକ ଜଣକ ଆଖି ପିଛୁଳାକେ ବାଇକ ବାସ୍କେଟ ଖୋଲି ଟଙ୍କା ବ୍ୟାଗଟିକୁ ବାହାର କରି ଦୃତ ଗତିରେ ପଳାଇଥିଲେ । ଜାମକୁଣ୍ଡା ଛକରେ ଲାଗିଥିବା . ଗହଣା ଦୋକାନର ସି.ସି କ୍ୟାମେରା ଚୋରୀ ର ଫୁଟେଜ କଏଦ ହୋଇଛୀ । ଏ ନେଇ ସଞ୍ଜୟ ଥାନରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଘଟଣାସ୍ଥଳରେ ପହଁଚି ସି.ସି ଟିଭି ଫୁଟେଜ ଜାଞ୍ଚ କରି ଚୋରକୁ ଧରିବା ପାଇଁ ତଦନ୍ତ ଆରମ୍ଭ କରିଛି ।

## ଜଳେଶ୍ୱରରେ ନାହିଁ ଅଲଟ୍ରାସାଉଣ୍ଡ ମେସିନ୍ : ଗର୍ଭବତୀ ମହିଳା ଚିକିତ୍ସାରୁ ବଂଚିତ



ଜଳେଶ୍ୱର, ୨୨/୧୧(ନି.ପ୍ର) :ଜଳେଶ୍ୱର ବ୍ଲକ ଓ ମ୍ୟୁନିସିପାଲଟିରେ ୨ଲକ୍ଷ୬୪ ହଜାର ଲୋକେ ବାସ କରୁଥିବା ବେଳେ କେବଳ ଜଳେଶ୍ୱର ଜିକେ ଭଟ୍ଟର ଡାକ୍ତରଖାନାରେ ପ୍ରତିଦିନ ୧୦ଟି ନବଜାତକ ଜନ୍ମ ହୋଇଥାନ୍ତି । ବିଭିନ୍ନ ଘରୋଇ ଚିକିତ୍ସାଳୟରେ ମଧ୍ୟ ଅନୁରୂପଭାବେ ନବଜାତକ ଜନ୍ମ ହୋଇଥାନ୍ତି । କିନ୍ତୁ ପ୍ରସୂତୀ ମାନଙ୍କ ଚିକିତ୍ସାର ସୁବିଧା ଲାଗି ବିଶେଷ କରି ଅଲଟ୍ରାସାଉଣ୍ଡର ସୁବିଧା ନ ଥିବାରୁ ଗର୍ଭବତି ମହିଳାମାନେ ଖର୍ଚ୍ଚାନ୍ତ ହୋଇ ଦୂର ବାଲେଶ୍ୱର, କଟକ, ଭୁବନେଶ୍ୱରକୁ ଯିବାକୁ ବାଧ୍ୟ ହୋଇଥାନ୍ତି । ଅନ୍ୟପକ୍ଷରେ ଏହି ସୁବିଧା ନଥିବାରୁ ଡାକ୍ତରମଧ୍ୟ ପ୍ରସୂତୀ ଓ ଗର୍ଭସ୍ଥ ଶିଶୁର ଚିକିତ୍ସାରେ ଅସୁବିଧା ଭୋଗିଥାନ୍ତି । ଅତୀତରେ ଜଳେଶ୍ୱର ସହରର ୨ଟି ସ୍ଥାନରେ ବେସରକାରୀ ଭାବେ ଅଲଟ୍ରାସାଉଣ୍ଡର ବ୍ୟବସ୍ଥା ଥିବା ବେଳେ ସରକାରୀ ନିତୀନିୟମକୁ ଲକ୍ଷ୍ୟକରି ତାହା ବନ୍ଦ ହୋଇ ଯାଇଛି । ଏଥିରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଆଶାକର୍ମୀମାନେ ଅସୁବିଧା ଭୋଗି ଆସୁଛନ୍ତି । ଗ୍ରାମାଂଚଳରେ ପ୍ରସୂତି ମାନଙ୍କର ସୁବିଧା ଓ ଚିକିତ୍ସା ଆଶା କର୍ମୀମାନେ ବୁଝିଥାନ୍ତି । ତେଣୁ ସେମାନେ ଗତ ୩ବର୍ଷ ଧରି ହଇରାଣ ହରକତ ହୋଇ ଆସୁଥିବାରୁ ଜିକେଭଟ୍ଟର ହସ୍ପିଟାଲରେ ଅଲଟ୍ରାସାଉଣ୍ଡ ମେସିନ୍ ଯୋଗାଇବାକୁ ବାରମ୍ବାର ଦାବି କରିଆସୁଛନ୍ତି । ଆଜି ଜଳେଶ୍ୱରରେ ଥିବା ୧୬୭ ଜଣ ଆଶା କର୍ମୀଙ୍କ ସଭାପତି ଚାରୁବାଳା ମହାପାତ୍ର ଏ ସମ୍ପର୍କରେ ସବିଶେଷ ଦାବି ଜଣାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ବିଡିଓଙ୍କ ଜରିଆର ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

## ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୨୨/୧୧ (ନି.ପ୍ର): ହରିହର ନଗର ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ଆଜି ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ ରୋଗୀଙ୍କ ରକ୍ତଚାପ, ମଧୁମେହ, ଗଣ୍ଠିବାତ, ଅମ୍ଳପିତ ଆଦି ପରୀକ୍ଷା କରି ଚିକିତ୍ସା, ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ପ୍ରତ୍ୟେକ ସୋମବାର ସକାଳେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୁଏ । ଶିବିରର ପ୍ରାୟୋଜକ ଥିଲେ ଡାକ୍ତର ବିକର୍ତନ ଦାସ ଓ ଜୟନ୍ତୀ ଲାଲ ନରସି ଚୌହାନ । ରାଜ କିଶୋର ସ୍ୱାଇଁ ଓ ମନ୍ଦିର ପରିଚାଳନା କମିଟିର ସଭ୍ୟ ସଭ୍ୟା ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏହାର ସୁଯୋଗ ନେବାକୁ ମନ୍ଦିର କମିଟି ଅନୁରୋଧ କରିଛନ୍ତି ।

## ଇକୋ ଫ୍ରେଣ୍ଡସ ପକ୍ଷରୁ ବୈଜ୍ଞାନିକ ସି. ଭି. ରମଣଙ୍କ ତିରୋଧାନ ଏବଂ ଗିରିଶ ମୁର୍ମୁଙ୍କର ଜନ୍ମ ଦିବସ ପାଳିତ




ମୟୂରଭଞ୍ଜ, ୨୨/୧୧ (ନି.ପ୍ର): ଭାରତ ସ୍ୱାଧୀନତା ମହୋତ୍ସବ ପାଳନ ଅବସରରେ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ଭାରତର ପ୍ରଥମ ନୋବେଲ ପୁରସ୍କାର ପ୍ରାପ୍ତ ବିଶ୍ୱ ପ୍ରସିଦ୍ଧ ବୈଜ୍ଞାନିକ ସି.ଭି. ରମଣଙ୍କର ତିରୋଧାନ ଦିବସ ତଥା ମହୁଲିଆର ସ୍ୱର୍ଗତ ଭାଗବତ ମୁର୍ମୁଙ୍କର ସୁପୁତ୍ର ଆନ୍ତର୍ଜାତିକ ଖ୍ୟାତି ପ୍ରାପ୍ତ ପ୍ରଶାସନିକ ଅଧିକାରୀ ଗିରିଶ ଚନ୍ଦ୍ର ମୁର୍ମୁଙ୍କର ଜନ୍ମ ଦିବସ ନଭେମ୍ବର ମାସ ୨୧ ତାରିଖ ଦିନ ଶିମିଳିପାଳ ଇକୋ ଫ୍ରେଣ୍ଡସର ସମ୍ପାଦକ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି, ଏଥିରେ ମୁଖ୍ୟ ଅତିଥି ଭାବରେ ମା ସବଳା ବିଶ୍ୱ କଲ୍ୟାଣ ସେବା ସମିତିର ସଭାପତି ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନଦା ମହାନ୍ତ, ସମ୍ମାନିତ ଅତିଥି ଭାବରେ ବାପୁଜୀ ହାଇସ୍କୁଲର ବରିଷ୍ଠ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତି, ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ଗନ୍ତାୟତ, ପ୍ରାକ୍ତନ ସରପଞ୍ଚ ପାନ ମଣି ମୁର୍ମୁ, ମୁଖ୍ୟ ବକ୍ତା ଭାବରେ ଇକୋ ଫ୍ରେଣ୍ଡସ ସୁଶ୍ରୀ ସୁଜିତା ମହାନ୍ତି ସମ୍ମାନିତ ବକ୍ତା ଭାବରେ ପ୍ରାକ୍ତନ ଛାତ୍ର ଭକ୍ତହରି ମୁର୍ମୁ, ଉମାକାନ୍ତ ମହାନ୍ତ ପ୍ରମୁଖ ଯୋଗ ଦାନକରି ଆଲୋଚନା ରେ ଅଂଶ ଗ୍ରହଣ କାରିଥିଲେ,ଅଧକ୍ଷୀୟ ବକ୍ତବ୍ୟ ପ୍ରଦାନ କରି ଡ଼କ୍ଟର ରମାକାନ୍ତ ମହାନ୍ତ କହିଲେ ଯେ ଉତ୍କଟ ପରିବେଶ ପ୍ରଦୂଷଣ ରୁ ମୁକ୍ତି ପାଇବାକୁ ହେଲେ ବୃକ୍ଷ ରୋପଣ ଏବଂ ସବୁଜ ଜୀବନ ଶୈଳୀ ପ୍ରତି ଆଗାମୀ ଭବିଷ୍ୟତର ନାଗରିକ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ଓ୍ ତାଲିମ ଦ୍ୱାରା ଶକ୍ତି ଶାଳୀ କରିବାକୁ ହେବ, ଏହି ଅବସରରେ ଇଣ୍ଟର ନ୍ୟାସନାଲ ନେଚରପାଥି ସଂଗଠନ ଓଡିଶା ଶାଖା ପକ୍ଷରୁ କିଏ ହେବ ସ୍ୱାସ୍ଥ୍ୟ ରକ୍ଷକ କୁଇଜ ପରୀକ୍ଷା ଅନୁଷ୍ଠିତ ହୋଇଥିଲା, ଏଥିରେ ବେତନଟୀ ମହାବିଦ୍ୟାଳୟର ଛାତ୍ରୀ କୁମାରୀ ପ୍ରତିଭା ମଞ୍ଜରୀ ଟୁଡୁ, ପିତାମ୍ବର କିସ୍କୁ, କୁବେର କୁମାର ମୁର୍ମୁ ଯଥା କ୍ରମେ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାରୀ କରି ମାନପତ୍ର ସହିତ ପୁରସ୍କାର ଲାଭ କରିଥିଲେ । ଏଥିରେ ୱାର୍ଡ ସଭ୍ୟା ମାମୁନୀ ମହାନ୍ତ ଅଙ୍ଗନବାଡି ଦିଦି ପ୍ରଭାତୀ ହାଁସଦା, ତିଲୋତ୍ତମା ମହାନ୍ତ, ଭୁବନେଶ୍ୱରୀ ମହାନ୍ତ, ରତିକାନ୍ତ ମହାନ୍ତ, ମଦନ ମୋହନ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ, କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ମହୁଲିଆ ସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ଭାରତୀ ମହାନ୍ତ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo